

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୩ ଫେବୃଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 13 FEBRUARY 2024
Vol.No. 35 ■ No.43 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଆସ୍ଥା ଭୋଟ୍‌ରେ ନୀତୀଶ ଉତ୍ତୀର୍ଣ୍ଣ: ଆରଜେଡିକୁ ଝଟ୍‌କା



ନୂଆଦିଲ୍ଲୀ, ୧୨/୨ : ଆସ୍ଥା ଭୋଟ୍‌ରେ ବାଜି ମାରିଲେ ନୀତୀଶ କୁମାର। ବିହାର ମୁଖ୍ୟମନ୍ତ୍ରୀ ନୀତୀଶଙ୍କ ସପକ୍ଷରେ ପଡିଲା ୧୨୯ ଭୋଟ୍। ବିରୋଧୀଙ୍କ କକ୍ଷ ତ୍ୟାଗ ଯୋଗୁ ବିଜେପି, ଜେଡିୟୁ ମେଣ୍ଟ ବିପକ୍ଷରେ ଗୋଟିଏ ବି ଭୋଟ୍ ପଡିନି। ତେବେ ଆରଜେଡିର ତିନି ଜଣ ବିଧାୟକ ଦଳ ବଦଳ କରି ଏନ୍‌ଡିଏ କ୍ୟାମ୍ପରେ ଯୋଗ ଦେଇଥିଲେ। ଏଥିଯୋଗୁ ଆରଜେଡିକୁ ବଡ଼ ଝଟ୍‌କା ଲାଗିଛି। ନୀତୀଶଙ୍କ ବିପକ୍ଷରେ କୌଣସି ଭୋଟ୍ ନପଡିବାରୁ କଂଗ୍ରେସ, ବାମଦଳ ଓ ଆରଜେଡି ଗୃହ ତ୍ୟାଗ କରିଥିଲେ। ଆସ୍ଥା ଭୋଟ୍ ଜିତିବା ପରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର କହିଛନ୍ତି, 'ଆମେ ପୁଣି ଥରେ ଆମ ପୁରୁଣା ସ୍ଥାନକୁ ଫେରି ଆସିଛୁ। ଏଥର ଆମେ ସବୁ ଦିନ ପାଇଁ ଆସିଛୁ। ଚିନ୍ତା କରନି, ଆମେ କାହାର କ୍ଷତି କରିବୁନି। ଆପଣ ସମସ୍ତଙ୍କ ହିତ ପାଇଁ କାମ କରିବୁ। ଆପଣ ଯେଉଁ କମ୍ୟୁନିଟି କଥା କହୁଛନ୍ତି, ତା' ପାଇଁ ବି କାମ କରୁଥିଲୁ ଓ ଆଗକୁ କରିବୁ ମଧ୍ୟ।' ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆରଜେଡି ସ୍ପିକର୍ ଅବଧ ବିହାରୀ ଚୌଧୁରୀ ବିରୋଧରେ ଅବିଶ୍ୱାସ ପ୍ରସ୍ତାବ ଉପରେ ଭୋଟ୍ ଦେବା ସମୟରେ ୧୨୫ଜଣ ବିଧାୟକ ସରକାରଙ୍କ ସପକ୍ଷରେ ଛିଡା ହୋଇଥିଲେ। ସରକାରଙ୍କ ଫ୍ଲୋର ଟେଷ୍ଟରେ ଭୋଟ୍ ଦେବା ବେଳକୁ ଏହି ସଂଖ୍ୟା ୧୨୯କୁ ବୃଦ୍ଧି ପାଇଛି। ସୂତ୍ରରୁ ପ୍ରକାଶ ଯେ ମହେଶ୍ୱର ହାଜାରୀ ଗୃହ ଚଳାଉ ଥିବାବେଳେ ଶାସକ ଦଳର ଦିଲୀପ ରାୟ ଫ୍ଲୋର ଟେଷ୍ଟରେ ଭୋଟ୍ ଦେବାକୁ ହାଜର ହୋଇନଥିଲେ। ଶାସକ ଦଳରୁ ୧୨୬ ଏବଂ ଆରଜେଡିରୁ ତିନୋଟି ଭୋଟ୍ ସହ ମୋଟ ୧୨୯ଟି ଭୋଟ ନୀତୀଶ ସପକ୍ଷରେ ପଡିଥିଲା। ବିହାରରେ ସତ୍ତା ହରାଇ ବସିଥିବା ଆରଜେଡିକୁ ସେତେବେଳେ ଝଟ୍‌କା ଲାଗିଥିଲା ଯେତେବେଳେ ବିହାର ବିଧାନସଭାରେ ଦଳର ତିନି ଜଣ ବିଧାୟକ ଦଳବଦଳାଇ ଏନ୍‌ଡିଏ କ୍ୟାମ୍ପରେ ଯାଇ ବସିଥିଲେ। ବିଧାୟକ ଚେତନ ଆନନ୍ଦ, ନୀଲମ ଦେବୀ ଓ ପ୍ରହ୍ଲାଦ ଯାଦବ ଆରଜେଡି ସଦସ୍ୟଙ୍କ ମଧ୍ୟରେ ଯାଇ ବସିବା ପରେ ଏହାକୁ ନେଇ ଜେଡିୟୁ ନେତା ତେଜସ୍ୱୀ ଯାଦବ ଆପତ୍ତି ଉଠାଇଥିଲେ। ଆସ୍ଥା ଭୋଟ୍ ଯାଏଁ ସମସ୍ତ ବିଧାୟକ ନିଜ ନିଜ ଦଳରେ ବସିବା ଉଚିତ ବୋଲି ସେ କହିଥିଲେ।

## ଭାରତର ବିରାଟ କୂଟନୈତିକ ବିଜୟ : କତାର ଜେଲରୁ ମୁକ୍ତ ହୋଇ ଘରକୁ ଫେରିଲେ ପୂର୍ବତନ ନୌସେନା ଅଧିକାରୀଗଣ



ନୂଆଦିଲ୍ଲୀ, ୧୨/୨ : ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଆଜି ସକାଳେ ଜାରି ଏକ ବିବୃତ୍ତିରେ ଏହି ଘଟଣାକୁ ସ୍ୱାଗତ କରିଛି ଏବଂ କହିଛି ଯେ ଏକ ଘରୋଇ କମ୍ପାନୀ ଅଲ ଡାହରା ଗ୍ଲୋବାଲ କମ୍ପାନୀରେ କାର୍ଯ୍ୟ କରୁଥିବା ଆଠଜଣ ଭାରତୀୟ ନୌସେନା କର୍ମଚାରୀଙ୍କ ମଧ୍ୟରୁ ସାତ ଜଣ କତାରରୁ ଭାରତ ଫେରିଛନ୍ତି। ଗୁପ୍ତଚର ଅଭିଯୋଗରେ ଗଲ୍ଫ ଦେଶ କତାରରେ ବନ୍ଦୀ ହୋଇଥିବା ଆଠଜଣ ପୂର୍ବତନ ଭାରତୀୟ ନୌସେନା କର୍ମଚାରୀଙ୍କୁ ମୁକ୍ତ କରିଛି ଯାହାକୁ ଭାରତ ସ୍ୱାଗତ କରିଛି । ନୂଆଦିଲ୍ଲୀ କହିଛି ଯେ ଆଠ ଜଣ ଭାରତୀୟ ନାଗରିକଙ୍କ ମଧ୍ୟରୁ ସାତ ଜଣ ଘରକୁ ଫେରିଛନ୍ତି । ଏହା ଭାରତ ପାଇଁ ଏକ ବଡ କୂଟନୈତିକ ବିଜୟ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଆଜି ସକାଳେ ଜାରି ଏକ ବିବୃତ୍ତିରେ ଏହି ଘଟଣାକୁ ସ୍ୱାଗତ କରିଛି ଏବଂ କହିଛି ଯେ ଏକ ଘରୋଇ କମ୍ପାନୀ ଅଲ ଡାହରା ଗ୍ଲୋବାଲ କମ୍ପାନୀରେ କାର୍ଯ୍ୟ କରୁଥିବା ଆଠଜଣ ଭାରତୀୟ ନୌସେନା କର୍ମଚାରୀଙ୍କ ମଧ୍ୟରୁ ସାତ ଜଣ କତାରରୁ ଭାରତ ଫେରିଛନ୍ତି ।ଭାରତୀୟ ନାଗରିକଙ୍କ ମୁକ୍ତିକୁ ସ୍ୱାଗତ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି ଯେ କତାରରେ ବନ୍ଦୀ ହୋଇଥିବା ଡାହରା ଗ୍ଲୋବାଲ କମ୍ପାନୀରେ କାର୍ଯ୍ୟ କରୁଥିବା ଆଠ ଜଣ ଭାରତୀୟ ନାଗରିକଙ୍କୁ ମୁକ୍ତ କରିବା ପଦକ୍ଷେପକୁ ଭାରତ ସରକାର ▶▶ପୃଷ୍ଠା ୭

## ମୋହର ମାରିଲା ମୁକ୍ତି ମଣ୍ଡପ ପଣ୍ଡିତ ସଭା: ଏପ୍ରିଲ ୧୪ରେ ପଣା ସଂକ୍ରାନ୍ତି

ଭୁବନେଶ୍ୱର, ୧୨/୨ (ନି.ପ୍ର): ପଣା ସଂକ୍ରାନ୍ତି କେବେ ପାଳନ ହେବ ସେ ନେଇ ଦୂର ହେଲା ଦ୍ୱନ୍ଦ୍ୱ । ହଟିଲା ସଞ୍ଜୟ। ଏପ୍ରିଲ ୧୪ ତାରିଖରେ ପାଳନ ହେବ ମହାବିଷୁବ ପଣା ସଂକ୍ରାନ୍ତି। ଏପ୍ରିଲ ୧୪ରେ ପଣା ସଂକ୍ରାନ୍ତି ପାଳନ ନେଇ ମୋହର ମାରିଛି ମୁକ୍ତି ମଣ୍ଡପ ପଣ୍ଡିତ ସଭା । ତେବେ ଅନ୍ୟ କିଛି ଗଣନାକାରୀ ୧୩ ତାରିଖ ସଂକ୍ରାନ୍ତି ନେଇ କହିଥିବା ବେଳେ ତାହା କିନ୍ତୁ ଗ୍ରହଣ ହୋଇ ନ ଥିବା ଜଣାଯାଇଛି। ଗତ ସପ୍ତାହରେ ଅନୁଷ୍ଠିତ ବୈଠକରେ ୨୦୨୪-୨୫ ପାଞ୍ଜି ଗଣନାରେ ପଣା ସଂକ୍ରାନ୍ତି ତାରିଖକୁ ନେଇ ଦ୍ୱନ୍ଦ୍ୱ ଉଠିଥିଲା। ଏହି ଦ୍ୱନ୍ଦ୍ୱକୁ ଦୂର କରିବାକୁ ଆଜି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ପାଞ୍ଜି ସମୀକ୍ଷା ବୈଠକ ବସିଥିଲା । ଆଗାମୀ ପଣାସଂକ୍ରାନ୍ତି, ମହାବିଷୁବ ସଂକ୍ରାନ୍ତି ଓ ଓଡିଆ ନୂଆବର୍ଷ ପାଳନ ନିମନ୍ତେ ଏପ୍ରିଲ ୧୩ ନା ୧୪ କେଉଁ ତାରିଖରେ ମୋହର ବାଜିବ, ତାହା ଉପରେ ସମସ୍ତଙ୍କ ନଜର ଥିଲା। ଗଣନାକାରମାନେ ଏହା ▶▶ପୃଷ୍ଠା ୭

## ୨୬ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ: ୯୬ଲକ୍ଷ ପରିବାରକୁ ବାଣ୍ଟିବେ ହଜାରେ ଟଙ୍କା ଓ ୨ଟି ଲେଖାଏଁ ଝୋଟ୍ ବ୍ୟାଗ



ଭୁବନେଶ୍ୱର, ୧୨/୨ (ନି.ପ୍ର): ସାଧାରଣ ନିର୍ବାଚନର ଠିକ୍ ପୂର୍ବରୁ ସାଧାରଣ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ରାଜକୋଷ ଖୋଲି ଦେଇଛନ୍ତି। ରାଜ୍ୟର ୯୫.୯୦ଲକ୍ଷ ପରିବାର (ଖାଦ୍ୟ ସୁରକ୍ଷା ହିତାଧିକାରୀ) କୁ ହଜାରେ ଟଙ୍କା ଲେଖାଏଁ ସହ ୨ଟି ଝୋଟ ବ୍ୟାଗ ଯୋଗାଇ ଦେବେ। ଏବାବଦରେ ରାଜ୍ୟ ସରକାର ମୋଟ ୧୨୩୭.୭୪କୋଟି ଟଙ୍କା ବ୍ୟୟ କରିବେ। ନିର୍ବାଚନ ଆଚରଣ ବିଧି ଘୋଷଣା ହେବା ପୂର୍ବରୁ ପ୍ରତି ପରିବାର ପାଖରେ ହଜାରେ ଟଙ୍କା ଲେଖାଏଁ ପହଂଚାଇବାର ଏହି ନୂଆ ଫନ୍ଦି ବାହାର କରିଛନ୍ତି ରାଜ୍ୟର ଶାସକ ବିଜେଡି। ଏହି ପ୍ରସ୍ତାବ ସମେତ ମୋଟ ୨୭ଟି ପ୍ରସ୍ତାବକୁ ଆଜି କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆଜି ସନ୍ଧ୍ୟାରେ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅତନୁ ସବ୍ୟସାଚୀ ନାୟକ ଓ ପ୍ରଦୀପ କୁମାର ଜେନା କହିଛନ୍ତି ଯେ, କ୍ୟାବିନେଟ ବୈଠକରେ ବିଭିନ୍ନ ବିଭାଗର ମୋଟ ୨୭ଟି ପ୍ରସ୍ତାବ ମଧ୍ୟରୁ ୨୬ଟିକୁ ଅନୁମୋଦନ ମିଳିଛି। ଓଡ଼ିଶା ସରକାର ରାଜ୍ୟର ୯୫.୯୦ଲକ୍ଷ ହିତାଧିକାରୀ ପରିବାର(ଉଭୟ ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ହିତାଧିକାରୀ)ଙ୍କ ସୁଗମ ଜୀବିକା ନିର୍ବାହ ନିମନ୍ତେ ପ୍ରତ୍ୟେକ ପରିବାର ପାଇଁ ୨ଟି ଲେଖାଏଁ ଝୋଟ ତିଆରି ବ୍ୟାଗ ଓ ହଜାରେ ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ଥିବା ସମସ୍ତ ହିତାଧିକାରୀ ▶▶ପୃଷ୍ଠା ୭

## ଦେବାଶିଷ ଓ ଶୁଭାଶିଷ ବିଜେଡିର ରାଜ୍ୟସଭା ପ୍ରାର୍ଥୀ: ଘୋଷଣା କଲା ଦଳ

ଭୁବନେଶ୍ୱର, ୧୨/୨ (ନି.ପ୍ର): ରାଜ୍ୟସଭା ନିର୍ବାଚନ ପାଇଁ ରାଜ୍ୟର ଶାସକ ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ସୋମବାର ପ୍ରାର୍ଥୀ ଘୋଷଣା କରିଛି। କଟକ ବାରବାଟୀର ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ଓ ପୁରୀ ଜିଲ୍ଲା ବିଜେଡି ସଭାପତି ଶୁଭାଶିଷ ଖୁଣ୍ଟିଆକୁ ଦଳ ରାଜ୍ୟସଭା ପ୍ରାର୍ଥୀ କରିଛି। ମୁଖ୍ୟମନ୍ତ୍ରୀ ତଥା ଦଳ ସୁପ୍ରିମୋ ନବୀନ ପଟ୍ଟନାୟକ ଉଭୟଙ୍କ ନାଁକୁ ଅନୁମୋଦନ ଦେଇଛନ୍ତି। ଏ ନେଇ ଦଳ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଉଲ୍ଲେଖନୀୟ ଓଡ଼ିଶାରୁ ରାଜ୍ୟସଭାର ୩ଟି ଆସନ ଖାଲି ପଡିଛି। ଦଳ ଦୁଇ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିବା ବେଳେ ଆଉ ଗୋଟିଏ ବାକି ରହିଛି। ଏପ୍ରିଲ ୩ ତାରିଖରେ ରାଜ୍ୟର ୩ ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକ, ପ୍ରଶାନ୍ତ ନନ୍ଦ ଏବଂ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ରାଜ୍ୟସଭା କାର୍ଯ୍ୟକାଳ ଶେଷ ହେଉଛି । ରାଜ୍ୟ ବିଧାନସଭା ସଂଖ୍ୟା ଗଣିତ କହୁଛି ୩ଟି ଯାକ ଆସନ ବିଜେଡି ହାତକୁ ଯିବା ସ୍ପଷ୍ଟ । ତେବେ ବିଜେଡିର ଆଜି ଦୁଇ ଜଣଙ୍କୁ ରାଜ୍ୟସଭା ପ୍ରାର୍ଥୀ କରିଛି। ଦୁଇ ଥର କଟକ ବାରବାଟୀ ବିଧାନସଭା ନିର୍ବାଚନ ଜିତିଥିବା ଦେବାଶିଷ ସାମନ୍ତରାୟଙ୍କୁ ଦଳ ରାଜ୍ୟସଭା ପ୍ରାର୍ଥୀ କରିଛି। ଆଉ ଶୁଭାଷିଶ ଖୁଣ୍ଟିଆକୁ ଦଳ ସଂସଦର ଉଚ୍ଚସଦନକୁ ପଠାଇବ ।

▶▶ପୃଷ୍ଠା ୭

## କେନ୍ଦ୍ର କ୍ରୀଡାମନ୍ତ୍ରୀଙ୍କୁ ରାହୁଲଙ୍କ ଚିଠି : ଚିଠିରେ ସୁନ୍ଦରଗଡ ହକି ଖେଳାଳିଙ୍କ ସମସ୍ୟା ସମାଧାନ କରିବାକୁ ଅନୁରୋଧ



ନୂଆଦିଲ୍ଲୀ, ୧୨/୨ : ଓଡ଼ିଶାର ହକି ଖେଳାଳିଙ୍କ ପାଇଁ ଚିନ୍ତା ପ୍ରକଟ କଲେ ରାହୁଲ ଗାନ୍ଧୀ । ସୁନ୍ଦରଗଡ଼ରେ ଥିବା ସ୍ପୋର୍ଟ୍ସ ଅଥରିଟି ଅଫ ଇଣ୍ଡିଆର ସ୍ୱତନ୍ତ୍ର କ୍ରୀଡ଼ା ଅଞ୍ଚଳର ଆଷ୍ଟ୍ରୋ ଟ୍ରଫକୁ ଶୀଘ୍ର ପରିବର୍ତ୍ତନ କରିବାକୁ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀଙ୍କୁ ଚିଠି । ଗତ ୭ ତାରିଖ ଭାରତ ଯୋଡ଼ ନ୍ୟାୟ ଯାତ୍ରା ସମୟରେ କ୍ରୀଡ଼ା ଛାତ୍ରାବାସର ଅନ୍ତେବାସୀ ରାହୁଲଙ୍କୁ ଭେଟିବା ସହ ଆଷ୍ଟ୍ରୋ ଟ୍ରଫ ପରିବର୍ତ୍ତନ ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ । ଆଷ୍ଟ୍ରୋ ଟ୍ରଫ ନଷ୍ଟ ହୋଇଯାଇଥିବାରୁ ଖେଳାଳିଙ୍କୁ ସମସ୍ୟା ହେଉଛି । ତେଣୁ ଖେଳାଳିଙ୍କ ସମସ୍ୟା ସମ୍ପର୍କରେ ଚିଠି ଲେଖି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀଙ୍କୁ ଜଣାଇଛନ୍ତି ରାହୁଲ । ସୁନ୍ଦରଗଡ଼ ହକିର ଏନ୍ତୁଡ଼ିଶାଳ ହୋଇଥିବା ବେଳେ ଏଠାରେ ହକିକୁ ନେଇ ଖେଳାଳିଙ୍କ ମଧ୍ୟରେ ରହିଛି ଉତ୍ସାହ । ଏଠିକାର ଖେଳାଳି ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଦେଶ ପାଇଁ ସୁନାମ ଆଣିଛନ୍ତି । ତେଣୁ ଖେଳାଳିଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ତୁରନ୍ତ ଆଷ୍ଟ୍ରୋ ଟ୍ରଫ ପରିବର୍ତ୍ତନ କରିବାକୁ ଚିଠି ଲେଖିଛନ୍ତି ରାହୁଲ ।

## ନିର୍ବାଚନ ପାଇଁ ଅଣ୍ଟା ଭିଡିଲାଣି ବିଜେପି: ମାସକରେ ଓଡ଼ିଶା ଆସିବେ ୪ ହେଭିୱେଟ ନେତା



ଭୁବନେଶ୍ୱର, ୧୨/୨ (ନି.ପ୍ର): ୨୪ ନିର୍ବାଚନ ପାଇଁ ଏବେଠୁ ଅଣ୍ଟା ଭିଡିଲାଣି ରାଜ୍ୟ ବିଜେପି । ସଜାଡ଼ିଲଣି କ୍ଷେତ୍ର, ଆରମ୍ଭ କଲାଣି ପ୍ରସ୍ତୁତି। ଚଳିତ ମାସ ପ୍ରଚାର ନିମନ୍ତେ ବିଜେପିର ବହୁ ହେଭିୱେଟ ନେତା ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ରହିଛି। ଏନେଇ ସୂଚନା ଦେଇଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ। ମନମୋହନ ସାମଲଙ୍କ ସୂଚନା ଅନୁଯାୟୀ, ଚଳିତ ମାସ ଶେଷରେ ଓଡ଼ିଶା ଆସିବେ ବିଜେପି ରାଷ୍ଟ୍ରୀୟ ସଭାପତି ଜେ.ପି. ନଡ୍ଡା। ଏହା ପୂର୍ବରୁ ଆସନ୍ତା ୧୩ ତାରିଖରେ ଓଡିଶା ଆସୁଛନ୍ତି ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଶିବରାଜ ସିଂ ଚୌହାନ। ସେ କଟକ ଓ ଜଗତସିଂହପୁର ସଂସଦୀୟ କ୍ଷେତ୍ରର ସମୀକ୍ଷା କରିବେ । ଆସନ୍ତା ୧୫ ତାରିଖରେ ଓଡିଶା ଗସ୍ତରେ ଆସିବେ କେନ୍ଦ୍ର ସଡ଼କ ଓ ପରିବହନମନ୍ତ୍ରୀ ନୀତିନ ଗଡ଼କରୀ । ସେ ପୁରୀ ଯାଇ ଜଗନ୍ନାଥଙ୍କ ଦର୍ଶନ କରିବା ସହ ସଂସଦୀୟ କ୍ଷେତ୍ରର ସମୀକ୍ଷା କରିବା କାର୍ଯ୍ୟକ୍ରମ ରହିଛି। ଏହା ପରେ ଆସନ୍ତା ୨୨ ତାରିଖରେ ଓଡିଶା ଆସିବେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ । ସେ ମଧ୍ୟ ଅନେକ ଗୁଡିଏ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ରାଜନାଥ ସିଂଙ୍କ କାର୍ଯ୍ୟକ୍ରମ କେଉଁଠି ହେବ ତାହା ସ୍ଥିର ହୋଇନି। ହେଲେ ଜେ.ପି. ନଡ୍ଡା କେବେ ଆସିବେ ତାରିଖ ଧାର୍ଯ୍ୟ ହୋଇନି ବୋଲି କହିଛନ୍ତି ମନମୋହନ ସାମଲ ।

## ଆନ୍ଦୋଳନ ପୂର୍ବରୁ ଚାଷୀ ସଂଘକୁ ଝଟ୍‌କା: ଦିଲ୍ଲୀରେ ହୋଇପାରିବନି ବିଶାଳ ସମାବେଶ



ନୂଆଦିଲ୍ଲୀ, ୧୨/୨ : ଦିଲ୍ଲୀରେ ଆଗାମୀ ଏକ ମାସ ପର୍ଯ୍ୟନ୍ତ ବିଶାଳ ସମାବେଶ ଓ ରାଲି ଉପରେ ଲାଗିଲା ପ୍ରତିବନ୍ଧକ । ମାର୍ଚ୍ଚ ୧୨ ତାରିଖ ପର୍ଯ୍ୟନ୍ତ ରାଜଧାନୀରେ କୌଣସି ପ୍ରକାର ବିଶାଳ ସମାବେଶର ଆୟୋଜନ ହୋଇ ପାରିବ ନାହିଁ । କୃଷକଙ୍କ ଦିଲ୍ଲୀ ଚାଲ ଡାକରା ପରେ ଏଭଳି କାର୍ଯ୍ୟାନୁଷ୍ଠାନ ନେଇଛି ପୋଲିସ ପ୍ରଶାସନ । ୧୩ ଫେବ୍ରୁଆରୀ ମଙ୍ଗଳବାର ଦିଲ୍ଲୀରେ ଏକାଠି ହୋଇ ବିକ୍ଷୋଭ କରିବାକୁ ଆହ୍ୱାନ ଦେଇଛି ପଞ୍ଜାବ ଓ ହରିୟାଣାର ବିଭିନ୍ନ ଚାଷୀ ସଂଗଠନ । କୃଷକମାନେ ଟ୍ରାକ୍ଟର ରାଲି କରିବାକୁ ସଜବାଜ ହୋଇଛନ୍ତି । ହଜାର ହଜାର ସଂଖ୍ୟାରେ କୃଷକ ଏକ ସମୟରେ ଆନ୍ଦୋଳନ କରିବାକୁ ଥିବାରୁ ପଞ୍ଜାବ, ହରିୟାଣା ଏବଂ ଦିଲ୍ଲୀରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ନିଜର ବିଭିନ୍ନ ଦାବି ନେଇ ଦିଲ୍ଲୀ ଚାଲ ଡାକରା ଦେଇଛନ୍ତି ଚାଷୀ ସଙ୍ଗଠନ ।

▶▶ପୃଷ୍ଠା ୭

## ମେଡିକାଲ କଲେଜରୁ ଆସିଲା ରାଗିଂ ଅଭିଯୋଗ: ଜୁନିୟରଙ୍କୁ ପିଟିଲେ ସିନିୟର ଛାତ୍ର



ବ୍ରହ୍ମପୁର, ୧୨/୨ (ନି.ପ୍ର): ରାଗିଂ ରୋକିବାକୁ ସରକାରଙ୍କ ନାଲି ଆଖିକୁ କାହାରି ଖାତିର ନାହିଁ। କଠୋର କାର୍ଯ୍ୟାନୁଷ୍ଠାନର ଚେତାବନୀ ସତ୍ତ୍ୱେ ଥମୁନି ରାଗିଂ। ଆଉ ନିରୀହ ଛାତ୍ରଛାତ୍ରୀ ଏହାର ଶିକାର ହେଉଛନ୍ତି। ଏପରି ଏକ କୁତ୍ସିତ ଘଟଣା ବ୍ରହ୍ମପୁର ଏମକେସିଜି ମେଡ଼ିକାଲରେ ଘଟିଛି। ବ୍ରହ୍ମପୁର ଏମକେସିଜି ମେଡ଼ିକାଲ କଲେଜର ଜଣେ ଦ୍ୱିତୀୟ ବର୍ଷ ଏମବିବିଏସ ଛାତ୍ର ଏହି ରାଗିଂର ଶିକାର ହୋଇଛନ୍ତି। ଦୁଇଜଣ ସିନିୟର ଛାତ୍ର ମାଡ଼ ମାରିବା ସହ ରାଗିଂ କରିଥିବା ନେଇ ପୀଡ଼ିତ ଛାତ୍ରଙ୍କ ବାପା ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ରାଗିଂର ଶିକାର ହୋଇଥିବା ଛାତ୍ର ଜଣକ ବାଲେଶ୍ୱର ସୁନାହାଟ ଅଞ୍ଚଳର। ଗତ ଶୁକ୍ରବାର ରାତିରେ କ୍ୟାମ୍ପସ ଭିତରେ ହେଉଥିବା ବ୍ୟାଣ୍ଡପାର୍ଟି ଅଭ୍ୟାସ କାର୍ଯ୍ୟକ୍ରମକୁ ସେ ଯାଇଥିଲେ। ଅଭ୍ୟାସ ପରେ ୨ ଜଣ ସିନିୟର ଛାତ୍ରଙ୍କ ଅନୁରୋଧ ରଖି ସେ ସେମାନଙ୍କୁ ସ୍ଥାନୀୟ ପୁଲିସ୍ ଫାଣ୍ଡି ନିକଟରେ ଛାଡିଥିଲେ। ହେଲେ କୌଣସି କାରଣକୁ ନେଇ ସେଠାରେ ଉପସ୍ଥିତ ଥିବା

# ପ୍ରଗମନ ସଫଳତା ପାଇଁ ରାଜ୍ୟବାସୀଙ୍କ କୃତଜ୍ଞତା ଜ୍ଞାପନ କଲେ ପିସିସି ସଭାପତି ଶରତ ପଟ୍ଟନାୟକ

ଭୁବନେଶ୍ୱର, ୧୨/୨ (ନି.ପ୍ର): ରାଜ୍ୟରେ କଂଗ୍ରେସ ପ୍ରତି ବଢୁଛି ସମର୍ଥନ, କଂଗ୍ରେସ ଟିକେଟ ପାଇଁ ଆଶାୟୀଙ୍କ ମଧ୍ୟରେ ଅପୂର୍ବ ଉତ୍ସାହ ଦେଖାଦେଇଛି । ୨୦୧୯ ନିର୍ବାଚନରେ ୧୪୭ ବିଧାନସଭା ପାଇଁ ୪୩୫ ଜଣ ଓ ୨୧ ଲୋକସଭା ଆସନ ପାଇଁ ୭୦ ଜଣ ଆଶାୟୀ ଆବେଦନ କରିଥିଲେ। ତେବେ ଚଳିତ ୨୦୨୪ ସାଧାରଣ ନିର୍ବାଚନ ପାଇଁ ୧୪୭ ବିଧାନସଭା କ୍ଷେତ୍ରରୁ ୨୫୦୦ରୁ ଅଧିକ ଓ ୨୧ ଲୋକସଭା ଆସନ ପାଇଁ ୬୭୦ ରୁ ଅଧିକ ଆଶାୟୀ ପାର୍ଥୀ ଆବେଦନ କରିଛନ୍ତି। କଂଗ୍ରେସ ଗଣତାନ୍ତ୍ରିକ ପଦ୍ଧତିରେ ପ୍ରାର୍ଥୀ ବାଛିବା ଓ ଟିକେଟରେ ସ୍ୱଚ୍ଛତା ଆଣିବା ପାଇଁ ଗତ ତା. ୦୪/୦୨/୨୦୨୪ ରେ ପ୍ରଗମନ ଦ୍ୱାରା ଟିକେଟ ଆବେଦନ କରିବା ଲାଗି ଦଳ ପକ୍ଷରୁ ଏକ ନୂତନ ଅଭିଯାନ ଆରମ୍ଭ କରାଯାଇଥିଲା। ଏହି ପଦ୍ଧତିକୁ ଆଦର କରିଛନ୍ତି ରାଜ୍ୟର ଅନେକ ଆଶାୟୀ ପାର୍ଥୀ। ଏଥିପାଇଁ ରାଜ୍ୟବାସୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ପିସିସି ସଭାପତି ଶ୍ରୀ ଶରତ ପଟ୍ଟନାୟକ। କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ରାଜ୍ୟ ଓ କେନ୍ଦ୍ରରେ ଶାସନ କରୁଥିବା ଉଭୟ ବିଜେଡ଼ି ଓ ବିଜେପି ଦଳରେ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ଟିକେଟ ବଂଟନରେ ସ୍ୱଚ୍ଛତା ନାହିଁ। କିନ୍ତୁ କଂଗ୍ରେସ ଗଣତାନ୍ତ୍ରିକ ପଦ୍ଧତିରେ ଟିକେଟ ବଂଟନକୁ ଗ୍ରହଣ କରେ, ଏହି ଆଧାରରେ କାର୍ଯ୍ୟକ୍ରମ ଚାଲିଛି ଏବଂ ଆସନ୍ତା ଫେବୃଆରୀ ୧୪ ତାରିଖରେ ପ୍ରଗମନ ଦ୍ୱିତୀୟ ପର୍ଯ୍ୟାୟରେ କାର୍ଯ୍ୟକ୍ରମ ଆରମ୍ଭ ହେବ। କଂଗ୍ରେସ ପୂର୍ବରୁ ବ୍ଲକ ସଭାପତି ଓ ଜିଲ୍ଲା ସଭାପତିଙ୍କ ଜରିଆରେ ଆଶାୟୀଙ୍କ ରିପୋର୍ଟ ସଂଗ୍ରହ କରିଥିଲା। ଏହି ସବୁ ରିପୋର୍ଟକୁ ଭିତି କରି ପ୍ରଦେଶ ଇଲେକ୍ସନ କମିଟି ବୈଠକ ବସିବ। ଏଆଇସିସି ସ୍କ୍ରିନିଙ୍ଗ୍ କମିଟି ମଧ୍ୟ ଆଶାୟୀ ପାର୍ଥୀମାନଙ୍କୁ ଯାଂଚ କରିବ ଓ ପରେ କଂଗ୍ରେସର କେନ୍ଦ୍ରୀୟ ନିର୍ବାଚନ କମିଟି ଚୂଡାନ୍ତ ପାର୍ଥୀ ତାଲିକା ଘୋଷଣା କରିବ।

'ପ୍ରଗମନ'ର ଅଧ୍ୟକ୍ଷ ପ୍ରବୀଣ ପାଠକ ସାମ୍ବାଦିକମାନଙ୍କୁ ପ୍ରଶ୍ନର ଉତର ଦେଇ କହିଥିଲେ ଯେ ଏହି ପ୍ରୋଜେକ୍ଟକୁ କଂଗ୍ରେସ ପ୍ରଥମ ଥର ପାଇଁ ମଧ୍ୟପ୍ରଦେଶର ଗ୍ୱାଲିୟରରେ ପ୍ରୟୋଗ କରିଥିଲା ଓ ମେୟର ନିର୍ବାଚନରେ ସଫଳତା ସ୍ୱରୁପ ମେୟର ପ୍ରାର୍ଥୀ ବିଜୟ ଲାଭ କରିଥିଲେ। ଏହି ସଫଳତାକୁ ଆଧାର କରି ଓଡ଼ିଶାରେ କଂଗ୍ରେସ ଆଗକୁ ବଢ଼ିବ ଓ ଆସନ୍ତା ୨୦୨୪ ସାଧାରଣ ନିର୍ବାଚନରେ କଂଗ୍ରେସ ବିଜୟ ହାସଲ କରି ସରକାର ଗଢ଼ିବ ବୋଲି ଶ୍ରୀ ପାଠକ କହିଥିଲେ। ରାଜ୍ୟ କଂଗ୍ରେସ ସହପ୍ରଭାରୀ କ୍ରିଷ୍ଟୋଫର ତିଲକ କହିଥିଲେ କଂଗ୍ରେସ ନୂଆ ପ୍ରଯୁକ୍ତି ବିଦ୍ୟା ଆପଣାଇଛି। ପୂର୍ବରୁ କମ୍ପ୍ୟୁଟର ଆଧାରର ସଫଳତା ଦୋହରାଇବା ସହ ପ୍ରଗମନ ଆଗାମୀ ସରକାର ଗଢ଼ିବାରେ ସହାୟକ ହେବ। ସମୟ ସହିତ ନୂଆ ଟେକ୍ନୋଲୋଜି ଆପଣାଇ ଦଳକୁ ବିଜୟ କରିବା କଂଗ୍ରେସର ମୂଳ ଲକ୍ଷ। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ଗଣମାଧମ ଓ ଯୋଗାଯୋଗ ବିଭାଗର ଅଧ୍ୟକ୍ଷ ଡ. ବିଶ୍ୱରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ।

# ୧୬ ଫେବୃୟାରୀ ଦେଶ ବ୍ୟାପି ଧର୍ମଘଟ ପାଇଁ କେନ୍ଦ୍ରିୟ ଟ୍ରେଡ୍ ୟୁନିୟନ ଓ ମିଳିତ କିଶାନ ମୋର୍ଚ୍ଚାର ପ୍ରସ୍ତୁତି ବୈଠକ

ବଲାଙ୍ଗିର, ୧୨/୨ (ନି.ପ୍ର): କେନ୍ଦ୍ର ସରକାରଙ୍କ ଶ୍ରମିକ କୃଷକ ଓ ଜନ ବିରୋଧି ନୀତି ବିରୁଦ୍ଧରେ ଆଗାମୀ ଫେବୃୟାରୀ ୧୬ ତାରିଖ ଦେଶ ବ୍ୟାପି ଧର୍ମଘଟ ଡାକରା ଦିଆଯାଇଛି । ଆଜି ବଲାଙ୍ଗିର ସହର ସ୍ଥିତ କଲେଜ ଛକ ଠାରେ କୃଷକ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଶ୍ରମିକ କୃଷକ ଓ କର୍ମଚାରୀମାନଙ୍କ ଜିଲ୍ଲା ନେତୃମଣ୍ଡଳୀଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଜିଲ୍ଲା ୟୁନାଇଟେଡ ଟ୍ରେଡ୍ ୟୁନିୟନ ଅଫ୍ ବଲାଙ୍ଗିର ର ଜିଲ୍ଲା ସଭାପତି ବିଭୁଦତ ମିଶ୍ରଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ କୃଷକ ଓ ଜନ ବିରୋଧି ନିତି ଦ୍ୱାରା ଦେଶ ଦୁଇ ପ୍ରମୁଖ ଉତ୍ପାଦନକାରୀ ସଂସ୍ଥାଙ୍କୁ ଉଭୟ ସରକାରଙ୍କ ଆକ୍ରମଣ ଦ୍ୱାରା ଶ୍ରମିକ କୃଷକ ଓ କର୍ମଚାରୀଙ୍କ ଜିବିକା ପ୍ରଭାବିତ କିଭଳି ହେଉଛି ଏବଂ ଶ୍ରମିକ ଙ୍କ ପାଇଁ ଉଦ୍ଦିଷ୍ଟ ୨୯ ଗୋଟି ଶ୍ରମ ଆଇନ ବଦଳରେ ୪ ଗୋଟି ଶ୍ରମ କୋଡ ଶିଳ୍ପପତି ଓ ପୁଞ୍ଜିପତି ସୁହାଇଲା ଭଳି ହୋଇ ଥିବାରୁ ଶ୍ରମିକ କୃଷକ କିଭଳି କ୍ଷତିଗ୍ରସ୍ତ ହେଉଛନ୍ତି ଶ୍ରମିକ ଓ କୃଷକଙ୍କ ସ୍ୱାର୍ଥ ବିରୋଧି ଆଇନ କୁ ତୁରନ୍ତ ପ୍ରତ୍ୟାହାର ପାଇଁ ସରକାରଙ୍କୁ ଦାବି କରାଯିବା କୁ ମତ ପ୍ରସ୍ତାବ ଦିଆଯାଇଅଛି । ଏମ୍.ଏସ୍ ସ୍ୱାମିନାଥନ ଜାତୀୟ କୃଷକ କମିଶନଙ୍କ ସୁପାରିଶ ଅନୁଯାୟୀ ଧାନ ସମେତ ସମସ୍ତ କୃଷିଜାତ ଦ୍ରବ୍ୟର ଏମ୍ଏସ୍ପି ବୃଦ୍ଧି କରିବା କୃଷକଙ୍କ ଋଣଛାଡ ଓ ବିଜୁଳି ଦର ଛାଡ କରିବା ଜନ ସାଧାରଣଙ୍କୁ ଶିକ୍ଷା ସ୍ୱାସ୍ଥ୍ୟ ଓ ସାମାଜିକ ନିରାପତା ଯୋଗାଇ ଦେବା ନିତ୍ୟ ବ୍ୟବହାର ?ୟ ସାମଗ୍ରୀ ଯଥା ପେଟ୍ରୋଲ, ଡିଜେଲ, ଗ୍ୟାସ ଦୈନିକ ଦ୍ରବ୍ୟ ର ଦର ହ୍ରାସ କରିବା, ଅସ୍ଥାୟୀ ନିଯୁକ୍ତି କୁ ସ୍ଥାୟୀ କରିବା, ଶ୍ରମିକଙ୍କ ସର୍ବନିମ୍ନ ମଜୁରି ୨୬ ହଜାର କରିବା ଇତ୍ୟାଦି ଦାବି ଉପସ୍ଥାପନ କରିବାକୁ ବୈଠକରେ ସ୍ଥିର ହୋଇଥିଲା । ଆଇଏନ୍ଟିୟୁସି ସଭାପତି କୃଷ୍ଣଚନ୍ଦ୍ର ସାହୁ, ବଲାଙ୍ଗିର ଏଆଇଟିୟୁସି ନେତା ଦେବାଶିଷ ବାବୁ, ବଲାଙ୍ଗିର ଜିଲ୍ଲା କୃଷକ ମହାସଂଘ ନେତା ସୌମେନ୍ଦ୍ର ପରିଚ୍ଛା, କୋଶ କିଶାନ ସଭା ନେତା ଆକାଶ ଆକାଶ ମିଶ୍ର କୃଷକ ସଂଘର୍ଷ ସମିତିର ନେତା ମଧୁ ସୁଦନ କ୍ଷେତି ଜିଲ୍ଲା କୃଷକ ସଂଗଠନର ନେତା ଅରୁଣ ମିଶ୍ର ଜୟ କିଶାନ ଆନ୍ଦୋଳନର ନେତା ସତ୍ୟ ବନଛୋର ଜିଲ୍ଲା କୃଷକ ନେତା ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ଓ ସୂଚନା ଅଧିକାରୀ କର୍ମୀ ନିଳମଣି ଯୋଷୀ ନିଖିଳ ଉତ୍କଳ ଗ୍ରାମିଣ ଚାଷୀ ମୁଲିଆ ସଂଘ ସଭାପତି ପ୍ରମାନନ୍ଦ ଭୋଇ ଓ ଯୁବନେତା ଅମିତ ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନତିତ ମତବ୍ୟକ୍ତ ସହ ଆଗାମୀ ୧୬ ତାରିଖ ଧର୍ମଘଟ କୁ ସଫଳ କରିବା ପାଇଁ ସମର୍ଥନ ଦେଇଥିଲେ ।

# ଜିଲା ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣି ବୈଠକ

ଜୟପୁର, ୧୨/୨ (ନି.ପ୍ର): ଜୟପୁର ସ୍ଥିତ ହୋଟେଲ ମାଉଂଟ ଭ୍ୟାଲି ରେ ଆଜି ଭାଜପା ତରଫରୁ ମହିଳା ମୋର୍ଚ୍ଚା କାୟ୍ୟକାରିଣି ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ମହିଳା ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ୱାତି ହୋତା, ଜିଲା ସଭାପତି ସୁମନ୍ତ ପ୍ରଧାନ, ରାଜ୍ୟ ସମ୍ପାଦିକା ପୁର୍ଣ୍ଣିମା ନାୟକ, ରାଜ୍ୟ କାୟ୍ୟକାରିଣି ସଦସ୍ୟ ସୁରଭି ପାଣି, ଜିଲା ସାଧାରଣ ସମ୍ପାଦିକ ଶିମା କରଣ, ଲୋକ ସଭା ସଂଯୋଜକ ତ୍ରିନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଜିଲାର ମଣ୍ଡଳର ସଭାନେତ୍ରୀ ମାନଙ୍କ ନାମ ଘୋଷଣା କରାଯାଇଥିଲା। ମହିଳା ମାନେ ଘର ଘରକୁ ଯାଇ କେନ୍ଦ୍ର ସରକାର ଯୋଜନା ଉପରେ ଲୋକ ମାନଙ୍କୁ ସଚେତନ କରିବାକୁ କୁହାଯାଇଥିଲା। ରାଜ୍ୟରେ ମହିଳା ଅସୁରକ୍ଷିତ, ପୋଲିସ ପ୍ରଶାସନ ନିରବ, ମହିଳା ମାନେ ସଚେତନ ହୋଇ ଘରେ ଘରେ ମହିଳା ମାନଙ୍କୁ ସଚେତନ କରି ଡବଲ ଇଞ୍ଜିନ ସରକାର କରିବାକୁ ରାଜ୍ୟ ମହିଳା ସଭାନେତ୍ରୀ ବିଶ୍ୱାଳ ଆହ୍ୱାନ କରିଥିଲେ । ଆଗାମି ନିର୍ବାଚନରେ କୋରାପୁଟ ଜିଲାର ୫ଟି ବିଧାୟକ ଓ ସାସଂଦକୁ ଜିତେଇବାକୁ ଆମେ ସମସ୍ତେ ଏକ ହେବାକୁ ଆହ୍ୱାନ କରିଥିଲେ ।

# କନ୍ଧମାଳ ଜିଲ୍ଲା ବିଜୁ ଜନତା ଦଳର ସଭାପତି ହେଲେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର

କନ୍ଧମାଳ, ୧୨/୨ (ନି.ପ୍ର): କନ୍ଧମାଳ ଜିଲ୍ଲା, ବିଜୁ ଜନତା ଦଳର ସଭାପତି ହେଲେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର । ଆଜି ଦଳର ସୁପ୍ରିମୋ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ସଂଗଠନ ସମ୍ପାଦକ ପ୍ରଣବପ୍ରକାଶ ଦାସ୍ ତାଙ୍କୁ ଏହି ପଦବୀରେ ନିଯୁକ୍ତ କରିଛନ୍ତି। ଏଥି ପୂର୍ବରୁ କନ୍ଧମାଳ ଜିଲ୍ଲା ଘୁ.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ଏହି ପଦବୀରେ ରହି ଦଳର ସାଂଗଠନିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେ ଉପ-ବାଚସ୍ପତି ହେବା ପରେ ଜିଲ୍ଲା ସଭାପତି ପଦବୀ ଖାଲି ରହିଥିଲା। ଅଙ୍ଗଦ କହଁରଙ୍କ ସାଂଗଠନିକ କାର୍ଯ୍ୟଦକ୍ଷତା, ଦଳ ପ୍ରତି ସମର୍ପଣ ଭାବ, ଶୃଙ୍ଖଳିତ କାର୍ଯ୍ୟ ଓ ଲୋକସମ୍ପର୍କକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ତାଙ୍କୁ ଏହି ଦାୟିତ୍ୱ ଅର୍ପଣ କରିଛନ୍ତି। ସେଥିପାଇଁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ବାର ପରିସରରୁ ରେକର୍ଡ ସଂଖ୍ୟକ ଅବକାରୀ ସାମଗ୍ରୀ ଜବତ

ଭୁବନେଶ୍ୱର, ୧୨/୨ (ନି.ପ୍ର): ଲାଇସେନ୍ସ ସର୍ତ୍ତ ଉଲ୍ଲଂଘନ ସମ୍ପର୍କରେ ବିଶ୍ୱସ୍ତ ସୂଚନା ପାଇବା ପରେ ଅବକାରୀ କମିଶନର ଶ୍ରୀ ନରସିଂହ ଭୋଳ ରାଜ୍ୟ ଫ୍ଲାଇଂ ସ୍କାଡ୍ ର ଅଧିକାରୀମାନଙ୍କୁ ଚଢଉ ନିର୍ଦ୍ଦେଶ ଦେଇଥିଲେ ଏବଂ ସେହି ଆଧାରରେ ଜଙ୍କିଆ ଥାନା ଅନ୍ତର୍ଗତ ମୁଣ୍ଡମ୍ୟାଠାରେ ଥିବା ଏବିସି ରେଷ୍ଟୁରାଂଟ ଓ ବାରରେ ଅଚାନକ ଚଢ଼ାଉ କରାଯାଇଥିଲା । ଚଢ଼ାଉ ବେଳେ ସେଠାରେ ଓଡି ୦୨ବିକେ ୧୧୬୬ ନମ୍ବର ଥିବା ଗୋଟିଏ ନୀଳ ରଙ୍ଗର ଟାଟା ଇଂଟ୍ରା ଯାନ ଥିବା ଦେଖିବାକୁ ମିଳିଥିଲା ଯେଉଁଥିରେ ବିଭିନ୍ନ ବ୍ରାଣ୍ଡର ୧୧୯୨ ବୋତଲ ଏବଂ ମୋଟ ୩୭୪.୪ ଲିଟର ବିଦେଶୀ ମଦ ରହିଥିଲା । ଏହାବ୍ୟତୀତ ଗୋଟିଏ ଧଳା ରଙ୍ଗର ମହିନ୍ଦ୍ରା ବୋଲେରୋ ପିକଅପ୍ ଯାହାର ନଂ. ଓଆର ୦୨ବିଏଚ୍ ୫୮୯୫ ସହ ୨୫୦ ଟି ମାମଲା ରେ ଦେଶୀ ମଦର ୨୦୦ ମିଲିଲିଟର ଲେଖାଏଁ ୨୫ ବୋତଲ ଥିବା ବେଳେ ମୋଟ ୬୨୫୦ ବୋତଲ ସହ ୧୨୫୦ ଲିଟର ଦେଶୀ ମଦ ଜବତ କରାଯାଇଛି । ଉପରୋକ୍ତ ପରିମାଣର ଦେଶୀ ମଦ ଓ ବିଦେଶୀ ମଦ ମହଜୁଦ ରଖିବା କୁ ଅଧିକୃତ ଏଜେଂଟମାନେ ସ୍ପଷ୍ଟ କରିପାରିନଥିଲେ। ଓଡ଼ିଶା ଅବକାରୀ ଆଇନର ଧାରା ୫୨(କ) ଅନୁଯାୟୀ ଅଧିକୃତ ଏଜେଂଟ ପୂର୍ଣ୍ଣଚନ୍ଦ୍ର ବେହେରା ଓ ତପନ ପଟ୍ଟନାୟକଙ୍କୁ ଗିରଫ କରି ଖୋର୍ଦ୍ଧା ଏସଡିଜେଏମଙ୍କ କୋର୍ଟକୁ ଚାଲାଣ କରାଯାଇଛି । ଏବିସି ରେଷ୍ଟୁରାଂଟ ଓ ବିଏଆର୍ ର ଲାଇସେନ୍ସପ୍ରାପ୍ତ ଶ୍ରୀମତୀ ମୁନମୁନ୍ ବଳିଆରସିଂହଙ୍କ ବିରୋଧରେ ଏକ ଗୁରୁତର ଅନିୟମିତତା ରିପୋର୍ଟ ପ୍ରସ୍ତୁତ କରାଯାଇଛି ଏବଂ ଏତେ ପରିମାଣର ବେଆଇନ ଦେଶୀ ମଦ ଓ ବିଦେଶୀ ମଦ ବାର୍ ପରିସରରେ ରଖିବା ସଂକ୍ରାନ୍ତରେ ତାଙ୍କ ପକ୍ଷ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଧିକ ତଦନ୍ତ ଉଦ୍ଦେଶ୍ୟରେ ବାରକୁ ସିଲ୍ କରାଯାଇଛି। ଅବକାରୀ ରାଜ୍ୟ ଫ୍ଲାଇଂ ସ୍କାଡ୍ ଅଧୀକ୍ଷକ ଶ୍ରୀ ସିଦ୍ଧେଶ୍ୱର ବେହେରାଙ୍କ ନେତୃତ୍ୱରେ ଦିଲ୍ଲୀପ କୁମାର ବେହେରା, ରୋଶନ ହାଁସଦା ଓ ହୀରା ଦଳପତି ଅବକାରୀ ନିରୀକ୍ଷକଙ୍କ ସହାୟତାରେ ଏକ ଟିମ୍ ଏହି ଚଢ଼ାଉରେ ଅଂଶଗ୍ରହଣ କରିଥିଲେ। ଅବକାରୀ ଆଇନର ସର୍ତ୍ତାବଳୀ ଉଲ୍ଲଂଘନ କଲେ ଲାଇସେନ୍ସଧାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପ୍ରକ୍ରିୟା ଜାରି ରହିବ। ଅବକାରୀ ଦୋକାନଗୁଡ଼ିକୁ ଯାଂଚ କରିବା ସହ ଠିପି ଖୋଲା ଦୋକାନ ପାଇଁ ଲାଇସେନ୍ସ ଧାରୀମାନେ ଯେପରି ଠିପି ବନ୍ଦ ଲାଇସେନ୍ସଧାରୀଙ୍କ ଭଳି କାରବାର ନ କରିବେ ସେଥିପ୍ରତି ଦୃଷ୍ଟି ଦେବା ସହ ଲାଇସେନ୍ସ ସର୍ତ୍ତ ଉଲ୍ଲଂଘନକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମସ୍ତ ଅବକାରୀ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# କୁମାର ଉତ୍ସବ ସମିତି ବନ୍ଧୁ ମିଳନ

ପୁରୀ, ୧୨/୨ (ନି.ପ୍ର): ୫୬ତମ କୁମାର ଉତ୍ସବ ସଫଳ ରୁପେ ସମ୍ପୂର୍ଣ୍ଣ ହୋଇଥିବା ପରିପ୍ରେକ୍ଷୀରେ ମା ମଶାଣୀଚଣ୍ଡୀ ମନ୍ଦିର ପ୍ରାଙ୍ଗଣ ରେ କୁମାର ଉତ୍ସବ ସମିତି ପକ୍ଷରୁ ଅନୁଷ୍ଠାନର ଶୁଭେଚ୍ଛୁ ଙ୍କୁ ନେଇ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ସହରାଂଚଳ ଉପ ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ କୁମାର ସାହୁଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, କାର୍ଯ୍ୟକାରୀ ସଭାପତି ରାଜେଶ ମିଶ୍ର, ଉଚ୍ଚନ୍ୟାୟାଳୟର ବରିଷ୍ଠ ଅଧିବକ୍ତା ବିଭୁ ପ୍ରସାଦ ତ୍ରିପାଠୀ, ଅମରେନ୍ଦ୍ର ପାଇକରାୟ,ସଙ୍ଗଠକ ଚକ୍ରଧର ମହାପାତ୍ର, ଉତ୍କଳ ବିଦ୍ୱତ ପରିଷଦ ଅଧ୍ୟକ୍ଷ ମନୋଜ ରଥ, ସଙ୍ଗଠକ ସିତୁ ରଞ୍ଜନ ପୃଷ୍ଟି, ପୂର୍ବତନ ପୌର ସଦସ୍ୟ ବିଜୟ ପ୍ରଧାନ,ସଙ୍ଗଠକ ତଥା ନାଟ୍ୟକାର ପ୍ରସନ୍ନ ମିଶ୍ର, ନାଟ୍ୟକାର ଭରତ ନାୟକ, ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା, ଦି ବେଲ୍ ର ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ, ବିଦ୍ୟୁଲତା ଆଚାର୍ଯ୍ୟ, ବରିଷ୍ଠ ସାମ୍ବାଦିକ ଜଗନ୍ନାଥ ବସ୍ତିଆ, ବିଶ୍ୱଜିତ୍ ମିଶ୍ର, ରଶ୍ମି ରଞ୍ଜନ ସିହ୍ନା ପ୍ରମୁଖ ଉପସ୍ଥିତ ଥିଲେ।

## ନିର୍ବାଚନ ପୂର୍ବରୁ ଅବକାରୀ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ

# ଜାନୁଆରୀ ମାସରେ ୫୨.୫ କୋଟି ଟଙ୍କାର ମଦ, ଗଞ୍ଜେଇ ଆଦି ଜବତ

ଭୁବନେଶ୍ୱର, ୧୨/୨ (ନି.ପ୍ର): ଆଗାମୀ ସାଧାରଣ ନିର୍ବାଚନ ୨୦୨୪କୁ ଦୃଷ୍ଟିରେ ରଖି ଅବକାରୀ ବିଭାଗ ଗତ ଜାନୁଆରୀ ମାସରେ ବେଆଇନ ମଦ ମାଫିଆ, ବେଆଇନ ଗଞ୍ଜେଇ ଓ ବ୍ରାଉନସୁଗାର ଚୋରା ଚାଲାଣକାରୀଙ୍କ ବିରୋଧରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛି । ସମସ୍ତ ଅବକାରୀ ଅଧୀକ୍ଷକଙ୍କୁ ଚଢ଼ାଉକୁ ଜୋରଦାର କରିବା ସହିତ ବେଆଇନ କାରବାରର କିଙ୍ଗପିନ୍ ମାନଙ୍କୁ ଧରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ଏହି ସ୍ୱତନ୍ତ୍ର ଅଭିଯାନ (୦୧.୦୧.୨୦୨୪ରୁ ୦୪.୦୨.୨୦୨୪) ମଧ୍ୟରେ ରେକର୍ଡ ସଂଖ୍ୟକ ୬୪୧୬ ଜଣ ଅଭିଯୁକ୍ତ ଚିହ୍ନଟ ହୋଇଛନ୍ତି । ଏହି ଅଭିଯାନରେ ୫୨୫୪ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା । ୧୪୬୩ କେଜି ଗଞ୍ଜେଇ, ୨୪୨୪ ଗ୍ରାମ ହେରୋଇନ, ୩୬୬ଟି ଗାଡି, ୨,୦.୮୮୮ ଲିଟର ଦେଶୀ ମଦ, ୧୪୯୭ ଲିଟର ବେଆଇନ ଭାବେ ପରିବହନ ହେଉଥିବା ମଦ ଜବତ ହୋଇଥିଲା । ଜବତ ହୋଇଥିବା ସମସ୍ତ ସାମଗ୍ରୀର ମୋଟ ଆନୁମାନିକ ମୂଲ୍ୟ ୫୨.୫ କୋଟି ଟଙ୍କା ଆକଳନ କରାଯାଇଛି । ସ୍ୱତନ୍ତ୍ର ଅଭିଯାନ ସମୟରେ ଏନଡିପିଏସ୍ ଆକ୍ଟ ଅଧୀନରେ ୧୪୩ଟି ମାମଲା ରୁଜୁ ହୋଇଥିବା ବେଳେ ବେଆଇନ ଗଞ୍ଜେଇ/ବ୍ରାଉନସୁଗାର କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ୧୫୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା । ନିରନ୍ତର ପଦକ୍ଷେପ ଯୋଗୁଁ ବେଆଇନ ମଦ କାରବାର ହ୍ରାସ ପାଇଛି ଏବଂ ଅବକାରୀ ରାଜସ୍ୱ ଆଦାୟ ୧୫% ବୃଦ୍ଧି ପାଇଛି । ଚଢ଼ାଉ ସହ ବେଆଇନ ମଦ କାରବାରରେ ବ୍ୟବହୃତ ଗାଡ଼ିଗୁଡ଼ିକୁ ଜବତ କରିବା ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି । ଏପ୍ରିଲ, ୨୦୨୩ ରୁ ଜାନୁଆରୀ-୨୦୨୪ ମଧ୍ୟରେ ୩୩୬୯ ଟି ଗାଡି ଜବତ କରାଯାଇଛି ଏବଂ ୬୦% ଯାନବାହନ ଜବତ ପ୍ରକ୍ରିୟା ଆରମ୍ଭ ହୋଇଛି । ପୂର୍ବରୁ ୬୭୬ଟି ଗାଡ଼ି ଜବତ କରାଯାଇଛି ଏବଂ ଜରିମାନା/ବିକ୍ରୟ ବାବଦ ଅର୍ଥ ରାଜ୍ୟ ରାଜକୋଷରେ ଜମା କରାଯାଇଛି । ବେଆଇନ ମଦ କାରବାରରେ ମାଲିକ ସମ୍ପୃକ୍ତ ଥିବା କିମ୍ୱା ବେଆଇନ ମଦ କାରବାରରେ ବ୍ୟବହୃତ ଗାଡ଼ି ସମ୍ପର୍କରେ ଅବଗତ ଥିଲେ ଜବତ ହୋଇଥିବା ସମସ୍ତ ଗାଡ଼ିକୁ ବାଜ୍ୟାପ୍ତି କରିବାକୁ ଅବକାରୀ କମିସନର ସମସ୍ତ ଅବକାରୀ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅବକାରୀ ଅଧିକାରୀଙ୍କ ନିରନ୍ତର ଉଦ୍ୟମରେ ମଦ ମାଫିଆ ଓ ଗଞ୍ଜେଇ ଚୋରା ଚାଲାଣକାରୀଙ୍କ ବିରୋଧରେ ଏହି ସ୍ୱତନ୍ତ୍ର ଅଭିଯାନ ଜାରି ରହିବ ।

# ୫୦୦ ଟଙ୍କା ଭତ୍ତା ବୃଦ୍ଧିକୁ ନେଇ ପ୍ରଶ୍ନ ଉଠାଇଲା ନବନିର୍ମାଣ

## ଦିନକୁ ୩୩ ଟଙ୍କାରେ ବୃଦ୍ଧ ବୃଦ୍ଧା ଲୋକେ ଚଳିବେ କେମିତି ?

ଭୁବନେଶ୍ୱର, ୧୨/୨ (ନି.ପ୍ର): ବହୁ ଦାବୀ, ଆନ୍ଦୋଳନ, ବିଭିନ୍ନ ବ୍ଲକରେ ଶୋଭାଯାତ୍ରା ପରେ ଚାପ ଗ୍ରସ୍ତ ହୋଇ ସରକାର ନିର୍ବାଚନ ଦୃଷ୍ଟିରୁ ଭତ୍ତା ବୃଦ୍ଧି କରିଛନ୍ତି ମାସକୁ ୫୦୦ ଟଙ୍କା। ହେଲେ, ମହଙ୍ଗା ଯୁଗରେ ଦିନକୁ କିଭଳି ୩୩ ଟଙ୍କାରେ ଲୋକେ ଚଳିବେ ବୋଲି ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ତଥା ଭତ୍ତା ବୃଦ୍ଧି ଆନ୍ଦୋଳନର ନେତା ଶେଷଦେବ ନନ୍ଦ ପ୍ରଶ୍ନ ଉଠାଇଛନ୍ତି। ଶ୍ରୀ ନନ୍ଦ ସରକାରଙ୍କୁ ସମାଲୋଚନା କରି କହିଛନ୍ତି ଯେ, କଲେଜ ପିଲା ରିଲ୍ କଲେ ମିଳର ଦାମ୍ ୩୬୦ ଟଙ୍କା, ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ମିଲ୍ ଗୋଟାକ ୧,୨୫୦ ଟଙ୍କା। ଅଥଚ୍ ଘରେ ରାନ୍ଧି ବାଢ଼ି ଦି' ବକତ ଖାଦ୍ୟ ପାଇଁ ସରକାର ୩୩ ଟଙ୍କା ଦେବା ଅତ୍ୟାନ୍ତ ଲଜ୍ୟାଜନକ। ସମ୍ବିଧାନର ଧାରା ୪୧ କହୁଛି ବରିଷ୍ଠ ରୋଗଗ୍ରସ୍ତ ଓ ଭିନ୍ନକ୍ଷମ ଲୋକଙ୍କ ଦାୟିତ୍ୱ ସରକାର ନେବେ। ୧,୦୦୦ ଟଙ୍କାରେ ଏ ଦାୟିତ୍ୱ ପୂର୍ଣ୍ଣ ହୋଇ ପାରିବତ ? ତେଲେଙ୍ଗାନା ଓ ଆନ୍ଧ୍ରରେ ଭତ୍ତା ୩,୦୦୦ ଟଙ୍କା ଓ ପଣ୍ଡିଚେରୀ, ହରିୟାଣା, ଦିଲ୍ଲୀରେ ଯଥାକ୍ରମେ ୩,୫୦୦, ୨,୮୦୦, ୨,୫୦୦ ହେଲା ବେଳେ ଆମେ ଭତ୍ତା ୧,୦୦୦ ଟଙ୍କା କରିବା କେତେ ଯଥାର୍ଥ ଓ ନ୍ୟାୟପୂର୍ଣ୍ଣ ବୋଲି ଶ୍ରୀ ନନ୍ଦ ପ୍ରଶ୍ନ ଉଠାଇଛନ୍ତି। ସରକାରଙ୍କ ଉଦ୍ଦେଶ୍ୟରେ ସେ କହିଛନ୍ତି ଯେ, ଅନ୍ୟମାନଙ୍କୁ ଦେଲା ବେଳେ ସରକାର ହାତ ଖୋଲି ଦେଉଛନ୍ତି। କିନ୍ତୁ ଅଧ କୋଟି ଲୋକଙ୍କୁ ଦେଲା ବେଳକୁ ସରକାରଙ୍କ ହାତ କାହିଁକି ମୁଠା ହେଉଛି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ସେ ଭଳି ଭତ୍ତାର ବୃଦ୍ଧି ବେଳେ ଯେଉଁ ଏକ୍ସପର୍ଟ କମିଟି ଏହି ଦର ସ୍ଥିର କରିଛନ୍ତି, ସେମାନେ କେଉଁ ଆଧାରରେ ଏହି ବୃଦ୍ଧି କରିଛନ୍ତି ତାହା ସରକାର ବିଜ୍ଞାପନ ମାଧ୍ୟମରେ ବୁଝନ୍ତୁ। ଜଣେ କମିଶନର ପାହ୍ୟା ଅଫିସର ଦିନକୁ ୪,୧୬୬ ଟଙ୍କା ଭତ୍ତା ପାଇଲା ବେଳେ ଜଣେ ଗରିବ ଅସହାୟ ଲୋକ ମାତ୍ର ୩୩ ଟଙ୍କାରେ ତା ପରିବାର କିଭଳି ପୋଷିବ ସେ ନେଇ ଚର୍ଚ୍ଚ ହେବା ଉଚିତ୍। ଗଲା ପଂଚାୟତ ନିର୍ବାଚନ ପୂର୍ବରୁ ଆମେ ବିଭିନ୍ନ ଅଂଚଳରେ ଭତ୍ତା ବୃଦ୍ଧି ପାଇଁ ଲଢ଼େଇ କରି ଆସୁଥିଲୁ। ମାତ୍ର ସରକାର ନାଗରିକଙ୍କୁ ବା ନିଜର ମାଲିକଙ୍କୁ କେବଳ ଭୋଟର ଭାବେ ଦେଖୁଥିବାରୁ ନିର୍ବାଚନ ଘୋଷଣା ମାସରୁ ଏହି ଭତ୍ତା ବୃଦ୍ଧି ଘୋଷଣା କଲେ। ଦିନକୁ ଦି ବକତ ମିଲ୍ ଓ ବକତେ ଜଳଖିଆ ଦି ଖଣ୍ଡ ଗାମୁଛାର ଖର୍ଚ୍ଚ ସରକାର ଦେଇଥିଲେ କାହା ବାପାର ପାର୍ଟି ଫିଟାଇବାର ନଥିଲା। କର୍ମଚାରୀଙ୍କ ପାଇଁ ମହଙ୍ଗା ଭତ୍ତା ଓ ବୋନସରେ କୋଟି କୋଟି ଟଙ୍କା ଗଲା ବେଳେ ସମାଜର ବରିଷ୍ଠ ଅସହାୟ ଲୋକଙ୍କୁ ସହାଯ୍ୟର ସାମ୍ବିଧାନିକ ଦାୟିତ୍ୱ ନିଭାଇବାରେ ସରକାର ବ୍ୟର୍ଥ ହୋଇଛନ୍ତି। ସମ୍ବିଧାନର ୪ ସ୍ତମ୍ଭରୁ ଲେଖା ହୋଇଥିବା ନ୍ୟାୟ ଓ ସମାନତା ଏହି ୧,୦୦୦ ଟଙ୍କା ଘୋଷଣାରେ ଆଦୌ ପ୍ରତିଫଳିତ ହୋଇନାହିଁ। ଆଜି ବି କୋଟିଆର ଅଧିକାଂଶ ଲୋକ ୩,୦୦୦ ଟଙ୍କା ଭତ୍ତା ଆଶାରେ ଆନ୍ଧ୍ର ପ୍ରଦେଶ ଭୋଟର ତାଲିକାରେ ନାମ ଲେଖାଉଛନ୍ତି। ଏହି ଘଟଣାରୁ ଓଡ଼ିଶା ସରକାର କିଛି ବି ଶିକ୍ଷା ଲାଭ କଲା ଭଳି ମନେ ହେଉନାହିଁ। ଅଭାବି ଆନ୍ଧ୍ର ପ୍ରଦେଶ ତାଙ୍କ ଲୋକଙ୍କୁ ୩,୦୦୦ ଟଙ୍କା ଦେଲା ବେଳେ ଆମେ ୧,୦୦୦ ଦେଇ କେତେ ଦାତା ପଣିଆ ଦେଖାଇଲୁ ତାହା ନବୀନ ପଟ୍ଟନାୟକ ଓ ତାଙ୍କ ପରାମର୍ଶ ଦାତା ଆତ୍ମ ସମୀକ୍ଷା କରିବାକୁ ଶ୍ରୀ ନନ୍ଦ ଆହ୍ୱାନ ଦେଇଛନ୍ତି। ଭତ୍ତା ୨,୦୦୦ କରିବା ପାଇଁ ଚାଲିଥିବା ଅଭିଯାନ ଆଗକୁ ଚାଲୁ ରହିବ ବୋଲି ଶ୍ରୀ ନନ୍ଦ ଏକ ପ୍ରେସ୍ ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି।

# ଅଣଗେଜେଟେଡ଼ କର୍ମଚାରୀ ସମନ୍ୱୟ ସମିତିର ବୈଠକ

ଜୟପୁର, ୧୨/୨ (ନି.ପ୍ର): ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜୟପୁର ସାନ୍ତା ସାହି କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଶ୍ରୀ ଶଶୀଭୂଷଣ ଦାଶ ସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ତଥା ଆବାହକ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟଙ୍କ ଆହ୍ୱାନ କ୍ରମେ କୋରାପୁଟ ଜିଲ୍ଲାରେ କାର୍ଯ୍ୟରତ ବିଭିନ୍ନ ବିଭାଗର ବିଭିନ୍ନ ବର୍ଗର କର୍ମଚାରୀ ମାନେ ଯୋଗଦାନ କରିଥିଲେ, ଉକ୍ତ ବୈଠକରେ ଓଡ଼ିଶା ଅମଲା ସଂଘ ରାଜ୍ୟ ସଭାପତି ଶ୍ରୀ ଜ୍ଞାନ ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜର ଅଭିଭାଷଣ ପ୍ରଦାନ କରିଥିବା ବେଳେ, ସମ୍ମାନିତ ଅତିଥି ଭାବେ ଶ୍ରୀ ସୁନାକର ରାଉତ, ପୁର୍ବତନ ସଭପତି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ଅଭିଭାଷଣ ପ୍ରଦାନ କରିଥିଲେ, ମୁଖ୍ୟ ଅତିଥି ଭାବେ ଶ୍ରୀ କମଳା କାନ୍ତ ରଥ ଅବସରପ୍ରାପ୍ତ ବିଭାଗୀୟ ଅଧିକାରୀ ଅଭିଭାଷଣ ପ୍ରଦାନ କରିଥିଲେ, ଶ୍ରୀ ସୂର୍ଯ୍ୟମଣି ମାଝୀ ଜିଲ୍ଲା ସଭାପତି ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ କୋରାପୁଟ ମଂଚାସିନ ହୋଇ ନିଜର ଅଭିଭାଷଣ ପ୍ରଦାନ କରିଥିଲେ, ଅନିଲ କୁମାର ଦେବତା ଯୁଗ୍ମ ସମ୍ପାଦକ ପ୍ରାଥମିକ ଶିକ୍ଷକ ସଂଘ କୋରାପୁଟ ଜିଲ୍ଲା ନିଜର ଅଭିଭାଷଣ ପ୍ରଦାନ କରିଥିଲେ, ଶ୍ୟାମସୁନ୍ଦର ନାୟକ ଓଡ଼ିଶା ଅମଲା ସଂଘ ସଭାପତି ମାଲକାନଗିରି ଜିଲ୍ଲା ଶାଖା ଓ ସିଦ୍ଧେଶ୍ୱରି ବେନିଆ ଉପ ସଭାପତି ଓଡ଼ିଶା ଅମଲା ସଂଘ ନବରଙ୍ଗପୁର ଜିଲ୍ଲା ଶାଖା ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିବା ବେଳେ ଶ୍ରୀ ଯଙ୍ଗ୍ୟଶ୍ୱର ପଣ୍ଡା ବରିଷ୍ଠ ଶିକ୍ଷକ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ସୁରେଶ୍ କୁମାର ପାଢ଼ୀ ଶିକ୍ଷକ ମଙ୍ଗଳ ବିଭାଗ, ବାଜି ସେଠି ସ୍ୱାସ୍ଥ୍ୟ ବିଭାଗ ର ବରିଷ୍ଠ କର୍ମଚାରୀ, ସଞ୍ଜୟ କୁମାର ପଣ୍ଡା, ଓଡ଼ିଶା ଅମଲା ସଂଘ ସମ୍ପାଦକ କୋରାପୁଟ ଜିଲ୍ଲା ଶାଖା, ଶ୍ରୀ ଅଶୋକ କୁମାର ମିଶ୍ର , ରାଜସ୍ୱ ନୀରିକ୍ଷକ ଓ ଜସ୍ମା ମିଶ୍ର ପ୍ରଧାନ ଶିକ୍ଷୟତ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଏକମ୍ବା ମଂଚାସିନ ହୋଇଥିଲେ । ସମସ୍ତ ଉପସ୍ଥିତ କର୍ମଚାରୀ ମାନଙ୍କୁ ଶ୍ରୀ ଶଶୀଭୂଷଣ ଦାଶ ଆବାହକ ସ୍ୱାଗତ କରିବା ସହିତ ସମସ୍ତ ବିଭାଗର କର୍ମକର୍ତା ଓ ବରିଷ୍ଠ କର୍ମକର୍ତା ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । କର୍ମଚାରୀ ମାନଙ୍କ ବକେୟା ପ୍ରଦାନ କରିବା ରେ ବିଳମ୍ବ କରିଥିବା ଯୋଗୁଁ ସମସ୍ତ ଉପସ୍ଥିତ କର୍ମଚାରୀ ସରକାରଙ୍କୁ ଦୃଢ଼ ନିନ୍ଦା କରିଥିଲେ, ମୁଖ୍ୟତଃ କର୍ମଚାରୀ ମାନଙ୍କର ପୁରୁଣା ପେନସନ୍ ଲାଗୁ କରିବା, ଥାଇଥାନ ନିଯୁକ୍ତି ପୁରୁଣା ନିୟମ ଆଧାର ରେ ଲାଗୁ କରିବା, ନୂତନ ବେତନ କମିଶନ ଆଧାର ରେ ଘରଭଡ଼ା ପ୍ରଦାନ କରିବା, ସରକାରୀ କର୍ମଚାରୀ ଙ୍କୁ ବିମା ସୁରକ୍ଷା ପ୍ରଦାନ କରିବା, କଭିଡ୍ ମହାମାରୀ ସମୟରୁ ସ୍ଥଗିତ ରଖାଯାଇଥିବା ମହଙ୍ଗା ଭତା ପ୍ରଦାନ କରିବା ନେଇ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ତରଫରୁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବା ନିମନ୍ତେ ସ୍ଥିର କରାଯାଇଥିବା ସୁଚନା ମିଳିଛି । ଆସନ୍ତା ୨୫ ତାରିଖ ଦିନ ବ୍ରହ୍ମପୁର ଠାରେ ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଏକ ବିରାଟ ସମ୍ମିଳନୀ ଅନୁଷ୍ଠିତ ହେବା ନେଇ ଶ୍ରୀ ଦାଶ୍ ସୂଚନା ଦେବା ସହ ସମସ୍ତଙ୍କୁ ଉକ୍ତ ସମ୍ମିଳନୀରେ ଯୋଗଦେବାକୁ ଅନୁରୋଧ କରିଥିଲେ ଓ ଆସନ୍ତା ମାର୍ଚ୍ଚ ମାସ ୩ ତାରିଖ ଦିନ କୋରାପୁଟ ଜିଲ୍ଲାର ଏକ ସମ୍ମିଳନୀ ଅନୁଷ୍ଠିତ ହେବା ସହିତ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖାର କର୍ମକର୍ତା ନିର୍ବାଚନ ଚୟନ ହେବା ନିମନ୍ତେ ଘୋଷଣା କରିଥିଲେ ଓ ସମସ୍ତ ଙ୍କୁ ଯୋଗଦାନ କରିବା ପାଇଁ ଅନୁରୋଧ କରିଥିଲେ, ୨୫ ତାରିଖ ବ୍ରହ୍ମପୁର ସମ୍ମିଳନୀ ଠାରେ ସଂଘର ଆଗାମୀ ପଦକ୍ଷେପ ବିଷୟରେ ସଂଘ ଚୁଡାନ୍ତ ନିଷ୍ପତି ନେବା ନେଇ ଶ୍ରୀ ଦାଶ୍ ସୂଚନା ଦେଇଛନ୍ତି । ପରି ଶେଷରେ ଶ୍ରୀ ଦାଶ ସମସ୍ତ ଉପସ୍ଥିତ କର୍ମଚାରୀ, ସହଯୋଗୀ ଓ ମିଡ଼ିଆ ବନ୍ଧୁ ମାନଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ସଭା ସାଙ୍ଗ କରିଥିଲେ ।

# ପଣ୍ଡିତ ଦୀନଦୟାଲଜୀଙ୍କ ୫୬ତମ ପୂଣ୍ୟତିଥି ତଥା ସମର୍ପଣ ଦିବସ ରାଜ୍ୟ କାର୍ଯ୍ୟାଳୟରେ ପାଳିତ

ଭୁବନେଶ୍ୱର, ୧୨/୨ (ନି.ପ୍ର): "ଅନ୍ତ୍ୟୋଦୟ ଦର୍ଶନ"ର ପରିକଳ୍ପନା ଓ ପ୍ରଣୟନ ପଣ୍ଡିତ ଦୀନଦୟାଲଜୀଙ୍କର ଏକ ଅଭୂତପୂର୍ବ ସଫଳତା । ସମାଜର ଅର୍ଥନୈତିକ ଶିଡିର ସବୁଠାରୁ ତଳ ସୋପାନରେ ଥିବା ଅନଗ୍ରସର ବ୍ୟକ୍ତିର ସର୍ବାଙ୍ଗୀନ ବିକାଶ ପାଇଁ ପଣ୍ଡିତ ଦୀନଦୟାଲ କାର୍ଯ୍ୟ କରୁଥିଲେ । ବର୍ତମାନ ଆମ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଦୀନଦୟାଲଜୀଙ୍କ ଅନ୍ତ୍ୟୋଦୟ ପରିକଳ୍ପନାକୁ ଆଧାର କରି ବହୁ ସଫଳତା ପାଇଛନ୍ତି । ବିଶେଷ ଭାବେ ଦେଶରେ ବସବାସ କରୁଥିବା ଗରିବ ଓ ଆର୍ଥିକ ଅନଗ୍ରସରଙ୍କ ପାଇଁ ବହୁ ଗରିବକଲ୍ୟାଣ ମୂଳକ ଯୋଜନାକୁ ସଫଳତାର ସହିତ କାର୍ଯ୍ୟକାରୀ କରିଛନ୍ତି । ଗ୍ରାମାଂଚଳର ବିକାଶକୁ ପ୍ରାଧାନ୍ୟ, ବାସହୀନ ଗରିବଙ୍କୁ ପକ୍କାଘର, ସମସ୍ତଙ୍କୁ ଶସ୍ତା ବିଜୁଳି ଓ ପାନୀୟ ଜଳ ଯୋଗାଣ, ସମସ୍ତଙ୍କ ଘରେ ପାଇଖାନା ଓ ରୋସେଇ ଗ୍ୟାସ ଯୋଗାଣ, ଜାତୀୟ ଜିବୀକା ମିଶନରେ ସମସ୍ତଙ୍କୁ କାମ ଓ ରୋଜଗାର, ମହିଳା ସଶକ୍ତିକରଣ ଆଦି ଗରୀବକଲ୍ୟାଣମୂଳକ କାର୍ଯ୍ୟର ସଫଳ ରୂପାୟନ କରିବା ପଛରେ ପଣ୍ଡିତ ଦୀନଦୟାଲଜୀଙ୍କ ଦର୍ଶନ ଶାସ୍ତ୍ର ହିଁ ମୂଳ ଆଧାର । ଦୀନଦୟାଲଙ୍କ ଏକାତ୍ମ ମାନବବାଦ, ଆଜି ଭାରତୀୟ ରାଜନୀତିରେ ଗରିବଙ୍କ ଉତଥାନ ପାଇଁ ସର୍ବଶ୍ରେଷ୍ଠ ମଡେଲ । ଭାରତୀୟ ଜନସଂଘ ପାର୍ଟିର ସହ ସଂସ୍ଥାପକ, ଭାରତୀୟ ଜନସଂଘର ପ୍ରଥମ ସଂଗଠନ ସଂପାଦକ ଏବଂ ରାଷ୍ଟ୍ରୀୟ ଅଧ୍ୟକ୍ଷ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୫୬ତମ ପୂଣ୍ୟତିଥି ତଥା ସମର୍ପଣ ଦିବସ ରାଜ୍ୟ କାର୍ଯ୍ୟାଳୟରେ ପାଳନ କରାଯାଇଛି । ବିଜେପି ନେତୃବୃନ୍ଦ ଓ କର୍ମୀମାନେ ଏକାଠି ହୋଇ ରାଜ୍ୟ କାର୍ଯ୍ୟାଳୟରେ ପଣ୍ଡିତ ଦୀନଦୟାଲଜୀଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ଏହି ଦିନଟିକୁ ବିଗତ କିଛିବର୍ଷ ଧରି "ସମର୍ପଣ ଦିବସ" ରୂପେ ପାଳନ କରାଯାଉଛି । ତାଙ୍କ ପ୍ରମୁଖ କାର୍ଯ୍ୟାବଳୀକୁ ସ୍ମରଣ କରି କର୍ମକର୍ତାମାନେ ନିଜକୁ ଦଳ ପାଇଁ ସମର୍ପଣର ଶପଥ ନେଉଛନ୍ତି । ଏହି ପ୍ରକ୍ରିୟା ସପ୍ତାହବ୍ୟାପୀ ଚାଲିବ। ୧୯୮୫ ମସିହାରେ ଏକାତ୍ମ ମାନବବାଦକୁ ଭାରତୀୟ ଜନତା ପାର୍ଟି ନିଜର ବୈଚାରିକ ସିଦ୍ଧାନ୍ତ ଭାବରେ ଗ୍ରହଣ କରି ଏହାକୁ ପଂଚନିଷ୍ଠାରେ ସ୍ଥାନୀତ କରିଛି । ପରବର୍ତୀ ସମୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀ ଏବଂ ବର୍ତମାନର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଏହି ମହାନ ଦର୍ଶନକୁ ଆଧାର କରି ଦେଶ ତଥା ଦେଶବାସୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରୁଛନ୍ତି ବୋଲି ଆଜି ଏକାତ୍ମ ମାନବବାଦର ପ୍ରଣେତା ପଣ୍ଡିତ ଦିନଦୟାଲଜୀଙ୍କ ୫୬ ତମ ପୂଣ୍ୟତିଥି ଅବସରରେ ଉପସ୍ଥିତ ବକ୍ତାଗଣ ମତ ଉପସ୍ଥାପନା କରିଥିଲେ ।

## ଧନୀ କୁକୁର



ବିଶ୍ୱର ସବୁଠାରୁ ଧନୀ କୁକୁର ଥିଲା 'ଟ୍ରବଲ୍' । ନ୍ୟୁୟର୍କର ବିଲିୟନେୟାର ହୋଟେଲ ମାଲିକାଣୀ ଲିଓନା ହେଲ୍‌ମସ୍‌ଲିଙ୍କର ସେ ଅତି ପ୍ରିୟ ପୋଷା କୁକୁର । ଟ୍ରବଲ୍ ନାମରେ ଲିଓନା ମୃତ୍ୟୁ ପୂର୍ବରୁ ରଖିଯାଇଥିଲେ ୧୨ ନିୟୁତ ଡଲାର । ଫ୍ଲୋରିଡାରେ ଥିବା ହେଲ୍‌ମସ୍‌ଲି ସ୍ୟାଣ୍ଡକ୍ୟାସଲ୍ ହୋଟେଲର ଜେନେରାଲ ମ୍ୟାନେଜର କାର୍ଲ ଲୋକିକ୍ ଟ୍ରବଲ୍‌ର ଫାଇନାନ୍ସ ଡିଲ୍ କରୁଥିବା ଟ୍ରବଲ ପାଇଁ ବର୍ଷକୁ ବ୍ୟୟ ହେଉଥିବା ଗାର୍ଡିଆନ ଫି ବାବଦରେ ୬୦,୦୦୦ ଡଲାର, ୨୪ ଘଣ୍ଟା ସୁରକ୍ଷା ପାଇଁ ୮୦୦୦ ଡଲାର, ଖାଦ୍ୟ ପାଇଁ ୧୨୦୦ ଡଲାର, ସ୍ୱାସ୍ଥ୍ୟ ପାଇଁ ୨୫୦୦ରୁ ୧୮,୦୦୦ ଡଲାର ଏବଂ ଅନ୍ୟାନ୍ୟ ବାବଦରେ ୩୦୦୦ ଡଲାର । ଗତବର୍ଷ ଟ୍ରବଲ୍‌ର ମୃତ୍ୟୁ ହୋଇଥିଲା ଏବଂ ନ୍ୟୁୟର୍କରେ ତା'ର ମାଲିକାଣୀଙ୍କ ୧.୪ ନିୟୁତ ଡଲାରର ସମାଧି ନିକଟରେ ତାକୁ ସମାଧି ଦିଆଯାଇଥିଲା ।

ବିଲିୟନେୟାର ଟକ୍ ଶୋ ହୋଷ୍ଟ ଓପ୍ରା ୱିନଫ୍ରେ ତାଙ୍କ ପୋଷା କୁକୁରଙ୍କ ପାଇଁ ବିପୁଳ ବ୍ୟୟ କରୁଛନ୍ତି । ତାଙ୍କ ଅନ୍ତେ ତାଙ୍କ ପୋଷା କୁକୁରଙ୍କର କୌଣସି ଅସୁବିଧା ହେଉ ଏହା ସେ ଚାହାନ୍ତି ନାହିଁ । ତେଣୁ ସେମାନଙ୍କ ନାମରେ ୱିନଫ୍ରେ ରଖିଛନ୍ତି ୩୦ ନିୟୁତ ଡଲାର ।



ଅଭିନେତ୍ରୀ ଡ୍ରିୟୁ ବେରୀମୋର୍‌ଙ୍କ ପୋଷା କୁକୁରର ନାମ ଫ୍ଲସି । ବେରୀମୋର୍ ଓ ତାଙ୍କର ପୂର୍ବତନ ବୟଫ୍ରେଣ୍ଡ ଟମ୍ ଗ୍ରୀନ ଏକ ଅଗ୍ନିକାଣ୍ଡରେ ଫଶି ଯାଇଥିଲେ । ଫ୍ଲସି ସେମାନଙ୍କୁ ଏହି ବିପତ୍ତିରୁ ଉଦ୍ଧାର କରିଥିଲା । ସେ ନଥିଲେ ବେରୀମୋର୍ ଓ ଟମ୍ ନିଶ୍ଚିତ ଭାବରେ ଏହି ଦୁର୍ଘଟଣାରେ ପ୍ରାଣ ହରାଇଥାନ୍ତେ । ଏହାପରେ ବେରୀମୋର୍ ୩ ନିୟୁତ ଡଲାର ମୂଲ୍ୟର ଏକ ଘର କିଣି ଦେଇଥିଲେ ଫ୍ଲସି ନାମରେ ।

ମିଆମିର ଧନୀ ମହିଳା ଗେଲ୍ ପସନର୍ ତାଙ୍କର ପୋଷା କୁକୁର କୋଞ୍ଚିତାକୁ ଏତେ ଭଲ ପାଉଥିଲେ ଯେ ତା' ନାମରେ ତାଙ୍କ ପୁଅଠାରୁ ଅଧିକ ସମ୍ପତ୍ତି ଛାଡି ଯାଇଥିଲେ । ପୁଅ ପାଇଁ ମାତ୍ର ୧ ନିୟୁତ ଡଲାର୍, କିନ୍ତୁ ପୋଷା କୁକୁର ପାଇଁ ଏକାଧିକ କେୟାର ଟେକର୍, ହୀରାର ଗହଣା ଓ ୩ ନିୟୁତ ଡଲାରର ଏକ ଟ୍ରଷ୍ଟ ଫଣ୍ଡ । ଲଣ୍ଡନର ୮୦ ବର୍ଷ ବୟସ୍କା ମାର୍ଗାରେଟ୍ ଲେନ୍ ଏକ ବୁଲା କୁକୁରକୁ ପାଳି ସ୍ନେହ ମମତା ଓ ସମ୍ପତ୍ତି ଅଜାଡି ଦେଇଥିଲେ ତା' ଉପରେ ତା'ର ନାମ ରଖିଥିଲେ ଟିଙ୍କର୍ । ଟିଙ୍କର୍ ପାଇଁ ସେ ୨୨୬,୦୦୦ ଡଲାରର ଏକ ଟ୍ରଷ୍ଟ ଫଣ୍ଡ ସହ ତା' ନାମରେ ଏକ ପ୍ରକାଣ୍ଡକାୟ ଘର ମଧ୍ୟ କରିଦେଇଥିଲେ । ତେବେ ସେ ସର୍ତ୍ତ ରଖିଥିଲେ ଯେ ଟିଙ୍କର ଯଦି ଅନ୍ୟ ଲୋକଙ୍କ ଘରକୁ ନଯିବ ତେବେ ଏ ସମସ୍ତ ସମ୍ପତ୍ତି ସେ ପାଇବ ।

ବ୍ରିଟିଶ ଗାୟିକା ଡଷ୍ଟି ସ୍ପ୍ରିଙ୍ଗ୍‌ଫିଲ୍ଡ ତାଙ୍କର ପୋଷା କୁକୁର ନିକୋଲାସ ପାଇଁ ବହୁ ଅର୍ଥ ଛାଡି ଯାଇଥିଲେ । ନିକୋଲାସର ବିବାହ ପାଇଁ ମଧ୍ୟ ସେ 'କନ୍ୟା'ଟିଏ ବାଛିଥିଲେ । କନ୍ୟାଟି ତାଙ୍କର ଫ୍ରେଣ୍ଡ ଲି ଏଭର୍ଟ ଅଲ୍‌କିନ୍‌ଙ୍କ କୁକୁର । ନିଜ ଉଇଲ୍‌ରେ ଡଷ୍ଟି ଉଲ୍ଲେଖ କରିଥିଲେ ଯେ, ନିକୋଲାସ ଯେଉଁ ବେଡ୍‌ରେ ଶୋଇବ ।' ଉପରେ ତାଙ୍କର ଗାଉନଗୁଡିକ ରହିଥିବ ଏବଂ ବ୍ୟାକ୍‌ଗ୍ରାଉଣ୍ଡରେ ସେ ଗାଇଥିବା ଗୀତଗୁଡିକ ବାଜୁଥିବ । ତାଙ୍କ ମୃତ୍ୟୁ ପରେ ନିକୋଲାସ ଅତିକମ୍‌ରେ ଏକବର୍ଷ ଯାଏ ଇମ୍ପୋର୍ଟେଡ୍ ବେବି ଫୁଡ୍ ଖାଇବ ବୋଲି ମଧ୍ୟ ଡଷ୍ଟି ତାଙ୍କ ଇଲକ୍‌ରେ ଉଲ୍ଲେଖ କରିଥିଲେ ।

ବକ୍‌ଶଟ୍, କାଟି ଓ ଓବୁଜେଟ୍ ଏହି ତିନିଟ୍ ପୋଷା କୁକୁରଙ୍କ ନାମରେ ସେମାନଙ୍କ ମାଲିକ କେନ୍ କେମ୍ପର୍ ରଖିଯାଇଥିଲେ ୪୦୦,୦୦୦ ଡଲାର । ଏହା ସହିତ ହାଗରଷ୍ଟୋନରେ ଏକ ଦାମୀ ଘର । କେନ୍‌ଙ୍କ ମୃତ୍ୟୁ ପରେ ଏହି ତିନି କୁକୁରଙ୍କର ଯତ୍ନ ନେଇଥିଲେ ଜଣେ କେୟାରଟେକର । ସେମାନଙ୍କ ପାଇଁ ସାପ୍ତାହିକ ଡିନର୍‌ପାର୍ଟି ସହ ବେଷ୍ଟ ମେଡ଼ିକାଲ ଟ୍ରିଟମେଣ୍ଟର ବ୍ୟବସ୍ଥା କରାଯାଇଥିଲା ।

ଫେଶନ କିଙ୍ଗ୍ ଆଲେକ୍‌ଜାଣ୍ଡର ମ୍ୟାକ୍‌କୁନ୍ ଏଇ ନିକଟରେ ଗଳାରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି । ଆତ୍ମହତ୍ୟା ପୂର୍ବରୁ ଏହି ଡିଜାଇନର୍ ତାଙ୍କର ବିପୁଳ ସମ୍ପତ୍ତିର ଯେଉଁ ଉଇଲ୍ କରିଯାଇଥିଲେ ତାହା ଏବେ ଚର୍ଚ୍ଚାର ବିଷୟ ହୋଇଛି । ଉଇଲ୍‌ରେ ସେ ତାଙ୍କର ଭାଇ ଭଉଣୀ ଓ ହାଉସ୍‌ହୋଲ୍ଡ ଷ୍ଟାଫମାନଙ୍କ ମଧ୍ୟରେ ସମ୍ପତ୍ତିର କିଛି ଅଂଶ ବାଣ୍ଟିଦେବା ସହ ତାଙ୍କର ତିନି ପୋଷା କୁକୁରଙ୍କ ପାଇଁ ମଧ୍ୟ କିଛି ସମ୍ପତ୍ତି ଛାଡି ଯାଇଛନ୍ତି । ମ୍ୟାକ୍‌କୁଇନ୍‌ଙ୍କର ତିନିଟି ପୋଷା କୁକୁର-ଜୁସି, ମିଣ୍ଟର ଓ କ୍ୟାଲମ୍ । ଏହି ତିନି କୁକୁରଙ୍କ ପାଇଁ ସେ ଛାଡି ଯାଇଛନ୍ତି ୫୦,୦୦୦ ପାଉଣ୍ଡ । କୁକୁର ତିନିଟି ଥିଲେ ତାଙ୍କର ଅତି ପ୍ରିୟ । ନିଜର ଦୟାବନ୍ତ ମାଲିକଙ୍କ ଧନରେ ଧନୀ ହୋଇପାରିଥିବା ବିଶ୍ୱର କେତୋଟି ଭାଗ୍ୟବାନ କୁକୁରଙ୍କ ତାଲିକାରେ ଏବେ ସ୍ଥାନ ପାଇଛନ୍ତି ଜୁସି, ମିଣ୍ଟର୍ ଓ କ୍ୟାଲମ୍ ।



## ଅତ୍ୟଧିକ କମ୍ପ୍ୟୁଟର ବ୍ୟବହାର କରୁଛନ୍ତି କି ? ଆଖି ଓ ମୁଣ୍ଡ ବିନ୍ଧୁଥିଲେ ଜାଣି ରଖନ୍ତୁ...

ଆଖି ଈଶ୍ୱରଙ୍କ ସବୁଠାରୁ ସୁନ୍ଦର ଉପହାର ଭାବରେ ବିବେଚନା କରାଯାଏ, ସେଥିରେ ଘଟୁଥିବା କୌଣସି ସମସ୍ୟା ଜୀବନର ଗୁଣ ଉପରେ ସିଧାସଳଖ ପ୍ରଭାବ ପକାଇପାରେ । ଗତ କିଛି ବର୍ଷ ମଧ୍ୟରେ, କମ୍ପ୍ୟୁଟରର ଅତ୍ୟଧିକ ବ୍ୟବହାର, ଜୀବନଶୈଳୀ ଓ ଖାଦ୍ୟପେୟ ବ୍ୟାଘାତ ହେତୁ ଲୋକମାନେ ଚକ୍ଷୁ ସମ୍ବନ୍ଧୀୟ ସମସ୍ତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ପରିସ୍ଥିତି ଏପରି ଯେ ବହୁତ ଛୋଟ ପିଲାମାନେ ଚଷମା ପିନ୍ଧୁଛନ୍ତି । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବାନୁସାରେ, ଅସ୍ୱଚ୍ଛ ଦୃଷ୍ଟିଶକ୍ତି ହଠାତ୍ ଆରମ୍ଭ ହେବା ହେଉଛି ଏପରି ଏକ ଗମ୍ଭୀର ଆଖି ସମସ୍ୟା, ଯାହା କି ନିକଟ ଅତୀତରେ ବହୁ ସଂଖ୍ୟକ ଲୋକ ଶିକାର ହୋଇଛନ୍ତି...

ଅସ୍ୱଚ୍ଛ ଦୃଷ୍ଟିଶକ୍ତି କ୍ଷେତ୍ରରେ, ଜିନିଷ ଉପରେ ଧ୍ୟାନ ଦେବା କିମ୍ବା ସ୍ୱଚ୍ଛ ଭାବରେ ଦେଖିବାରେ ସମସ୍ୟା ରହିଛି । ସାଧାରଣତଃ ବୟସ ବଢିବା ସହିତ, ଗୋଟିଏ କିମ୍ବା ଉଭୟ ଆଖିରେ ଅସ୍ୱଚ୍ଛ ଦୃଷ୍ଟିର ସମସ୍ୟା କିମ୍ବା ଭଲ ଭାବରେ ଦେଖିବା ପାଇଁ ଆଖିକୁ ବାରମ୍ବାର ଘଷିବା ଆବଶ୍ୟକତା ମଧ୍ୟ ସାଧାରଣ ଭାବରେ ବିବେଚନା କରାଯାଏ । ତଥାପି, ଏହି ପ୍ରକାରର ସମସ୍ୟା ଅଳ୍ପ ବୟସରେ ସମାଧାନ ହୋଇପାରିବ । ଏହା ଗୁରୁତର ବୋଲି ବିଶେଷଜ୍ଞମାନେ କହିଛନ୍ତି । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁଯାୟୀ, କେତେକ ଅବସ୍ଥା ତଥା ଆଖି ସମ୍ବନ୍ଧୀୟ ଅନେକ ରୋଗ ହେତୁ ଏହି ପ୍ରକାରର ସମସ୍ୟା ହୋଇପାରେ, ଯାହାର ଠିକ ସମୟରେ ନିରାକରଣ ଓ ଚିକିତ୍ସା ଆବଶ୍ୟକ ରହିଛି । ଆସନ୍ତୁ ଜାଣିବା...

### ହଠାତ୍ ଅସ୍ୱଚ୍ଛ ଦୃଷ୍ଟିର କାରଣଗୁଡ଼ିକ କ'ଣ ହୋଇପାରେ ?

ଚକ୍ଷୁ ବିଶେଷଜ୍ଞଙ୍କ ଅନୁଯାୟୀ ହଠାତ୍ ଅସ୍ୱଚ୍ଛ ଦୃଷ୍ଟିର ଅନେକ କାରଣ ଥାଇପାରେ । ଏହା ଏକ ଜରୁରୀକାଳୀନ ପରିସ୍ଥିତି ଭାବରେ ବିବେଚନା କରାଯାଏ ଯାହା ଆଖିର ସ୍ଥାୟୀ କ୍ଷତି ଓ ଦୃଷ୍ଟି ଶକ୍ତି ହରାଇବା ପାଇଁ ଯଥାଶୀଘ୍ର ନିରାକରଣ ଓ ଚିକିତ୍ସା କରାଯିବା ଆବଶ୍ୟକ ରହିଛି । ସାଧାରଣତଃ, ରେଟିନା ସମ୍ବନ୍ଧୀୟ ସମସ୍ୟା, ଆଖିର ଷ୍ଟ୍ରେନ୍, ଉଚ୍ଚ ରକ୍ତ ଶର୍କରା ସ୍ତର, ଆଖିରେ ଅବରୋଧ ଭଳି ପରିସ୍ଥିତି ଯୋଗୁଁ ଲୋକମାନେ ଏହି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି । ଏହାର କାରଣଗୁଡିକ ଠିକ୍ ସମୟରେ ଚିହ୍ନଟ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଛି ।

### ଆପଣ ଏପରି ଲକ୍ଷଣ ଦେଖିବା ମାତ୍ରେ ସାବଧାନ ରୁହନ୍ତୁ...

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ଗୋଟିଏ କିମ୍ବା ଉଭୟ ଆଖିରେ ଅସ୍ୱଚ୍ଛ ଦୃଷ୍ଟିର ସମସ୍ୟା ଦେଖାଦେଇପାରେ...

ଲୋକମାନେ ଏହି ସମ୍ବନ୍ଧୀୟ କିଛି ଲକ୍ଷଣ ବିଷୟରେ ବିଶେଷ ଭାବରେ ଯତ୍ନବାନ ହେବା ଆବଶ୍ୟକ, ଯଦିଓ ଏହା ଆବଶ୍ୟକ ନୁହେଁ ଯେ ଏହି ଲକ୍ଷଣଗୁଡିକ ସମସ୍ତ ଲୋକଙ୍କଠାରେ ଦେଖାଯାଏ...

ଆଲୋକ ପ୍ରତି ସମ୍ବେଦନଶୀଳତା ରହିବା...

ଆଖି ଯନ୍ତ୍ରଣା କିମ୍ବା କ୍ରମାଗତ ମୁଣ୍ଡବିନ୍ଧା...

ଆଖିରେ ଶୁଷ୍କତା ଓ ଯନ୍ତ୍ରଣା...

ଆଖିରେ ପାଣି ଦେବା...

ଆଖିରେ ଆଘାତର ଲକ୍ଷଣ...

### ଅସ୍ୱଚ୍ଛ ଦେଖାଗଲେ କେମିତି ଚିକିତ୍ସା କରିବେ ?

ବିଶେଷଜ୍ଞଙ୍କ ଅନୁଯାୟୀ, ଅସ୍ୱଚ୍ଛ ଦୃଷ୍ଟିର ଚିକିତ୍ସା ଏହାର କାରଣ ଉପରେ ନିର୍ଭର କରେ । ଯେପରି ଉଲ୍ଲେଖ କରାଯାଇଛି, ମଧୁମେହ ଓ ରକ୍ତଚାପ ପରି ଅନ୍ତର୍ନିହିତ ଅବସ୍ଥା ମଧ୍ୟ ଏହି ସମସ୍ୟା ସୃଷ୍ଟି କରିପାରେ, ତେଣୁ ଏହାକୁ ପ୍ରଥମେ ସମାଧାନ କରାଯିବା ଆବଶ୍ୟକ । ବେଳେବେଳେ ରେଟିନାଲ୍ ବିଚ୍ଛିନ୍ନତା ଓ ଆଖି ଭିତରେ ରକ୍ତସ୍ରାବ ହେଲେ ଅସ୍ତ୍ରୋପଚାର ଆବଶ୍ୟକ ହୋଇପାରେ । ହାଇପରୋପିଆ ଓ ମାୟୋପିୟା ଭଳି କାରଣ କ୍ଷେତ୍ରରେ ରୋଗୀଙ୍କୁ ଚଷମା କିମ୍ବା କଣ୍ଟାକ୍ଟ ଲେନ୍ସ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଥାଏ ।

## ଦିବ୍ୟ ବିଶ୍ୱାସ



କେବଳ ଦେଶ ଜୟ କରିବା ଥିବା ଭାରତରେ ମୋଗଲ୍ ସାମ୍ରାଜ୍ୟର ପ୍ରତିଷ୍ଠାତା ବାବର୍‌ଙ୍କ ମୁଖ୍ୟ ଲକ୍ଷ୍ୟ । ଭାରତକୁ ସେ ଭଲ ପାଉ ନ ଥିଲେ । ତେବେ ଫର୍ଗଣା, କାବୁଲ ଓ କାନ୍ଦହାର ତୁଳନାରେ ଭାରତ ଅପେକ୍ଷାକୃତ ନିରାପଦ ଥିବାରୁ ସେ ଏଠାରେ ରହିଯାଇଥିଲେ । ତାଙ୍କ ନାତି ଆକବର ସିଂହାସନରେ ବସିବା ବେଳକୁ ପରିସ୍ଥିତି ସମୃଦ୍ଧ ନ ହେଲେ ବି ଦୃଢ଼ ହୋଇସାରିଥିଲା । ଆକବର ଥିଲେ ନିପୁଣ ଶାସକ ଏବଂ କୌଶଳୀ ଯୋଦ୍ଧା । ଭାରତରେ ମୋଗଲ୍ ସାମ୍ରାଜ୍ୟର ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ସେ ସଫଳ ହୋଇଥିଲେ; ଏବଂ ସେଥି ପାଇଁ ତାଙ୍କୁ ବିଶେଷ ସମୟ ମଧ୍ୟ ଲାଗି ନ ଥିଲା । ତାହା ପରେ ସେ ସମାଜ ସୁଧାରକ ଓ ଧର୍ମ ସଂସ୍କାରକ ହେବା ଲାଗି ମନ ଚଳାଇଥିଲେ । ଉଲ୍ଲେଖନୀୟ ଯେ, ତାଙ୍କ ସମୟରେ ଧର୍ମଗତ ବିଭେଦ ବ୍ୟାପକ ନ ଥିଲା । ମୋଗଲ୍‌ଙ୍କ ସହ ବିବାହ ଓ ଅନ୍ୟ ସାମାଜିକ ସଂପର୍କ ପ୍ରତିଷ୍ଠା ପାଇଁ ରାଜପୁତମାନେ ଆପତ୍ତି କରୁ ନଥିଲେ । ଧର୍ମାନ୍ତରୀକରଣ ଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ କେହି ଏତେ ଗୁରୁତ୍ୱ ଦେଉ ନଥିଲେ । ତେଣୁ ଆକବର ସେ କାଳର ସମସ୍ତ ମୁଖ୍ୟ ଧର୍ମରୁ କିଛି କିଛି ଆଣି ଏକ ନୂଆ ଧର୍ମ ପ୍ରଚଳନ କରିବା ନିମନ୍ତେ ଆଗ୍ରହୀ ହୋଇଥିଲେ । ଏକ ନୂତନ ଧର୍ମ ପ୍ରଚଳନ ପାଇଁ ଆବଶ୍ୟକ ହେଉଥିବା ଆଧ୍ୟାତ୍ମିକ ସାଧନା ତାଙ୍କଠାରେ ନ ଥିଲେ ସୁଦ୍ଧା ସେ 'ଦିନ୍-ଇ-ଇଲାହି' ଧର୍ମ ସୃଷ୍ଟି କରିଥିଲେ । 'ଦିନ୍-ଇ-ଇଲାହି'ର ଆକ୍ଷରିକ ଅର୍ଥ 'ଦିବ୍ୟ ବିଶ୍ୱାସ' । ଦିନ୍-ଇ-ଇଲାହି' ଧର୍ମାବଲମ୍ବୀମାନେ ନିରାମିଷ ଆହାର, ବିଧବା ବିବାହ ଏବଂ ଅହିଂସାକୁ ସମର୍ଥନ କରୁଥିଲେ । ସେମାନେ ବାଲ୍ୟ ବିବାହ, ସତୀ ପ୍ରଥା, ନିକଟ ସଂପର୍କୀୟଙ୍କ ମଧ୍ୟରେ ବିବାହ ଏବଂ ଏକାଧିକ ବିବାହ ଆଦିକୁ ବିରୋଧ କରୁଥିଲେ । ଆକବରଙ୍କ ଧର୍ମନୀତି ଉଦାର ଥିଲା । ସେ ବଳପୂର୍ବକ ଧର୍ମାନ୍ତରୀକରଣକୁ ସମର୍ଥନ ଦେଉ ନ ଥିଲେ । ତେଣୁ କେବଳ ମୁଷ୍ଟିମେୟ ସମର୍ଥକ ହିଁ ତାଙ୍କ ଧର୍ମକୁ ଗ୍ରହଣ କରିଥିଲେ । ମୁଖ୍ୟତଃ ମୁସଲମାନ୍‌ମାନେ ତାଙ୍କ ଧର୍ମକୁ ଗ୍ରହଣ ନ କରିବାରୁ ତାଙ୍କ ଜୀବଦ୍ଦଶାରେ ହିଁ ସେହି ଧର୍ମର ମୃତ୍ୟୁ ଘଟିଥିଲା ।



## ପ୍ରତିଦିନ ପିଲାଙ୍କୁ ଦିଅନ୍ତୁ ଏହି ପାଞ୍ଚଟି ଜିନିଷ: ଚାଣକ୍ୟ ପରି କାମକରିବ ମୁଣ୍ଡ

ଡ୍ରାଏ ଫ୍ରୁଟ୍ସ କେବଳ ପିଲାର ରୋଗ ପ୍ରତିରୋଧକ ଶକ୍ତି ବଢାଏ ନାହିଁ ବରଂ ତାଙ୍କ ମସ୍ତିଷ୍କ ବିକାଶରେ ମଧ୍ୟ ସାହାଯ୍ୟ କରେ। ସେମାନେ କିଛି ଜିନିଷ ଉପରେ ଭଲଭାବେ ଧ୍ୟାନ ଦେବାକୁ ସକ୍ଷମ ହୋଇପାରନ୍ତି। ତେବେ ଆସନ୍ତୁ ଜାଣିବା ପିଲାମାନଙ୍କ ମସ୍ତିଷ୍କକୁ ଉନ୍ନତ କରିବା ପାଇଁ ଆପଣ ସେମାନଙ୍କ ଖାଦ୍ୟରେ କେଉଁ ଡ୍ରାଏ ଫ୍ରୁଟ୍ସ ସାମିଲ କରିବା ଉଚିତ।

ଡ୍ରାଏ ଫ୍ରୁଟ୍ସ ଏବଂ ନଟ୍ସକୁ ପୋଷକ ତତ୍ତ୍ୱର ପାୱାର୍ ହାଉସ୍ କୁହାଯାଏ। ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍, ମିନେରାଲ୍ସ, ଆଣ୍ଟିଅକ୍ସିଡାଣ୍ଟ, ସୁସ୍ଥ ଚର୍ବି ଏବଂ ଡାଏଟାରୀ ଫାଇବର ଥାଏ। ଏହି ସମସ୍ତ ଜିନିଷ କେବଳ ପିଲାର ରୋଗ ପ୍ରତିରୋଧକ ଶକ୍ତି ବଢାଏ ନାହିଁ ବରଂ ତାଙ୍କ ମସ୍ତିଷ୍କ ବିକାଶରେ ମଧ୍ୟ ସାହାଯ୍ୟ କରେ। କେବଳ ଏତିକି ନୁହେଁ, ଏସବୁ ଖାଇବା ଦ୍ୱାରା ପିଲାମାନଙ୍କର ହାଇପର ଆକ୍ଟିଭିଟି କମ ହୋଇଥାଏ ଏବଂ ସେମାନେ କିଛି ଜିନିଷ ଉପରେ ଭଲଭାବେ ଧ୍ୟାନ ଦେବାକୁ ସକ୍ଷମ ହୋଇପାରନ୍ତି। ତେବେ ଆସନ୍ତୁ ଜାଣିବା ପିଲାମାନଙ୍କ ମସ୍ତିଷ୍କକୁ ଉନ୍ନତ କରିବା ପାଇଁ ଆପଣ ସେମାନଙ୍କ ଖାଦ୍ୟରେ କେଉଁ ଡ୍ରାଏ ଫ୍ରୁଟ୍ସ ସାମିଲ କରିବା ଉଚିତ। ପୁଷ୍ଟି ବିଜ୍ଞାନୀଙ୍କ ମତରେ ୭ରୁ ୯ ମାସର ପିଲାମାନଙ୍କ ଖାଦ୍ୟରେ ଡ୍ରାଏ ଫ୍ରୁଟ୍ସ ପେଷ୍ଟ ସାମିଲ୍ କରାଯାଇପାରିବ। ପିଲା ୫ ବର୍ଷରୁ କମ ହୋଇଥିଲେ ସେମାନଙ୍କୁ ଏହାସବୁ ଛୋଟ ଛୋଟ ଖଣ୍ଡ ଆକାରରେ ଦେଇହେବ। ନଚେତ ସେମାନଙ୍କ ତଣ୍ଟିରେ ଲାଗିପାରେ।

୫ ବର୍ଷରୁ ଅଧିକ ପିଲାମାନଙ୍କ ପାଇଁ, ଆପଣ ସେମାନଙ୍କୁ ଖାଦ୍ୟରେ ଭଜା କିମ୍ବା ଅନ୍ୟ ସ୍ନାକ୍ସ ଆକାରରେ ଅନ୍ତର୍ଭୁକ୍ତ କରିପାରିବେ। ଯଦି ଆପଣ ଏହି ଡ୍ରାଏ ଫ୍ରୁଟ୍ସକୁ ପିଲାଦିନରୁ ପିଲାମାନଙ୍କର ଖାଦ୍ୟରେ ଅନ୍ତର୍ଭୁକ୍ତ କରନ୍ତି, ତେବେ ସେମାନଙ୍କର ମସ୍ତିଷ୍କ ଖୁବ୍ ଶୀଘ୍ର ବିକାଶ ହୋଇପାରେ।





ବାଦାମ: ବାଦାମରେ ଫସ୍‌ଫରସ୍ ଭରପୂର ଥାଏ, ଯାହା ହାଡ ଏବଂ ଦାନ୍ତକୁ ମଜବୁତ କରିବାରେ ସାହାଯ୍ୟ କରିଥାଏ। ବାଦାମରେ ରାଇବୋଫ୍ଲାଭିନ୍ ଏବଂ ଏଲ୍-କାର୍ନିଟିନ୍ ଥାଏ ଯାହା ମସ୍ତିଷ୍କକୁ ଶୀଘ୍ର ବିକାଶରେ ସାହାଯ୍ୟ କରିଥାଏ। ଏହା ଫାଇବରରେ ମଧ୍ୟ ଭରପୂର, ଯାହା ଖାଦ୍ୟ ଅବଶୋଷଣରେ ସାହାଯ୍ୟ କରିଥାଏ।

ଅଖରୋଟ୍: ଅଖରୋଟ୍ ଓମେଗା-୩ ଫ୍ୟାଟି ଏସିଡ୍‌ର ଏକ ବଡ ଉତ୍ସ ଯାହା ପିଲାର ମସ୍ତିଷ୍କ ବିକାଶରେ ସାହାଯ୍ୟ କରେ। ଏଥିରେ କ୍ୟାଲ୍‌ସିୟମ୍, ଆଇରନ୍, ମ୍ୟାଗ୍ନେସିୟମ୍, ଫସ୍‌ଫରସ୍, ପୋଟାସିୟମ୍ ଏବଂ ଜିଙ୍କ୍ ପରି ଖଣିଜ ପଦାର୍ଥ ମଧ୍ୟ ରହିଥାଏ ଯାହା ମସ୍ତିଷ୍କକୁ ଅନେକ ଉପାୟରେ ଉପକାର କରିଥାଏ।

ପିସ୍ତା: ପିସ୍ତାରେ ଭିଟାମିନ୍ ଏ, ସି, ଇ, ଥିଆମିନ୍, ରିବୋଫ୍ଲାଭିନ୍, ନିୟାସିନ୍, ପାଣ୍ଟୋଥେନିକ୍ ଏସିଡ୍, ପାଇରିଡୋକ୍ସିନ୍ ଏବଂ ଫୋଲେଟ୍ ଭଳି ଅତ୍ୟାବଶ୍ୟକ ଭିଟାମିନ୍ ଥାଏ ଯାହା ମସ୍ତିଷ୍କ ପାଇଁ ଖୁବ ଲାଭଦାୟକ। ଏସବୁ ଖାଇବା ଦ୍ୱାରା ଏକାଗ୍ରତାରେ ସାହାଯ୍ୟ କରେ ଏବଂ ସ୍ମୃତିରେ ଉନ୍ନତି ଆଣେ।

କାଜୁ: ମସ୍ତିଷ୍କ ବିକାଶ ପାଇଁ କାଜୁ ମଧ୍ୟ ବହୁତ ଲାଭଦାୟକ। ଏଥିରେ ଲ୍ୟୁଟିନ୍ ଏବଂ ଜେକ୍ସିନ୍ ?ଥିନ୍ ପରି ଉଚ୍ଚ ସ୍ତରର ଆଣ୍ଟିଅକ୍ସିଡାଣ୍ଟ ଥାଏ, ଯାହା ଆଖିକୁ ସୁରକ୍ଷା ଦେଇଥାଏ। ଏହା ମଧ୍ୟ ମ୍ୟାଗ୍ନେସିୟମରେ ଭରପୂର ଯାହା ହାଡର ବିକାଶରେ ସହାୟକ ହୋଇଥାଏ।

ଡ୍ରାଏଡ୍ ଆପ୍ରିକଟ୍: ଡ୍ରାଏଡ୍ ଆପ୍ରିକଟରେ ପ୍ରଚୁର ପରିମାଣର ଡାଏଟାରୀ ଫାଇବର, ପୋଟାସିୟମ୍, ନିୟାସିନ୍, ଆଇରନ୍ ଏବଂ ଭିଟାମିନ୍ ଇ ଥାଏ ଯାହା ପିଲାର ମାନସିକ ଏବଂ ଶାରୀରିକ ବିକାଶ ପାଇଁ ଜରୁରୀ ହୋଇଥାଏ। ଏହା ଆଖିକୁ ସୁସ୍ଥ ରଖିବାରେ ମଧ୍ୟ ସାହାଯ୍ୟ କରିଥାଏ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଭାରତକୁ ବିପଦ...

ଆର୍ଥିକ ଦୁର୍ଦ୍ଦିନ ଓ ରାଜନୈତିକ ଅସ୍ଥିରତା ଦେଇ ଗତି କରୁଥିବା ପାକିସ୍ତାନ ଏବେ ନିର୍ବାଚନୀ ହିଂସାକୁ ନେଇ ଜଳୁଛି। ନିର୍ବାଚନରେ ବାହୁବଳର ପ୍ରୟୋଗ ହୋଇଥିବା ଅଭିଯୋଗ କରି ଉତ୍ୟକ୍ତ ବିକ୍ଷୋଭକାରୀ କେତେକ ଭୋଟଦାନ କେନ୍ଦ୍ର, ଭୋଟଦାନରେ ବ୍ୟବହୃତ ସାମଗ୍ରୀ ଓ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ନିଆଁ ଲଗାଇ ଦେଇଛନ୍ତି। ୧୫ଟି ବୁଥ୍‌ରେ ପୁନର୍ବାର ଭୋଟଦାନ ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି। ପାକିସ୍ତାନର ରାଜନୈତିକ ଅସ୍ଥିରତା ବଢ଼ିବା ସହିତ ଚାରିଆଡ଼େ ହିଂସା ଓ ପୋଡ଼ାଜଳା ଲାଗିରହିଛି ଏବଂ ଗଣତନ୍ତ୍ର ନାଚାର ହୋଇପଡ଼ିଛି। ସେଠାରେ ନିର୍ବାଚନ ପରେ ଏକ ଅଭୂତପୂର୍ବ ସ୍ଥିତି ସୃଷ୍ଟି ହୋଇଛି ଯାହା ସେହି ଦେବାଳିଆ ଦେଶର ରାଜନୈତିକ ପରିସ୍ଥିତିକୁ ଅଧିକ ଜଟିଳ କରିଛି ଏବଂ ସମଗ୍ର ପାକିସ୍ତାନ ଅଶାନ୍ତି ଓ ହିଂସାର ବଳୟ ମଧ୍ୟରେ ରହିଛି। ୨୬୫ ଆସନ ବିଶିଷ୍ଟ ପାକିସ୍ତାନ ନ୍ୟାଶନାଲ୍ ଆସେମ୍ବ୍ଲି ପାଇଁ ସଦ୍ୟସମାପ୍ତ ସାଧାରଣ ନିର୍ବାଚନରେ କୌଣସି ଦଳକୁ ସରକାର ଗଢ଼ିବା ପାଇଁ ସ୍ପଷ୍ଟ ବହୁମତ ମିଳିନାହିଁ। ତେଣୁ ଏଥର ମଧ୍ୟ ପାକିସ୍ତାନ ସେନାବାହିନୀ ସରକାର ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିବା ପ୍ରାୟ ସ୍ପଷ୍ଟ ହୋଇସାରିଛି। ନୱାଜ୍ ସରିଫ୍‌ଙ୍କ ପିଏମ୍‌ଏଲ୍-ଏନ୍ ୭୫ଟି ଆସନ ଜିତିଥିବା ବେଳେ ବିଲ୍‌ୱାଲ ଭୁଟ୍ଟୋ ଜର୍ଦ୍ଦାରୀଙ୍କ ପିପିପି ପାର୍ଟିର ପ୍ରାର୍ଥୀମାନେ ୫୪ଟି ଆସନରେ ଜୟଯୁକ୍ତ ହୋଇଛନ୍ତି। ଅପରପକ୍ଷରେ ଅର୍ଥତୋଷରପାତ ଓ ଦୁର୍ନୀତି ଅଭିଯୋଗରେ ଏବେ ଜେଲ୍‌ରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପୂର୍ବତନ କ୍ରିକେଟର ଇମ୍ରାନ୍ ଖାନ୍‌ଙ୍କ ପିଟିଆଇ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀମାନେ ୧୦୧ଟି ଆସନରେ ଜୟଯୁକ୍ତ ହୋଇଛନ୍ତି। ଗତବର୍ଷ ଦେଶବ୍ୟାପୀ ବିକ୍ଷୋଭ ଓ ହିଂସାକାଣ୍ଡ ଭିଆଇଥିବା ପ୍ରତିବାଦରେ ପିଟିଆଇର ଅନେକ ନେତା ଓ ଦୃଢ଼ ସମର୍ଥକଙ୍କୁ ଜେଲ୍‌ରେ ଭର୍ତ୍ତି କରାଯାଇଥିଲା ଏବଂ ଇମ୍ରାନ୍‌ଙ୍କ ପିଟିଆଇକୁ ନିର୍ବାଚନ ଲଢ଼ିବାକୁ ଅଯୋଗ୍ୟ ଘୋଷଣା କରାଯାଇଥିଲା। ତେଣୁ ପିଟିଆଇ ନେତାମାନେ ବିନା ଦଳୀୟ ଚିହ୍ନ ବା ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବାକୁ ବାଧ୍ୟ ହୋଇଥିଲେ। ବହୁଦଳୀୟ ଗଣତାନ୍ତ୍ରିକ ବିଧିବ୍ୟବସ୍ଥା ଅନୁସାରେ କୌଣସି ଏକ ଦଳକୁ ବା ବିଭିନ୍ନ ଦଳର ମେଣ୍ଟକୁ ହିଁ ସରକାର ଗଢ଼ିବା ପାଇଁ ସୁଯୋଗ ମିଳିବ। ତେଣୁ ଏବେ ସଂଖ୍ୟାଧିକ ଆସନରେ ଜିତିଥିବା ସତ୍ତ୍ୱେ ପିଟିଆଇ ସମର୍ଥିତ ବିଜୟୀ ସ୍ୱାଧୀନ ପ୍ରାର୍ଥୀମାନେ ସେହି ସୁଯୋଗ ପାଇବେ ନାହିଁ। ଭୁଟ୍ଟୋଙ୍କ ପକ୍ଷରୁ ମେଣ୍ଟ ପାଇଁ ସବୁଜ ସଙ୍କେତ ଦିଆଯାଇଥିଲେ ମଧ୍ୟ ସରିଫ୍‌ଙ୍କ ପକ୍ଷରୁ ଏ ସମ୍ପର୍କରେ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ। ହୁଏତ ଆଉ ଦିନେ ଦୁଇଦିନ ମଧ୍ୟରେ ସେଠାକାର ସ୍ଥିତି ସ୍ପଷ୍ଟ ହୋଇଯିବ। ବର୍ତ୍ତମାନ ପାକିସ୍ତାନର ସ୍ଥିତି ଯାହା, ସେଥିରେ ଯେଉଁ ଦଳ ମଧ୍ୟ ସରକାର ଗଢୁ ନା କାହିଁକି ତା' ଆଗରେ ଅନେକ ଜଟିଳ ଆହ୍ୱାନ ରହିଛି। ପ୍ରଥମତଃ, ସେହି ଦେଶ ଏବେ ଗୁରୁତର ଆର୍ଥିକ ଦୁର୍ଦ୍ଦିନ ଦେଇ ଗତି କରୁଛି। ମୁଦ୍ରାସ୍ଫୀତି ଅତି ଉଚ୍ଚରେ। ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ଲୋକଙ୍କ ପାଇଁ କଠିନ ହୋଇପଡ଼ିଛି। ଚୀନର ବୋଲକରା ହୋଇ ତା'ର ଋଣ ଜାଲରେ ଦେଶ ଛନ୍ଦି ହୋଇ ଯାଇଥିବା ବେଳେ ଆତଙ୍କବାଦ କାର୍ଯ୍ୟକଳାପ ନିୟନ୍ତ୍ରଣ ଲାଗି ଆମେରିକା ପକ୍ଷରୁ ଯେଉଁ ବୃହତ୍ ଆର୍ଥିକ ସହାୟତା ମିଳୁଥିଲା ତାହା ମଧ୍ୟ ବନ୍ଦ ହୋଇଯାଇଛି। ପାକିସ୍ତାନର ଅବସ୍ଥା ଏପରି ହୋଇଛି ଯେ ନିବେଶ ତ ଦୂରେ ଥାଉ କୌଣସି ସଂସ୍ଥା ବା ଦେଶ ତା'କୁ ଋଣ ଦେବାକୁ ମଧ୍ୟ ରାଜି ନୁହନ୍ତି। ଶେଷରେ ଅନେକ କଠୋର ସର୍ତ୍ତ ସହିତ ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ପାକିସ୍ତାନକୁ କିଛି ପରିମାଣରେ ଋଣ ଦେଇଛି। ଋଣ ଚୁକ୍ତି ସହିତ ପାକିସ୍ତାନ ଏକପ୍ରକାର ବନ୍ଧା ପଡ଼ିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ତେଣୁ ନୂଆ ସରକାର ପାଇଁ ଦେଶକୁ ଆର୍ଥିକ ଦୁର୍ଦ୍ଦିନରୁ ଉଦ୍ଧାର କରିବା ପ୍ରଥମ କାମ ହେବ, ଯାହା ସହଜ ନୁହେଁ। ଦ୍ୱିତୀୟତଃ, ସେଠାରେ ଯିଏ ମଧ୍ୟ ଶାସନମୁଖ୍ୟ ହେବ ସେ ସେନା ହାତର ସଖିକଣ୍ଢେଇ ହେବାକୁ ବାଧ୍ୟ। ସେଥିରେ ଟିକିଏ ଓଲମ ବିଲୋମ ହେଲେ କ୍ଷମତାଚ୍ୟୁତ ହେବା ସହିତ ଦଣ୍ଡ ଭୋଗିବା ଥୟ। ଏହା ପାକିସ୍ତାନ ଶାସନତନ୍ତ୍ରର ଏକପ୍ରକାର କପାଳଲିଖନ ହୋଇସାରିଛି। ବର୍ତ୍ତମାନ ଜେଲ୍ ଦଣ୍ଡ ଭୋଗୁଥିବା ଇମ୍ରାନ୍ ମଧ୍ୟ ଏକଦା ପାକ୍ ସେନାର ଗେହ୍ଲାପୁଅ ଥିଲେ। ତାଙ୍କ ଦଶା ଏବେ ଜଗତ ଦେଖୁଛି। ସେନା ଚାପରେ ସେ ଦେଶର ବିଚାର ବ୍ୟବସ୍ଥା ମଧ୍ୟ ନାଚାର ହୋଇଥିବାରୁ ଏହି ନିର୍ବାଚନରେ ଇମ୍ରାନ୍ ଖାନ୍ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ନାହିଁ ବୋଲି ବହୁଆଗରୁ ଯାହା ଅନୁମାନ କରଯାଉଥିଲା ତାହିଁ ହିଁ ଘଟିଛି। ମୁଖ୍ୟକଥା ହେଉଛି, ଧର୍ମଭିତ୍ତିରେ ଗଠିତ ପାକିସ୍ତାନରେ ଗଣତାନ୍ତ୍ରିକ ବ୍ୟବସ୍ଥା ଏ ଯାଏଁ ଦୃଢ଼ ହୋଇନାହିଁ। ସାମରିକ ବାହିନୀ ଦ୍ୱାରା ଦୀର୍ଘକାଳ ଧରି ପ୍ରତ୍ୟକ୍ଷ ଶାସିତ ଓ ପରୋକ୍ଷ ନିୟନ୍ତ୍ରିତ ସେହି ଦେଶର ରାଜନୈତିକ ଓ ଅର୍ଥନୈତିକ ଅସ୍ଥିରତା ଚିରସହଚର ହୋଇଯାଇଛି। ପାକିସ୍ତାନର ସାମ୍ପ୍ରତିକ ଅସ୍ଥିର ପୃଷ୍ଠଭୂମିରେ ଆପାତତଃ ଦୁଇଟି ବିକଳ୍ପ ଦେଖାଯାଉଛି, ଯାହା ସମସ୍ୟା ଓ ସନ୍ଦେହମୁକ୍ତ ନୁହେଁ। ପ୍ରଥମତଃ, ଏବେ ଲୋକପ୍ରିୟତାରେ ସର୍ବାଗ୍ରେ ରହିଥିବା ଇମ୍ରାନ୍ ଖାନ୍‌ଙ୍କୁ କ୍ଷମତାରୁ ଦୂରେଇ ରଖିବା ପାଇଁ ନୱାଜ୍ ସରିଫ୍ ଓ ବିଲ୍‌ୱାଲ ଭୁଟ୍ଟୋ ମିଳିତ ସରକାର ଗଠନ ପାଇଁ ଦାବି ଉପସ୍ଥାପନ କରିପାରନ୍ତି। କିନ୍ତୁ ଦୁଇଦଳର ଆସନ ସଂଖ୍ୟା ମିଶିଲେ ମଧ୍ୟ ମ୍ୟାଜିକ୍ ନଂ ପାଖାପାଖି ପହଞ୍ଚି ପାରୁନାହିଁ। ତେଣୁ କେତେକ ସ୍ୱାଧୀନ ପ୍ରାର୍ଥୀଙ୍କୁ ସେନାର ଚାପ କିମ୍ବା ପ୍ରଲୋଭିତ କରି ସମର୍ଥନ ଯୋଗାଡ଼ କରି ସରକାର ଗଠନ କରାଯାଇପାରେ।



# ଭାରତବାସୀଙ୍କ ଚିନ୍ତା: ଲୋକ ପ୍ରତିନିଧିଙ୍କ ଦାୟିତ୍ୱବୋଧତା !

### ପ୍ରଦୋଷ କୁମାର ଦାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

ସେତେବେଳେ ଯଦି ଦେଶର ଏକତା ରକ୍ଷା କରାଯାଇ ଦେଶ ଭକ୍ତ ଭାବରେ ସବୁ ରାଜନୈତିକ ଦଳ ମାନେ ଏକଜୁଟ ହୋଇ ଏକ ସର୍ବ ଦଳୀୟ ସରକାର ଗଠନ କରି ପାରସ୍ପରିକ ସହଯୋଗ ଓ ସମନ୍ୱୟ ରକ୍ଷା କରି ଦେଶକୁ ଉତ୍ତମ ଶାସନ ପ୍ରଦାନ ପାଇଁ ପ୍ରୟାସ କରିଥିଲେ ଦେଶର ପ୍ରଗତି ତ୍ୱରାନ୍ୱିତ ହୋଇପାରିଥାନ୍ତା। ହେଲେ୍ବା ରାଜନୈତିକ ଅହଂ ଓ ସ୍ୱାର୍ଥ ର ଅସୂୟା ଭାବ ଏଥିପାଇଁ ପ୍ରଧାନ ଅନ୍ତରାୟ ହୋଇଥିଲା।

ଉପରୋକ୍ତ ବିଷୟକୁ ଅନୁଧ୍ୟାନ କଲେ ଆମ ଦେଶରେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ନିର୍ବାଚିତ ଆମ ଦ୍ୱାରା, ଆମ ମାନଙ୍କ ପାଇଁ ତଥା ଆମ ମାନଙ୍କର ନିର୍ବାଚିତ ଲୋକ ପ୍ରତିନିଧି ମାନେ ରାଜନୈତିକ ଅସୂୟା ଭାବ ପୋଷଣ କରି ଶାସକ ବିରୋଧୀଙ୍କ ଛକାପଞ୍ଝା ମଧ୍ୟରେ ଗୃହ ତ୍ୟାଗ, ଆଲୋଚନା କାଳରେ ହୋହଲ୍ଲା, ଅଶୋଭନୀୟ ଆଚରଣ ପ୍ରଦର୍ଶନ କରି ଆନୁଷ୍ଠାନିକ ଭାବେ ଚାଲିଥିବା ଉଦ୍ଦିଷ୍ଟ ଅଧିବେଶନର ମୁଲ୍ୟବାନ ସମୟକୁ ନଷ୍ଟ କରିବା କେତେ ଦୂର ଯଥାର୍ଥ। ବିରୋଧାଭାସ ଗଣତନ୍ତ୍ରରେ ରହିଛି ଓ ରହିବ। ତେବେ ଗଣତନ୍ତ୍ର ର ମନ୍ଦିର କୁହାଯାଉଥିବା ସଦନକୁ ଅପମାନ କରିବା, ଅଭଦ୍ରାମୀ କଦାଚିତ ଶୋଭନୀୟ ନୁହେଁ। ରାଜନୈତିକ ଆକ୍ରୋଶ ନରଖି ଗଠନ ମୂଳକ ଭାବେ ଆପଣା ନିର୍ବାଚନ ମଣ୍ଡଳୀ ର କଲ୍ୟାଣ ପାଇଁ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦେବାକୁ ଆମକୁ ଭାବିବାକୁ ପଡ଼ିବ। ଏଥିରେ ଆବଶ୍ୟକ ସବିନୟ ଅନୁରୋଧ ଓ ଆବଶ୍ୟକ ସ୍ଥଳେ ସସ୍ୱଭ୍ରମ ବିରୋଧାଭାସ ପ୍ରକଟ କରିବା ମଧ୍ୟ ଜରୁରୀ। ଏଥିରେ ସମୟୋଚିତ ଶାସକ ଓ ବିରୋଧି ଦଳମାନେ ନିଜ ନିଜ ମଧ୍ୟରେ ପାରସ୍ପରିକ ସହଯୋଗ ଓ ସମନ୍ୱୟ ରଖିବା ମଧ୍ୟ ନିହାତି ଜରୁରୀ। ନିର୍ବାଚିତ ପ୍ରତିନିଧି ମାନେ ସେମାନଙ୍କର ୫ ବର୍ଷ କାର୍ଯ୍ୟକାଳ ମଧ୍ୟରେ ଭଦ୍ର ବିନୀତ ହୋଇ ଯଥାରୀତି ସବୁ ଅଧିବେଶନ ରେ ବିଶେଷ ଯୋଗଦାନ କରି ଆଲୋଚନା କାଳରେ ନିଜର ଗଠନମୂଳକ ମତ ଉପସ୍ଥାପନ କରିବା ସହ ନିଜକୁ ଜଣେ ଯୋଗ୍ୟ ନିର୍ବାଚିତ ପ୍ରତିନିଧି ଭାବେ ପ୍ରତିପାଦିତ କରିବା ଜରୁରୀ। ନିର୍ବାଚନ ସରିଗଲେ ନିର୍ବାଚିତ ପ୍ରତିନିଧିମାନେ ରାଜନୈତିକ ବାଛବିଚାର ନକରି ଆପଣା ନିର୍ବାଚନ ମଣ୍ଡଳୀ ର ସମସ୍ତ ଅଧିବାସୀ ଙ୍କ ସୁଖଦୁଃଖ ର ସାଥୀ ହେବା ମଧ୍ୟ ଜରୁରୀ ଅଟେ।

ଏଥିପାଇଁ ପ୍ରତିଟି ପ୍ରାର୍ଥୀ ନିଜକୁ ପ୍ରସ୍ତୁତ କରାଇ ଆପଣା ରାଜନୈତିକ ଆଦର୍ଶକୁ ପ୍ରତିପାଦନ କରିବାରେ ଆପତ୍ତି ମଧ୍ୟ ନାହିଁ। ତେବେ ସଭିଁଏ ନିଜକୁ ପ୍ରଥମେ ଏ ଦେଶର ସମର୍ପିତ ଦେଶବାସୀ ରୂପେ ଗଢି ତୋଳିବା ଦରକାର। ତାପରେ ଆମେ ଯେଯାହାର ନିଜ ନିଜ ରାଜ୍ୟ ର , ତାପରେ ଜିଲ୍ଲା, ବ୍ଲକ ଓ ପଞ୍ଚାୟତ ଓ ପୁଣି ଆମେ ଆମ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅଧିବାସୀ ବୋଲି ଚିହ୍ନଟ ହେବାରେ ଦ୍ୱିମତ ନାହିଁ।

??ଆଗରେ ଆମର ଅଷ୍ଟାଦଶ ଲୋକସଭା ପାଇଁ ଆମ ଦେଶର ସାଧାରଣ ନିର୍ବାଚନ ରହିଛି। ଏଥିରେ ଅନ୍ୟାନ୍ୟ କିଛି ରାଜ୍ୟ ସମେତ ଆମ ରାଜ୍ୟ ଓଡ଼ିଶାର ମଧ୍ୟ ବିଧାନ ସଭା ନିର୍ବାଚନ ରହିଅଛି। ଏଥିରେ ନିର୍ବାଚନ ଲଢୁଥିବା ବିଭିନ୍ନ ଦଳର ସଭ୍ୟ ସଭ୍ୟା ଙ୍କୁ ଆମର ପ୍ରତିନିଧି ରୂପେ ନିର୍ବାଚିତ କରିବା ପୂର୍ବରୁ ଆମକୁ ସେମାନଙ୍କ ଠାରୁ କିଏ ପ୍ରଥମେ ଆମ ନିର୍ବାଚନ ମଣ୍ଡଳୀ ସମେତ, ଆମ ରାଜ୍ୟ ତଥା ଆମ ଦେଶର ସ୍ୱାର୍ଥ ରକ୍ଷାକୁ ସମ୍ପୂର୍ଣ୍ଣ ରୂପେ ବିଶେଷ ଗୁରୁତ୍ୱ ଦେଇ ପ୍ରତିଶ୍ରୁତି ପ୍ରଦାନ କରିପାରୁଛି ବୋଲି ଆକଳନ କରିବାକୁ ପଡ଼ିବ। ତାପରେ ସଠିକ ନିର୍ଣ୍ଣୟ କରି ଆମ କୁ ଉପଯୁକ୍ତ ପ୍ରାର୍ଥୀ ଙ୍କୁ ଚୟନ କରି ତାଙ୍କୁ ନିଜ ନିଜର ମୁଲ୍ୟବାନ ଭୋଟ ଦାନ କରିବାକୁ ହେବ। ଏଥିରେ କୌଣସି ଚାପର ବଶବର୍ତ୍ତୀ ନହୋଇ ଚଳିତ ନିର୍ବାଚନରେ ଆମେ ଆମ ପସନ୍ଦର ପ୍ରାର୍ଥୀ ଙ୍କୁ ଚୟନ କରି ଭୋଟ ଦେଇ ନିଜକୁ ସମସ୍ତେ ଦେଶର ଜଣେ ସୁନାଗରିକ ଭାବେ ସାବ୍ୟସ୍ତ ନିମିତ୍ତ ଆପଣା ଦୃଢ଼ ମନୋବଳ ପୋଷଣ କରିବା ହେଉଛି ଏବେ ଆମ ସମସ୍ତଙ୍କର ପରମ କର୍ତ୍ତବ୍ୟ ଅଟେ। ଆମେ ଭାରତବାସୀ ଆମ ସମ୍ବିଧାନ ସ୍ୱୀକୃତ ଆମର ମହାନ ଦେଶ ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରାଷ୍ଟ୍ର ରୂପେ ସସ୍ୱକଳ୍ପବଦ୍ଧ ରହିଛେ। ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ ଆମ ଗଣତନ୍ତ୍ରର ମୂଳମନ୍ତ୍ର। ଆମର ଗଠନ ମୂଳକ ଚିନ୍ତା, ଅଭିବ୍ୟକ୍ତି ପ୍ରତ୍ୟୟ, ଧର୍ମୀୟ ବିଶ୍ୱାସ ଏବଂ ଉପାସନା ଉପରେ ସ୍ୱାଧୀନ ରହି ଆମ ଦେଶର ଗଣତାନ୍ତ୍ରିକ ପ୍ରକ୍ରିୟାରେ ରାଷ୍ଟ୍ରୀୟ ହିତକାରୀ ହେବାକୁ ପ୍ରତିଶ୍ରୁତିବଦ୍ଧ। ଆମ ସଭିଙ୍କର ସ୍ଥିତି, ସୁବିଧା ସୁଯୋଗର ସମାନତାର ସୁରକ୍ଷା ପ୍ରଦାନ ପାଇଁ ଆମକୁ ଆଇନତଃ ରକ୍ଷାକବଚ ପ୍ରଦାନ କରୁଅଛି। ବ୍ୟକ୍ତି ମର୍ଯ୍ୟାଦା ତଥା ଆମ ରାଷ୍ଟ୍ରୀୟ ସଂହତି ସୁନିଶ୍ଚିତ କରିବା ସହ ଆମେ ସମସ୍ତେ ଦେଶବାସୀ ନିଜ ମଧ୍ୟରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ରକ୍ଷା ଓ ଆପଣା ମଧ୍ୟରେ ଓ ଜାତି, ଧର୍ମ ବର୍ଣ୍ଣ ଓ ରାଜନୈତିକ ଦଳମତ ନିର୍ବିଶେଷରେ ମହା ଭାରତୀୟ ପରମ୍ପରାରେ ବ୍ୟତିତ ହୋଇ ଆମ ଗଣତନ୍ତ୍ରର ସୁରକ୍ଷା ପାଇଁ ଏକମନ ଏକ ପ୍ରାଣ ହୋଇ କାର୍ଯ୍ୟ କରିଥିବା ହେଉଛି ସାମ୍ପ୍ରତିକ ସମୟର ଆହ୍ୱାନ ଅଟେ। ଗଣତନ୍ତ୍ର ଶକ୍ତିଶାଳୀ ହେଲେ ଆମ ଦେଶ ଶକ୍ତି ଶାଳୀ ହେବ। ଦେଶଭକ୍ତ ଭାବେ ଆମ ଗଣତନ୍ତ୍ରର ଆମେ ସାମ୍ବିଧାନିକ ଭାବେ ରକ୍ଷା କବଚ। ଆମ ଦ୍ୱାରା ନିର୍ବାଚିତ ଆମ ଗଣ ପ୍ରତିନିଧି ମାନେ ସେମାନଙ୍କର ଆବଶ୍ୟକ ଦାୟିତ୍ୱବୋଧତାକୁ କାର୍ଯ୍ୟ ରେ ଲଗାଇବା ଜରୁରୀ। ସେମାନେ ନିଜକୁ ନିଜ ନିଜର ନିର୍ବାଚନ ମଣ୍ଡଳୀ ର ନିର୍ବାଚିତ ପ୍ରତିନିଧି ଭାବେ ଲୋକଙ୍କ ସ୍ୱରକୁ ଗଣ ସଦନରେ ଅନୁଷ୍ଠିତ ବିଭିନ୍ନ ଅଧିବେଶନ ରେ ନିୟମିତ ଉପସ୍ଥାପନ କରି ଆବଶ୍ୟକ ପଦକ୍ଷେପ ନେବାକୁ ସରକାରଙ୍କୁ ଅନୁରୋଧ କରିବା ଉଚିତ। ସବୁ ରାଜନୈତିକ ଦଳ ମତ ନିର୍ବିଶେଷରେ ନିର୍ବାଚନ ପରବର୍ତ୍ତୀ ସମୟରେ ଗଣ ପ୍ରତିନିଧି ଟିଏ ଆପଣା ନିର୍ବାଚନ ମଣ୍ଡଳୀ ସହ ସମ୍ପର୍କ ରକ୍ଷା କରି ସର୍ବଦା ସବୁ ଲୋକମାନଙ୍କ ସହ ସୁଖଦୁଃଖ ର ସାଥୀ ହୋଇ ଦେଶର ସର୍ବାଙ୍ଗୀନ ଉନ୍ନତି ପାଇଁ ବଦ୍ଧ ପରିକର ହେବା ସର୍ବାଦୌ ଜରୁରୀ ଅଟେ।

(ସମାପ୍ତ)

+ନାଚୁଣୀ, ଖୋର୍ଦ୍ଧା



# ଶ୍ରୀରାମ ଚେତନା : ଶାଶ୍ୱତ, ଚିରନ୍ତନ, ସନାତନ

### ବିକ୍ରମ ଦାଶ

ସମୟର ପ୍ରବାହ ସହିତ ସଭ୍ୟତା ଆଗକୁ ବଢୁଥାଏ। ସଭ୍ୟତାର ଅର୍ଥ ହେଲା ସଭ୍ୟହେବା। ବ୍ୟାପକ ଅର୍ଥରେ ଭଦ୍ରତା, ନମ୍ରତା, ସୌହାର୍ଦ୍ଦ୍ୟ, ସମ୍ବେଦନା, ସହନଶୀଳତା, ସମାନତା, ବୌଦ୍ଧିକ ଓ ଅର୍ଥନୈତିକ ବିକାଶ ଏବଂ ନ୍ୟାୟପୂର୍ଣ୍ଣ ସାମାଜିକ ବ୍ୟବସ୍ଥା। ଜୀବନର ପରିପୂର୍ଣ୍ଣତା ହିଁ ପ୍ରଗତି। ଆଜି ଗତକାଲି ଠାରୁ ବହୁ ଭାବରେ ଭିନ୍ନ, ଅଧିକ ଶାଶ୍ୱତ, ଅଧିକ ଆନନ୍ଦମୟ, ଅଧିକ ସମ୍ପନ୍ନ। ଆସନ୍ତାକାଲି ଠାରୁ ଆହୁରି ବିକଶିତ, ଆହୁରି ପ୍ରସନ୍ନଚିତ୍ତ। ଏହା ହିଁ ସଭ୍ୟତାର ଅଗ୍ରଗତି। ମାନବୀୟ, ସାମାଜିକ ଓ ସାଂସ୍କୃତିକ ଭାବଧାରାର ସକାରାତ୍ମକ ବିକାଶ ସଭ୍ୟତାର ପରିଚୟ। ଯାହା ଅନାବଶ୍ୟକ, ତାହା ପଛକୁ ଚାଲିଯାଏ, ଅତୀତ ହୋଇଯାଏ। ଇତିହାସ ସାକ୍ଷୀ ଅଛି, ମୁନ୍ଦିଏ ପିଇବା ପାଣି ଯୋଗାଇ ନ ପାରି ଅନେକ ସଭ୍ୟତା ଲୋପ ପାଇଯାଇଛି। ଅଯୋଧ୍ୟାରେ ରାମ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଭାରତୀୟ ସଭ୍ୟତାର ପୁନଃଜାଗରଣ କରିଛି। ଅବିମୃଶ୍ୟକାରୀ ନିନ୍ଦୁକମାନଙ୍କୁ କିଛି ବୁଝାଇବା ଅନାବ୍ୟଶକ। କାରଣ, ସେମାନେ ନିଜ ତୃଣମୂଳ, ପରମ୍ପରା, ସାଂସ୍କୃତିକ ଐତିହ୍ୟ ଏବଂ ମହାଭାରତୀୟ ଚେତନାକୁ ବୁଝିବାକୁ ଅସମର୍ଥ। ସେମାନଙ୍କ ପ୍ରତି ଦୟା ଦେଖାଯାଇପାରେ ଏବଂ ସେମାନଙ୍କୁ ସେମାନଙ୍କ ମୂର୍ଖତା ସହିତ ଛାଡ଼ି ଦିଆଯାଇପାରେ। ସନାତନର ଅର୍ଥ ହିଁ ଶାଶ୍ୱତ। ଏହା ଚିରନ୍ତନ ପ୍ରବାହିତ। ଗତକାଲି ଥିଲା ଆଜି ଅଛି ଆସନ୍ତାକାଲି ବି ରହିଥିବ। ଭୂତ, ପିଶାଚମାନେ ଆସିଛନ୍ତି, ଯାଇଛନ୍ତି। ପୁଣ୍ୟତୋୟା ଗଙ୍ଗା ସେହିଭଳି ପାପ ଧୋଇଚାଲିଛି, ମୋକ୍ଷ ଦେଇଚାଲିଛି। ମୋ ଦେଶ, ମୋ ମାଟି, ମୋ ନଦୀ, ମୋ ଦେଶବାସୀ, ମୋ ଉଦାରତା, ମୋ ସାଂସ୍କୃତିକ ଐତିହ୍ୟ, ମୋ ସାମାଜିକ ବ୍ୟବସ୍ଥାର ଗ୍ରହଣ ଯୋଗ୍ୟତା, ମୋ ସମନ୍ୱିତ ଚେତନା, ମୋ ଆଦର, ସମଗ୍ର ବିଶ୍ୱର ମାନବଙ୍କ ପାଇଁ ମୋ ପ୍ରାର୍ଥନାକୁ ଯଦି ମୁଁ ବୁଝି ନପାରିଛି, ତେବେ ମୁଁ ମହାମୂର୍ଖ। ଆମେ ପାଇଥିଲେ ଜ୍ଞାନ ଓ ପ୍ରଜ୍ଞା ଆଧାରିତ ଜୀବନଶୈଳୀ, ଯାହା ବହୁଜନର ହିତ, ବହୁଜନର ସୁଖର ଅଭିଳାଷ ରଖେ। ସମଗ୍ର ବସୁଧାକୁ କୁଟୁମ୍ବ ମନେକରେ। ଏହି ଜ୍ଞାନ ସମସ୍ତେ ସୁଖରେ ରହନ୍ତୁ, ସମସ୍ତେ ନିରାମୟ ରହନ୍ତୁ, ସମସ୍ତେ ଭଦ୍ର ହୁଅନ୍ତୁ, ସମସ୍ତଙ୍କର ଦୁଃଖ ଦୂର ହେଉ, ପୃଥିବୀରେ ସର୍ବତ୍ର ଶାନ୍ତି ବିରାଜମାନ କରୁ ବୋଲି ନିରନ୍ତର କାମନା କରୁଥାଏ। ଏହି ଉଦାହରତା ପ୍ରାଣୀ ମାତ୍ରେ ହିଁ ପ୍ରେମମୟ ବୋଲି ଅନୁଭବ ଦିଏ। ଆମ ଆସ୍ଥା କହିଥାଏ, ଯିଏ ପ୍ରଦାତା-ସୂର୍ଯ୍ୟ, ଚନ୍ଦ୍ର, ଅଗ୍ନି, ବାୟୁ, ପୃଥିବୀ, ଆକାଶ, ଜଳ, ନଦୀ, ପର୍ବତ, ବୃକ୍ଷ, ଜୀବଜନ୍ତୁ - ସ୍ଥାବର ଜଙ୍ଗମ କୀଟପତଙ୍ଗ ପର୍ଯ୍ୟନ୍ତ ସମସ୍ତଙ୍କୁ ଆପଣାର ମନେକରି, ସହାବସ୍ଥାନରେ ବିଶ୍ୱାସ କର ଏବଂ ସ୍ଥଳ ବିଶେଷରେ ସେମାନଙ୍କୁ ଈଶ୍ୱରଙ୍କ ମର୍ଯ୍ୟାଦା ଦିଅ। ସମସ୍ତେ ପୂଜିତ, ସମସ୍ତେ ମର୍ଯ୍ୟାଦାବନ୍ତ, ସମସ୍ତେ ଗୁରୁତ୍ୱପୂର୍ଣ୍ଣ ଓ ସମସ୍ତେ ଅପରିହାର୍ଯ୍ୟ।

ଭାରତରେ ଗଣତନ୍ତ୍ର ସୁଦୃଢ଼ କାହିଁକି? କାରଣ, ସନାତନ ଧର୍ମ ଭିନ୍ନ ମତକୁ ଉଦାରତାର ସହିତ ଗ୍ରହଣ କରେ। ମତ, ପନ୍ଥ, ଉପାସନା ଓ ଆଚରଣରେ କୌଣସି ବାଧବାଧକତା ନାହିଁ। ଗୋଟିଏ ବହି ବା ଜଣେ ପୈଗାମ୍ବର ଶ୍ରେଷ୍ଠ, ଅନମନୀୟ ଓ ନିର୍ବିକଳ୍ପ ନୁହଁନ୍ତି। ନିନ୍ଦୁକମାନେ କହିପାରିବେ କି କାହିଁକି ମଧ୍ୟ ପ୍ରାଚ୍ୟର ଅନେକ ଦେଶ, ଚୀନ, ଆଫଗାନିସ୍ଥାନ, ପାକିସ୍ଥାନ, ତୁର୍କୀ, ଉତ୍ତର କୋରିଆ, ମାଲେସିଆ, ବଙ୍ଗଳାଦେଶ ଓ ଏବେ ମାଳଦ୍ୱୀପ ଭଳି ଦେଶ ଧର୍ମନିରପେକ୍ଷ ଓ ଗଣତାନ୍ତ୍ରିକ ନୁହଁନ୍ତି? କାରଣ ସେଠି ଉପାସନା ପଦ୍ଧତି ଓ ରାଷ୍ଟ୍ର ଏକ ଏବଂ ଅଭିନ୍ନ। ଭିନ୍ନ ମତ ଅଗ୍ରହଣୀୟ।

ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ହୋଇଗଲା। ପ୍ରଭୁ ଶ୍ରୀରାମ ଲାଲା ବିରାଜିତ ହେଲେ। ଜୟ ଶ୍ରୀରାମ ଧ୍ୱନି ଗୁଞ୍ଜରିତ ହେଉଥିଲା ବେଳେ ଆପେ ଆପେ ମନରେ ଆସୁଛି କିଛି ଭାବନା। ନିଜକୁ ନେଇ, ସମାଜକୁ ନେଇ ଅନେକ ପ୍ରଶ୍ନ ମନରେ ଏହି ଜୟ ଶ୍ରୀରାମର ମାହୋଲରେ। ଧର୍ମ ସ୍ଥାପନ ସକାଶେ ଯେତେବେଳେ ଆବଶ୍ୟକ ହେବ ମୁଁ ଆସିବି ଧରାକୁ। ପୁଣି ବ୍ୟବସ୍ଥା ଓ ଧାର୍ମିକ ଧାରାକୁ ବଳିୟାନ କରିବାକୁ। ଆସୁରିକ ପ୍ରବୃତ୍ତିପୂର୍ଣ୍ଣ ମଣିଷ ମାନଙ୍କ ଅହଙ୍କାର, ଅତ୍ୟାଚାର ବଢ଼ିବ। ଧର୍ମକୁ ଆଧାରକରି ଜୀବନ ଅତିବାହିତ କରୁଥିବା ମଣିଷମାନେ ଅତିଷ୍ଠ ହୋଇ ପଡ଼ିଥିଲାବେଳେ ଏବଂ ଅସୁର ଶକ୍ତି ସର୍ବକ୍ଷମତାଶୀଳ ବୋଲି ଧାରଣା ସମୟରେ ଶ୍ରୀରାମଚନ୍ଦ୍ରଙ୍କୁ ଧରାବତାରଣ ହୋଇଥିଲା। ସେ ମର୍ଯ୍ୟାଦା ପୁରୁଷୋତ୍ତମ। ଏ ସଂସାରରେ ମର୍ଯ୍ୟାଦା ପାଳନର ନୀତି ନିଜେ କଠୋରତାର ସହ ପାଳନ କରି ସାଧାରଣ ମଣିଷ କିପରି ଅସାଧାରଣ ବନିପାରିବ ତାହା ପ୍ରଭୁ ଶ୍ରୀରାମ ହିଁ ବୁଝାଇଛନ୍ତି ନିଜ ଧରା ରହଣୀ କାଳରେ। ବାପା-ପୁଅର ସମ୍ପର୍କ, ମା'ପୁଅର ସମ୍ପର୍କ, ଭାଇ ଭାଇର ସମ୍ପର୍କ, ରାଜା ପ୍ରଜାର ସମ୍ପର୍କ ଏମିତି ଅନେକ ପାରିବାରିକ ଏବଂ ସାମାଜିକ ସମ୍ପର୍କର ସର୍ବୋତ୍ତମ ନିୟମର ସେ ପ୍ରତିଷ୍ଠାତା। ନିଜେ ପାଳନକର୍ତ୍ତା। ଉତ୍ତମ ପରିବାର, ଉନ୍ନତ ସମାଜ ଏବଂ ସୁଶାସନ ଏହାକୁ ଶ୍ରୀରାମ ହିଁ ପ୍ରଥମକରି ଏ ବିଶ୍ୱରେ ପ୍ରତିଷ୍ଠିତ କରିଥିଲେ।

ଅବତାର ଭାବରେ ଅବତରି ଯେଉଁ ପରିବାରରେ ସେ ଜନ୍ମଗ୍ରହଣ କରିଥିଲେ ତାହାର ମର୍ଯ୍ୟାଦା ଜୀବନସାରା ରଖି ଭିନ୍ନ ଆଦର୍ଶ ସ୍ଥାପନ କରିଥିଲେ। ପ୍ରତି ସୋପାନରେ ଆଦର୍ଶ। ଶିବ ଧନୁ ଭଙ୍ଗ କରିବପା ପରେ ତୁରନ୍ତ ବିବାହର ଅବକାଶ ଥିଲାବେଳେ ଶ୍ରୀରାମ କିନ୍ତୁ ପିତା ଦଶରଥଙ୍କ ଅନୁମତି ଲୋଡ଼ିଥିଲେ। ପୁତ୍ରର ପିତା ପ୍ରତି ଥିବା ସମ୍ମାନ, ଦାୟିତ୍ୱ ଓ କର୍ତ୍ତବ୍ୟର ପରିପାଳନ କରି ପୁଅମାନଙ୍କ ପାଇଁ ସେ ହିଁ ପ୍ରଥମ କରି ଦେଖାଇଥିଲେ ମର୍ଯ୍ୟାଦାର ଧାରା। ଅଭିଷେକଙ୍କର କିଛି ସମୟ ଆଗରୁ ଗାଦି ଛାଡ଼ିଲେ ଲମ୍ବା ବନବାସ ପାଇଁ ବାହାରି ଆସିଲେ ଥରୁଟିଏ ପ୍ରତିବାଦ କି ପ୍ରଶ୍ନ ନକରି। ବାପା ସାବତ ମା'ଙ୍କୁ ଦେଇଥିବା ପ୍ରତିଶ୍ରୁତି ମୁଁ କାହିଁକି ପାଳିବି ବୋଲି ପ୍ରଶ୍ନ ସେ କରିପାରିଥାନ୍ତେ। ବାପାଙ୍କ ସମ୍ମାନ ଚାଲିଯିବ, ମର୍ଯ୍ୟାଦା ଚାଲିଯିବ, କୁଳର ସମ୍ମାନ ଶେଷ ହୋଇଯିବ। ତେଣୁ ବାପାଙ୍କ ପାଇଁ ବଣ ଜୀବନ କଷ୍ଟକୁ ସହିବାକୁ ତୁରନ୍ତ ହେଲେ ପ୍ରସ୍ତୁତ। ଭାଇମାନଙ୍କ ପ୍ରତି କି ଅପୂର୍ବ ସ୍ନେହ। ଭରତଙ୍କ ପାଇଁ ଟିକିଏ ବି ରାଗ ନାହିଁ କ୍ଷୋଭ ନାହିଁ କି ଈର୍ଷା ନାହିଁ। ଯାହାଙ୍କର ବର ମଗାରେ ରାଜ ସିଂହାସନ ଚାଲିଗଲା। ସେହି ସାବତ ମା କୈକେୟୀଙ୍କ ପ୍ରତି କି ଭକ୍ତି ଓ ଶ୍ରଦ୍ଧା।

ରାମାୟଣ ଭାରତୀୟ ଜୀବନାଦର୍ଶର ବାଙ୍ମୟୀ ପ୍ରକାଶ। ଏହା ମାନବର ଚିତ୍ତକୁ ଗଭୀର ଭାବରେ ପ୍ରଭାବିତ କରିପାରେ। ରାମାୟଣର ନୈତିକ ଆଦର୍ଶ, ଜାତୀୟ ଜୀବନବୋଧ ସାମାଜିକ ଚଳଣି ପ୍ରଭୃତି କାଳ କାଳ ଧରି ଏ ଜାତିର ଚିନ୍ତା ଚେତନା ଓ ଭାବ ବଳୟକୁ ଶାଣିତ କରିପାରିଛି। ଭାରତୀୟ ଜୀବନ ସଭ୍ୟତା ଓ ସଂସ୍କୃତିର ଏହା ହିଁ ଜୀବନ ବେଦ। ଏଥିରେ ପ୍ରାକ୍ତନ ଜୀବନଧାରା ଐତିହ୍ୟ ଓ ମାନବୀୟ ମନୀଷାର ଚିତ୍ର ଅତି ସୁନ୍ଦର ଭାବରେ ବର୍ଣ୍ଣିତ। ଏଣୁ ରାମାୟଣ ଭାରତୀୟ ଜୀବନର ମହାନ ଗଙ୍ଗୋତ୍ରୀ। ଏହା ଭାରତୀୟ ସଂସ୍କୃତିକୁ ଯେ ପ୍ରଭାବିତ କରିପାରିଛି ତା ନୁହେଁ, ପରନ୍ତୁ ଏହା ଭାରତର ବ୍ୟକ୍ତିଗତ ଜୀବନ, ଗାର୍ହସ୍ଥ୍ୟ ଜୀବନ, ସାମାଜିକ ଜୀବନ ଓ ରାଷ୍ଟ୍ରୀୟ ଜୀବନଧାରାକୁ ନିୟନ୍ତ୍ରିତ କରିପାରିଛି।

ବନବାସ ମାନେ ପ୍ରକୃତ ବନବାସ। ସାଧାରଣଙ୍କ ପରି ଚଳଣି ଓ କଷ୍ଟସାଧ୍ୟ ଯାତ୍ରା। ଚାହିଁଥିଲେ ଅଯୋଧ୍ୟା ସୀମାର ଜଙ୍ଗଲରେ ଭଲ ମାନର କୁଟୀର କରି ଚଳିପାରିଥାଆନ୍ତେ ପତ୍ନୀଙ୍କୁ ଧରି। ନା ବନବାସ ମାନେ ବନବାସ। କଥା ରକ୍ଷା ସହ ମର୍ଯ୍ୟାଦା ରକ୍ଷା। ଲଙ୍କା ଆକ୍ରମଣ ବେଳେ ଅଯୋଧ୍ୟାରୁ ମଗାଇ ପାରିଥାଆନ୍ତେ ସୈନ୍ୟ ସାମନ୍ତ, ହାତୀଘୋଡ଼ା। ବାନର ଭଲ୍ଲୁକ ମାନଙ୍କ ସହଯୋଗରେ ଲଙ୍କା ବିଜୟ କଲେ। ପ୍ରକୃତି ସହ ମାନବର ସହାବସ୍ଥାନର ଏହା ଏକ ବଡ଼ ଆଦର୍ଶ ଉଦାହରଣ ବୋଲି ପିଲାଟି ବେଳୁ ଭାବି ଆସିଛି। ରାଜା କିପରି ରାଜଧର୍ମ ପାଳନବେଳେ ପ୍ରଜାଙ୍କୁ ରଖିବ ଆଗରେ। ପ୍ରଜାଙ୍କ ଶଙ୍କା-ଆଶଙ୍କା ଦୂର ଏବଂ ରାଜଧର୍ମ ମର୍ଯ୍ୟାଦା ରକ୍ଷା ପାଇଁ ପତ୍ନୀଙ୍କୁ କଠୋର ପରୀକ୍ଷା ପାଇଁ କହିବା ଶ୍ରୀରାମଙ୍କ ଭଳି ମର୍ଯ୍ୟାଦା ପୁରୁଷୋତ୍ତମ ହିଁ କରିପାରନ୍ତି। ମୋ ମନରେ ବାରବାର ପ୍ରଶ୍ନ ରାମଙ୍କ ଭଳି ପୁଅ ହୋଇପାରିଛି? ରାମଙ୍କ ଭଳି ଭାଇ ହୋଇପାରିଛି, ରାମଙ୍କ ଭଳି ବନ୍ଧୁ ହୋଇପାରିଛି, ରାମ ଭଳି ମର୍ଯ୍ୟାଦା ରକ୍ଷା କରି ନିଷ୍ପତ୍ତି ନେଇଛି ଏ ଯାଏଁ ଜୀବନରେ? ମୋର ତେଣୁ ମନ ଭିତରେ ଶ୍ରୀରାମଙ୍କୁ ଖୋଜିବା ଆରମ୍ଭ ହୋଇଯାଇଛି।

ରୋଟାରୀ କ୍ଲବ, କଟକ - ବାରବାଟୀ, ସିଡ଼ିଏ, କଟକ, ମୋ : ୯୮୬୧୫୬୭୫୨୩୭




### କଳାବତୀ କଳାନାୟିକା

**ନିରଞ୍ଜନ ସାହୁ**

ସ୍ୱପ୍ନ, ସମ୍ଭାବନା , ପରିକଳ୍ପନାରୁ
ତୁମେ ତ ବହୁତ ଆଗେ
ସେଥିପାଇଁ ମୁହିଁ ତୁମକୁ ପଢିଲେ
ଅବୁଝା ଅବୁଝା ଲାଗେ ।
ତୁମ ଜୀବନୀକୁ ଯେତିକି ଜାଣିଛି
ଅନେକ ରହସ୍ୟମୟ
ଗୋପନୀୟ କଥା ଯାହା ରହିଅଛି
ଜାଣିଲେ ଜନ୍ମିବ ଭୟ
ତଥାପି ତୁମକୁ ଆଉ ଜାଣିବାକୁ
ମନେ ଉନ୍ମାଦନା ଜାଗେ ।
ଜଗତରେ ଯେତେ ନାରୀଙ୍କୁ ଜାଣିଛି
ପଢ଼ିଛି ଚରିତ୍ର ତାଙ୍କ
ତୁମକୁ ପଢିକି ଏତିକି ବୁଝିଛି
ତୁମ ଚଲାପଥ ବାଙ୍କ
ପ୍ରତି ମୁହୂର୍ତ୍ତରେ ବଦଳିଛ ତୁମେ
ସମୟର ପାଣିପାଗେ ।
କେମିତି ଗୋ ତୁମେ
ବଦଳି ଗୋ ଯାଅ
ବହୁରୂପୀ ସାଜିପାର
ଦକ୍ଷ ଅଭିନେତ୍ରୀ ଠାରୁ ସୁଦକ୍ଷ ଯେ
ରଚ କେତେ ଅଭିସାର
କେମିତି ଗୋ ଅଭିନୟ କରିପାର
ଏମିତିକା ଏତେ ବାଗେ ?
ତୁମରି ଜୀବନ୍ତ ଅଭିନୟ ଦେଖି
ଯେତିକି ଆଶ୍ଚର୍ଯ୍ୟ ହୁଏ
ତାଠାରୁ ଅଧିକା ଭଲପାଇବା ମୁଁ
କେଉଁଠୁ ଆଣିକି ଥୁଏ
ତୁମରି କଳାରୁ କାଣିଚାଏ ଦିଅ
ହାତ ପାତି ମୁହିଁ ମାଗେ ।

+ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ - ୭୫୯୦୧୬
ମୋ : ୯୯୩୮୭୪୧୫୮୩

### ଏଇ ମୋର ପରିଚୟ

**ଅଶୋକ କୁମାର ପ୍ରଧାନ**

କ'ଣ କେବେ ଏକ ନିଷ୍ଠୁର ହୃଦୟର
ଚଟାଣ ଉପରେ ପଦୁଅଁ ଫୁଟିବାର
ସ୍ୱପ୍ନ ଦେଖିପାରେ କି
ନିର୍ମମ ଯନ୍ତ୍ରଣାରେ
ଜର୍ଜରିତ ହେଉଥିବା
ଭଙ୍ଗା ହୃଦୟର ସ୍ୱପ୍ନ ସବୁ
ସରିଗଲା ପରେ
ସେଇ ସ୍ୱପ୍ନ ମାନେ
ପୁଣି ଥରେ କ'ଣ କେବେ
ଗଜୁରି ଉଠନ୍ତି କି
ଆଖି ମଳି ମଳି ପୂର୍ବ ପରି
ଭଙ୍ଗା କାଚ ଚଟାଣର ନିର୍ମମ ଛାତିରେ
ବାଡେଇ ହେଇ
ଖିନ ଖିନ ଭିନ ହେଲା ପରେ
ପୁଣି ଥରେ ଏକାଠି ହୋଇ
ସାଜିପାରନ୍ତି କି ପୂର୍ବପରି ଆକୃତିର
ପଶ୍ଚିମ ଆକାଶରୁ
ସୂର୍ଯ୍ୟ ହଟିଗଲା ପରେ
ଆଉ କ'ଣ ରହେ କି ତା'ର
ଆଲୋକମୟ ସତ୍ତା
ମୁଁ ବି ଠିକ୍ ସେଇ ପରି
ସମୟର ଝଡଝଞ୍ଜା ଭିତରେ
ନିଜକୁ, ନିଜ ଅସ୍ତିତ୍ୱକୁ
ହଜେଇ ଦେଇଥିବା
ଏକ ଭଙ୍ଗା କାଚ ବୋତଲ ,
ପୁଣି କେବେ ଭାଗ୍ୟହରା
ମଲା ପଦୁଅଁ
କେବେ କେବେ ମନରୁ
ପୋଛି ହୋଇଥିବା
ଆଶାହୀନ ସ୍ୱପ୍ନ
ଆଉ ଅସ୍ତରାଗ ସୂର୍ଯ୍ୟର ଛାୟା ମାତ୍ର।
ମୋତେ ଜାଣିବାକୁ ଚାହୁଁଥିଲ ନା
ଏଇ ମୋର ପରିଚୟ।

+ରୋହିଗାଁ ,ଗଞ୍ଜାମ

### ସବୁ ଖୁସି ଥାଏ ନିଜରି ଭିତରେ

**ସତ୍ୟରଞ୍ଜନ ପତି**

ଶିଖାଇ ଯାଆରେ ମାଙ୍କଡ଼ ମୋତେ ତୁ
କେମିତି ରହୁଛୁ ଖୁସିରେ ଏତେ ତୁ !!
ନାହିଁ କି ଜୀବନେ ତୋହର ବିଷାଦ
ଏଡ଼ାଉ କିପରି ନିଜ ଅବସାଦ ?
ଡାଳରୁ ଡାଳ ତୁ ଡେଉଁ ହରଷରେ
ତୋତେ ଦେଖି ଜଳୁଅଛି
ମୁଁ ଈର୍ଷାରେ।
ଜୀବନେ ତୋହର ନାହିଁ କିରେ ଦୁଃଖ
ସାଉଁଟୁ କେମିତି ତୁହି ଏତେ ସୁଖ ?
ମଣିଷ ଜୀବନେ ଶୋକ ଓ ସନ୍ତାପ
କରିଦେଇଛନ୍ତି ସବୁ ଖୁସି ଲୋପ।
ଅନ୍ୟ ପାଇଁ କରି ନିଜକୁ ଉତ୍ସର୍ଗ
ଭାବୁଅଛି ସିଏ ପାଇଯିବ ସ୍ୱର୍ଗ।
ହେଲେ ଏ ଭାବନା ତାହାର ଯେ ମିଛ
ସେହି ଲୋକ ଦିନେ
ମଣେ ତାକୁ ତୁଚ୍ଛ।
ତା'ର କଷ୍ଟେ କେବେ ନପଡ଼େ ଫରକ
ଦରଦୀ ମନ ତା' ଲଭେ ଯେ ନରକ।
ଏଥିପାଇଁ ସଦା ନିଜର ସମୟ
ନିଜପାଇଁ ଦେଲେ ହେବ ଯେ ବିଜୟ।
ଏକଥା କୁ ବୋଧେ ଯାଇଛୁ ତୁ ଶିଖି
ଖେଳୁଛୁ ଏକେଲା ନିଜ ମନଲାଖି ।
ସବୁ ଖୁସି ପାଉ ନିଜର ଭିତରେ
ଜ୍ଞାନୀ ଅଟୁ ସତେ
ତୁହିଯେ କେତେରେ।
ଶିଖାଇଦେ ମୋତେ ତୋର ଏ ପ୍ରକୃତି
କଷ୍ଟ ଆଉ ମୁହିଁ ପାଇବିନି ନିତି ।

+ବି.ଇ.ଡ଼ି. ପ୍ରଥମ ବର୍ଷ ଛାତ୍ର
ସରକାରୀ ବି.ଇ.ଡ଼ି ପ୍ରଶିକ୍ଷଣ
ମହାବିଦ୍ୟାଳୟ, କଳିଙ୍ଗା, କନ୍ଧମାଳ
ମୋ- ୭୭୮୯୦୩୩୧୯୧

### ଆଶ୍ରା ଆତୁର

**ଡ. ଅନିଲ ନନ୍ଦ**

କିଛି ପରିବର୍ତ୍ତନକୁ କାନ୍ଧରେ ବୋହି
ଏମିତି ହୋଇପାରେ ପଦପାତ
ତୁମ ଚଲାପଥକୁ ବୃକ୍ଷଟିଏ ହେବା
ଛାଇ ପରଷିବା, ପ୍ରାୟତଃ କଠିନ ।
ଫୁଲର ସତେଜତା ସଙ୍ଗେ ମିଶିବାକୁ
ବୁନ୍ଦାଏ କାକର ହେବା
କି କକ୍ଷଚ୍ୟୁତ ତୃଷ୍ଣା ଲାଗି
ନିରୁଦ୍ଦିଷ୍ଟ ମେଘକୁ ଡାକିବା
ବାଟ ଚାଲିବାର ଗୋଟେ
ଗୋଟେ ଶୈଳୀ,
ତାକୁ ଅଚାନକ ବର୍ଷା ଭାବି
ତରୁତୃଣ ଭଳି କଅଁଳି ଉଠିବା
ସ୍ୱପ୍ନର ଦୁଃଖଦ ଛବିଟିଏ ମାତ୍ର ।
ଯଦି ଆଶାବାଡି ବା ଅନ୍ଧର ଲଉଡି
କହୁଛ କୁହ, ମନାନାହିଁ
ହାତରୁ ଖସିପଡ଼ି ସୁଅରେ
ଭାସି ନଗଲେ
କେମିତି ପଡ଼ିଥାନ୍ତା ଜଣା
ତମେ ଜଣେ ଆଶ୍ରିତ !
ତୁମେ କଣ ବୁଝନାହଁ
ସବୁଯାକ ଶବ୍ଦକୁ ନେଇ
ଗୁନ୍ଥା ଯାଏନି ବରଣମାଳା
କିଛି ଶବ୍ଦରେ ବୁଣାଯାଏ
ବୁଢିଆଣୀ ଜାଲ
କିଛି ଶବ୍ଦକୁ ନେଇ ଗଢ଼ାଯାଏ
ଦୁର୍ଭାଗ୍ୟର ଉପହାର
ଦେଖି ପାରୁନଥିବା ଶବ୍ଦକୁ
ଭରସା କରି
କେହି କରନ୍ତି ନାହିଁ
ଅଭିଷେକ ଆୟୋଜନ ।
ବରିଷ୍ଠ ନାଗରିକର
ସମ୍ମାନ ଦାବୀ ହେଲେ
ପ୍ରତିକୂଳ ଦେଖାଏ ଜରା ଏବଂ ଯନ୍ତ୍ରଣା
ଅସହାୟ ବୋଲି ହାତ ଲମ୍ବାଇଲେ
ପ୍ରତିପକ୍ଷ ତିଆରି କରେ ଅସାମର୍ଥ୍ୟ
ପରମାର୍ଥ ପ୍ରାପ୍ତି ଅସ୍ୱୀକାର କରି
ସ୍ରୋତର ଅନୁକୂଳରେ
ଭାସିବାକୁ ଯାଇ ।

+ କ୍ୟାମ୍ପସ -୯ , କିଟ୍
ଭୁବନେଶ୍ୱର
ମୋ-୯୯୩୭୮୪୩୩୬୮

## ଛାତି

### ଭରତ ଚନ୍ଦ୍ର ଦାଶ



ଛାତିରେ
ଛାତଟିଏ ଅଛିବୋଲି ତ
ଆଉଜି ବସିଛି
ଆଶ୍ରିତ ହୋଇ
ନିରାଶ୍ରୟର ଭଲ କ'ଣ
ନା ମନ୍ଦ କ'ଣ
ଛାତିରେ ଛାତର ଭ୍ରମ
ଅଛି ବୋଲି ତ ସେ
ସ୍ୱର୍ଦ୍ଧିତ ଆସ୍ୱର୍ଦ୍ଧାରେ
ସେ ଉତ୍ତରୀତ ଚିରକାଳ ।
ଛାତି ହିଁ ତ ପୁରୁଷର
ପୁରୁଷାକାର ପୌରୁଷ
ଦୁଃଖରେ ସେ ସମ୍ଭାବନା ମଞ୍ଚ
ସ୍ୱପ୍ନରେ ସେ ଦଣ୍ଡାୟମାନ
ଯେମିତି ସୁଖ ଓ ସମୃଦ୍ଧିର
ପ୍ରତ୍ୟୟ ଓ ପରିଚୟ ତା'ର
ମୂଲ୍ୟବୋଧର ଏକ
ସ୍ୱର୍ଦ୍ଧିତ ଉଚ୍ଚାରଣ ସେ।

ଛାତି ଉପରେ ନଜର ପଡେ ସଭିଙ୍କର
କାହିଁକି ଏ ପ୍ରଶ୍ନର ଉତ୍ତର
କିଏ ବା ଜାଣିଛି କାହିଁ
କେବେ ତ କହିନାହିଁ କାହାକୁ ।
ବେଳେବେଳେ
ଅହଂକାର ଓ ଔଦ୍ଧତ୍ୟ
ରୂପେ ଫୁଲିଉଠେ ଛାତି
କାହାର ପଦାଘାତରେ ସେ
ନରମିଯାଏ ନମ୍ରତାରେ
ସଂଭ୍ରମତାରେ ସେ ସଂକୁଚିତ
ପଦାଘାତକୁ ସେ ଆଶୀର୍ବାଦ ମଣେ
ଛାତିରେ ଛାପ ସୃଷ୍ଟିକରେ
ଶ୍ରୀବତ୍ସର ପାଦଚିହ୍ନ ।
ପୁରୁଷର ପୌରୁଷ
ନାରୀର ଆକର୍ଷଣର କେନ୍ଦ୍ରବିନ୍ଦୁ ରୂପେ

ସମ୍ମୋହନର ଶକ୍ତିକେନ୍ଦ୍ର
ପରମାନନ୍ଦର ପରିତୃପ୍ତି
ପୀୟୂଷର ଝର
ପୁଣି ଗରଳ ନିର୍ଝର
ପ୍ରାଣଘାତିନୀ ପୁତୁନାଙ୍କ ପାଇଁ।
ଛାତି ଅଛିବୋଲି ତ
ଜୀବନଟିଏ ଅଛି
ବେଦନାର ଉପଚାର
ସମ୍ବେଦନଶୀଳତାର ମନ୍ତ୍ର
ଛାତିର ପ୍ରଣବ ଓଁକାର
ଛାତି ନଥିଲେ
ଜୀବନ ନଥାନ୍ତା
ଶୁଭୁଥାନ୍ତା ଛଳନା,
ପ୍ରପଞ୍ଚ ପ୍ରବଞ୍ଚନାର
ଶୂନ୍ୟ ହାହାକାର ।
ଛାତିର ଅନୁଭବ
ବେଶ୍ ସୂକ୍ଷ୍ମ ଓ ସ୍ଥୁଳର ପ୍ରୀତି ଉପଚାର ।


♥ସଚିବ, ସୃଜନ ଶ୍ରୀକ୍ଷେତ୍ର,
ମାର୍କୋଣା
ବାଲେଶ୍ୱର, ଓଡିଶା -୭୫୬ ୧୨୬
ମୋ:୮୯୮୪୪୩୯୧୬୬


## ସ୍ୱପ୍ନର ମହକ

### ଶରତ କୁମାର ଦାସ



ଗୋଟେ ମିଠା ସ୍ୱପ୍ନର
ମହୁଫେଣା ଭିତରୁ
ଗୋଟେଇ ଆଣିଥିଲି ତମକୁ
ସାଇତିଥିଲି
ହୃଦୟ କାନ୍ଥର କାଚ ପରଦାରେ
ନିଚୋଳ ଅନ୍ଧାରରେ
ଜହ୍ନର ରୋଷଣି ଜାଳି
ଦେଖୁଥିଲି ତମ ଅବୟବ
ଗାଉଥିଲି ତମ ସହ ମିଶି
ନୀଡ ବାହୁଡ଼ା ପକ୍ଷୀଙ୍କ ସଙ୍ଗୀତ
ମନ ହେଲେ ତମ ସହ
କାଠ ଘୋଡାରେ ସବାର ହୋଇ
ଉଡିଯାଉଥିଲି ଦୂର ଦିଗନ୍ତକୁ
ତମକୁ ନେଇ ଭିଜୁଥିଲି
ବର୍ଷାରେ, ଶୀତରେ, ହେମନ୍ତରେ

ବସନ୍ତର ମହୋତ୍ସବ ତୋଳୁଥିଲି
କୋଇଲିର ପଞ୍ଚମ ତାନରେ
ଛାତି ଚିରି ଚିହ୍ନେଇ ଥିଲି ତମକୁ
ବଞ୍ଚିବାକୁ ହେଲେ
କେମିତି ବୁହେଇବାକୁ ହୁଏ
ରକ୍ତର ଶ୍ରାବଣ
କେମିତି ଦୁଃଖର ସମାଧିରେ
ଲୁହର ଆହୁତି ଦେଇ
ଗଢିବାକୁ ହୁଏ
ଛଳନାର ହସନ୍ତ ସକାଳ
ଅବିଶ୍ୱାସର ଗହନ ବନରେ
ଲଣ୍ଠନଟିଏ ଧରି

କେମିତି ଖୋଜିବାକୁ ହୁଏ
ବିଶ୍ୱାସର ମୁଠାଏ ଫଗୁଣ ।

ଜୀବନ ତରଙ୍ଗରେ
ଅଧୁରା ପ୍ରେମକୁ ନେଇ
ଯେତେବେଳେ
ସ୍ୱପ୍ନର କାନଭାସରେ
ମାନଚିତ୍ର ତିଆରିଲି
ସେତେବେଳେ ଆକାଶରେ
କୁଆଁତାରା ଲିଭି ସାରିଥିଲା
ଆଖିର ଲୁହରେ ଭିଜୁଥିଲା
ନିରବ ଅନ୍ଧାର
ସହସ୍ରରେ ଶୁଭୁଥିଲା
ପରମାତ୍ମାଙ୍କ ନିସ୍ତବ୍ଧ ଓଁକାର ।


♥ପାଲୁର ବଙ୍ଗଳା
ଘର ନମ୍ବର..୨୬
ବ୍ରହ୍ମପୁର,
ମୋ:୯୪୩୭୪୨୩୯୮୫


## ସମ୍ପର୍କ

### ବାବାଜୀ ଚରଣ ଜେନା



କିଛି ଭଲ ପାଇବାକୁ
ମାପି କେବେ ହୁଏ ନାହିଁ
ଏମିତି ସମ୍ପର୍କ ଅଛି
ଭୁଲି କେବେ ହୁଏ ନାହିଁ
ଜାଳୁଥାଏ ମୋତେ ସିଏ
ହୃଦୟ ଭିତରେ ରହି ।

ସ୍ମୃତି ତ ଏମିତି ଏକ
ଅଦେଖା ଜାଗାର ଘାଆ
ଦେଖି ହୁଏନାହିଁ କିବା
ଦେଖାଇ ହୁଏନା ଯାହା
ଲିଭାଇଲେ ଯେତେ ତାକୁ
ସେଇ ରଙ୍ଗ ଲିଭେନାହିଁ
ଜାଳୁଥାଏ ମୋତେ ସିଏ
ହୃଦୟ ଭିତରେ ଥାଇ ।

ଦିନ ପରେ ରାତି ଆସେ
ଅଦଳ ବଦଳ ହୋଇ
ଅଜାଣତେ କିଛି ଲୁହ
ଆପେଆପେ ଯାଏ ବହି
କିଛି ସ୍ୱପ୍ନ ଅଧାଥାଇ
ରାତି ପୁଣି ଯାଏ ପାହି
ଜାଳୁଥାଏ ନିତି ସିଏ
ହୃଦୟ ଭିତରେ ରହି ।


♥ଅହଲ୍ୟା ନିବାସ,ପୋପରଡା
ନୂଆବଜାର, କଟକ,୪
ମୋ: ୯୪୩୭୮୩୪୭୧୯


## ଫୁଲରତୁ

### ତପସ୍ୱିନୀ ମିଶ୍ର

ସେ କହିଥିଲେ...
ବସନ୍ତର ପହିଲି ମଳୟଟେ ସାଜି
ଆସିବେ ବୋଲି
ଫୁଲର ଋତୁଟେ ଖାସ ମୋ ପାଇଁ
ଆଣିବେ ବୋଲି
ଜାଣିନଥିଲି କିନ୍ତୁ
ପ୍ରେମିକା ସାଜି ପ୍ରେମର
ବସନ୍ତଟେ ଭୋଗିଲେ
ବିରହର ଗ୍ରୀଷ୍ମଟେ ମିଳେ ବୋଲି...।।

ସେ କହିଥିଲେ...
ଦେଖିବ ନୀଳ ଆକାଶ ଚିରି
ରୁପେଲୀ ଜହ୍ନ ହସିବ
ବୁନ୍ଦା କାକରରେ ଭିଜା
ପାଖୁଡାକୁ ଭଅଁର ଚୁମିବ
ଜାଣିନଥିଲି କିନ୍ତୁ
ନିରିମାଖି ଫୁଲକୁ ବି ଦିନେ ପ୍ରେମିକ
ସାଜି
ଦୁଷ୍ଟ ଭଅଁରଟା ଦଂଶି ଚାଲିବ....।।

କଥା ସବୁ କଥା ରେ ରହିଲା
ଅସରା ସେ କାହାଣୀ କୁ ନେଇ
ବସନ୍ତ ତା ବାତୁଅ ଦୋଷ ଭୋଗିଲା...
ଏବେ ବି ସଞ୍ଜ ନଏଁ ...ଜହ୍ନ ଉଏଁ
ସାରା ରାତି ସ୍ୱପ୍ନ ଘୁରେ..ରାତି ସରେ
ହେଲେ...ଫୁଲ ଡ଼ରିଯାଏ ଫୁଟିବାକୁ
ପ୍ରେମର ସହରେ..।।


♥ଗଞ୍ଜାମ


## ମାନେ ଜୀବନର

### ଲତିକା ମହାପାତ୍ର



ଜଣା ନାଇଁ,
ଏ କୁହୁଡି ଘେରାରେ ସବୁ ଅସ୍ପଷ୍ଟ
ରହସ୍ୟମୟ
ଭଲ ଲାଗେ ରହିବାକୁ ଅନ୍ଧାରରେ
ନିଜ ସହ ନିରୋଳାରେ, ଭଲ ଲାଗେ
ଶୁଣିବାକୁ ଅନ୍ତରର ଅବ୍ୟକ୍ତ ରାଗିଣୀ
ଗାଢ଼ ନୀରବତାରେ
ଅବାଂଛିତ କୋଳାହଳରେ
କେଉଁଠି ବା ଭେଟ ହୁଏ ନିଜ ସାଥେ
କାହାକୁ କେବେ ଭେଟିବାକୁ ଚାହିଁଛି
ହୁଏତ ଭୁଲି ଯାଇଛି ନିଜର ସତ୍ତା
ଅସ୍ତିତ୍ୱ ମୋ ଖଣ୍ଡ ବିଖଣ୍ଡିତ
ରୁକ୍ଷ କର୍କଶ ବାସ୍ତବତା ରେ
କେତେ ସବୁ ଟୁକୁଡାକୁ
ତେବେବି ସମୟେ ସମୟେ
ଆଲୋକ ର ଆଢୁଆଳେ
ନିଘଞ୍ଚ ନିରୋଳା ଲଗ୍ନରେ
ସାଉଁଟି ଧରୁଚି ମୋ କ୍ଲାନ୍ତ ଅବୟବ
ଅବଶ ଅସ୍ତିତ୍ୱ, ତେବେବି ବନ୍ଧା ଅଛି

ଅତୀନ୍ଦ୍ରିୟ ବଇଁଶୀର ସୁରେ ସୁରେ..
ଦେବିନି ଦେବିନି ତାରେ ମୁଁ ହଜାଇ
ଦ୍ୱନ୍ଦ୍ୱରେ ଦ୍ରୋହରେ
ବେଦନାରେ ବିରକ୍ତିରେ
କ୍ଲାନ୍ତିରେ ଭ୍ରାନ୍ତିରେ
ସମୟର ଶେଷହୀନ ଆକ୍ରୋଶରେ..
ଶେଷ ଯାଏଁ ଖୋଜିଯିବି
ମୋ ଭିତର ମଗ୍ନ ନୀରବତାରେ
ଏଠାକୁ ଆସିବା କାରଣ
ହୃଦୟ ର ଗଭୀରତାରେ
ଅକୁହା ଉଦବେଳନ
ଓଦା ଓଦା ସାରାଟା ସମୟ
ପାଇଛି ମୁଁ ମାନେ ଜୀବନର


♥ ତାଳଚେର
(ମୋ) ୯୮୬୧୩୮୫୫୩୯




## ଖେଳ କରେ ସଇତାନ

### ତାରାପ୍ରସାଦ ଜେନା



ଏଇ ଦୁନିଆଟା ଏମିତିକା ଗୋଟେ
ଖେଳ କରେ ସଇତାନ
ପର ଆପଣାର ଭଲ କରି ଚିହ୍ନି
ବେଳୁଁ ହୁଅ ସାବଧାନ
ଏଇ ଦୁନିଆଟା ଏମିତିକା ଗୋଟେ....

ଟେକା ଟେକି କରି ବଡ଼ କରୁଥିବ
ସ୍ୱାର୍ଥବାଦୀ ବାଜେଲୋକ
ଆଗ ପଛ କେତେ ତେଲ ମାରୁଥିବ
ବଦମାସ୍ ଅଲାଜୁକ,
ମାରି ନେଇଯିବା ଫନ୍ଦି ଫିକରକୁ
ବିକିଦେବ ଭଗବାନ
ଏଇ ଦୁନିଆଟା ଏମିତିକା ଗୋଟେ.....

ଲୁହ ବୁହାଇକି ଲହୁ ଶୋଷିନେବ
ପ୍ରକୃତିର ବିଭୀଷିକା
ସ୍ନେହ ଲଗାଇକି ମୋହ ବଢ଼ାଇବ
ମାୟା ତାର ମରୀଚିକା,
ଗଙ୍ଗା ବୁଝାଇକି ଶୋଷେ ମାରିଦେବ
ଠକ ପଣେ ବେଇମାନ

ଏଇ ଦୁନିଆଟା ଏମିତିକା ଗୋଟେ.....

ଅର୍ଥ ଝଡ଼େଇବା ମତଲବ ବେଶି
ଅକୃତଜ୍ଞ ପାପାଚାରୀ
ଲାଭ ଉଠାଇବା କାର୍ଯ୍ୟ ସରିଗଲେ
ପରିଚୟ ହତଶିରୀ,
ବଦନାମ ଭଲ ଦେଇଜାଣେ ଖାଲି
ସତ୍ୟ ଛଳ ପ୍ରବଚନ
ଏଇ ଦୁନିଆଟା ଏମିତିକା ଗୋଟେ....


♥ ରଣପୁର (ଗୋଡ଼ିପାଟଣା ସାହି),
ଡାକ-ରାଜ ରଣପୁର, ଜିଲ୍ଲା -
ନୟାଗଡ଼,
ପିନ୍- ୭୫୨୦୨୬, ଓଡ଼ିଶା,
ମୋ:୯୩୪୮୦୫୪୩୦୦


## ହସକୁରି ଝିଅଟା

### ପ୍ରତିମା ମେହେର



ଖୁବ୍ ହସେ, ବେଳେ ବେଳେ
ଫଗୁଣ ଫଗୁଣ ବାସେ,
ତା'ଆଖ ପାଖ
ଝୁମେଇ ଦିଏ; ହୃଦୟ

ଗାଁ ତୋଟା ଗଛ ମୂଳେ
ଡେଇଁ ଡେଇଁ ପିଜୁଳି ପାରେ
ଖିଲି ଖିଲି ହସରେ
ଶୀତେଇ ଉଠେ; ଦେହ, ମନ
ପୁରି ଉଠେ ଆଖି,

ନୂପୁରର ନିକ୍ୱଣ ରେ
ଚହଲାଏ ଗାଁ ଅଗଣା
ସଞ୍ଜ ଦୀପ ରେ ମହକେ
ତୁଳସୀ ଚଉରା

କୁହୁଡ଼ି ଭରା ଧୂମିଳ ସକାଳ
ସଙ୍ଗୀତର ଗୁଞ୍ଜରଣେ
ଭାସି ଉଠେ କୁହୁ ସୁର
ଖୋଜି ହୁଏ ତା'ରେ

ମନ ବନାନୀରେ
ବସନ୍ତର ଦସ୍ତକ୍
ଅମାନିଆ ବୟସରେ
ପୁଲକିତ ଭାବ,
କିଏ ! କିଏ ସେଇ ଝିଅ !

ଆସନ୍ତା କି ଥରେ,
ଦେଇ ପ୍ରୀତି ଛୁଆଁ
ଦିଅନ୍ତି ବଢ଼େଇ
ସଜ ଫୁଲ ଟିଏ
ସରାଗେ ଗଭାରେ
ମୋର ଟିକି ଉପହାର ।


♥ପାଟଣାଗଡ଼
ଜିଲ୍ଲା- ବଲାଙ୍ଗୀର




## ଜୋଛନା ଆଉ ଲୁଚନା

### ରାହାସ କୁମାର ବେହେରା

ଜୋଛନା ଆଉ ଲୁଚନା
ସ୍ୱପ୍ନ ଚୁନା ଚୁନା ତୁମ ବିନା
ମନ ହୁଏ ଆନମନା
ଝୁରିହୁଏ ଜମାରୁ ବୁଝେନା ।

କାହାଣୀରେ ରାଜା ପୁଅ
ରାଜାଝିଅ ସୁନ୍ଦର ସମ୍ପର୍କ
ଚୋରିହୁଏ ମିଠା ପ୍ରୀତି
ଜହ୍ନ ଦେଶେ ଭରିଲେ ପୁଲକ ।

ଜୋଛନାକୁ ଭଲପାଏ
ସଞ୍ଜହେଲେ ବଜାଏ ସେ ବଂଶୀ
ଶୁଣିଲେଟି ମଧୁ ତାନ
ରାଧା ଲାଜେ ଆସେ ଦୂରୁ ହସି ।

ଝାଉଁବନେ ଗୋଧୂଳିରେ
ସ୍ମୃତି ଭାର ସମୟ ଯା' ସାକ୍ଷୀ
ଚନ୍ଦ୍ରମା ଆଲୋକ ସାଥେ
ଉଡୁଥିଲେ ବେନି ପ୍ରେମ ପକ୍ଷୀ ।

ସରଗ ମରତ ମଧ୍ୟେ
ଅପୂର୍ବ ଏ ଶାଶ୍ୱତ ମିଳନ
କଳକଳ ନିନାଦିତ
ଛାତି ତଳେ ନୁହେଁ ଯେ ଗୋପନ ।

ଜୋଛନାରେ ଘର କରି
ନାଚେ ଚିତ୍ତ,ଚତୁର ମୟୂରୀ
ମିଳେ ଶାନ୍ତି ପାରିଜାତ
ଅବସାଦ ଭ୍ରାନ୍ତି ଯାଏ ମରି ।

ହେ ଜୋଛନା ସମ୍ଭାବନା
ନିତି ଆସ କରିବି ନିଜର
ତୁମ ବିନା ଚକୋରର
ଅସ୍ତବ୍ୟସ୍ତ ଜୀବନ ଅସାର ।

ବରଷୁଥା ମୋ ଅଗନେ
ରୀତିମତ ଧରି ଫୁଲଶର
ଭାବନାରେ ଭରୁଥିବି
ମିଠା ପ୍ରୀତି ସୁଖଦ ଭାସ୍ୱର ।


♥ବାଲ୍ୟମ୍ବା, ଭାପୁର
ଢେଙ୍କାନାଳ :୭୫୯୦୧୫
ମୋ : ୯୪୩୮୧୧୪୩୬୮




## ପ୍ରେମ

### ରତ୍ନକାନ୍ତି ମିଶ୍ର

ତୁମ କବିତାରୁ ଫେରାର ଶବ୍ଦଟିଏ ମୁଁ ଯେ
ଅକ୍ଷରକୁ ନେଇ ନୂଆ ଭାବ ଗଢୁଥାଏ,
ନୂଆ ରଂଗେ ନୂଆ ରୂପେ ଦୃଶ୍ୟ ହୁଏ ସିନା
ପ୍ରତି ଶବ୍ଦେ ଅନ୍ତଃସ୍ୱର ଏକା ଲାଗୁଥାଏ ।।

ତୁମ ବଗିଚାର ନିଖୋଜ ଫୁଲଟିଏ ମୁଁ ଯେ
ପବନକୁ ବାସ ଦେଇ ମଉଳି ବି ଯାଏ,
ତୁମ ଠୁ ତୁମକୁ ବେଶୀ ଭଲପାଏ ବୋଲି
ଫୁଟି ପଛେ ଝଡିପଡେ ବିରାଗ ନଥାଏ ।।

ତୁମ ଲେଖନୀରୁ ନିଷ୍କୃତ ପଂକ୍ତି ଟିଏ ମୁଁ ଯେ
ହୃଦତଳେ ସଦାବର୍ତ୍ତ ସ୍ୱର ତୋଳୁଥାଏ,
ଆଖିରୁ ଲୋତକ ପୋଛି ସ୍ୱପ୍ନ ବୁଣେ ପୁଣି
ଅଭାବକୁ ଭାବ କରି ପୁଲକିତ ହୁଏ ।।

ତୁମ ଭାବନାରୁ ବିଚ୍ୟୁତ ସ୍ମୃତିଟିଏ ମୁଁ ଯେ
ଛାଇଟିଏ ହୋଇ କିନ୍ତୁ ଆଢୁଆଳେ ଥାଏ,
ନିଜକୁ ବୁଝାଏ ନିଜେ ସ୍ନେହ ଅନୁରାଗେ
ନିଦ୍ରା ଅବା ଜାଗରଣେ ତୁମ ପାଶେ ଥାଏ ।

ତୁମ ଜୀବନରୁ ନିବୃତ୍ତ ସତ୍ତାଟିଏ ମୁଁ ଯେ
ପ୍ରେମ ପ୍ରଣୟର ଦିଆ ସଦା ଜାଳୁଥାଏ,
ବିଦଗ୍ଧ ପ୍ରାଣ ମୋ ଜଳେ ବିରହ ଜ୍ୱାଳାରେ
ଦେହମନେ ସେ ଉତ୍ତାପ ମାଖି ହେଉଥାଏ ।


♥ ଆଳି, କେନ୍ଦ୍ରାପଡା


## ମୋ ଜୀବନ ଯାତ୍ରା

### ଶ୍ରୀମତୀ ପ୍ରଭାତି ସେଠୀ



ଅବିଶ୍ରାନ୍ତ ପଥିକଟେ ମୁଁ
ବାଟ ମୋର ସରେନା
ଚାଲୁଥାଏ ଦିଶା ବିହିନ ସ୍ୱପ୍ନ ନେଇ
ମୁଁ ଖୋଜେନା କାହା ଠିକଣାରେ ନିଜକୁ
ଭାରାକ୍ରାନ୍ତ ହୋଇ ବସିବାକୁ ଚାହେଁନା
କାହା କାନ୍ଧରେ ମଥା ନୁଆଁଇ
ଥକି ଯିବାକୁ ଇଚ୍ଛା ନାହିଁ ମୋର

କାହା ପାପୁଲିରେ ମୁହଁ ଗୁଞ୍ଜାଇ
କେଉଁ ବାଟେ ଚାଲିଗଲି କେଉଁଠି ମୁଁ
ହଜିଗଲି
ଆବିଷ୍କାର ଲୋଡ଼େ ନାହିଁ
ଅନ୍ୟ ଭିତରେ ନିଜକୁ ହଜେଇ

ଅବିଶ୍ରାନ୍ତ ପଥିକଟେ ମୁଁ
କେବେ ମରିଯାଏ କ୍ଷଣକେ ମୋ' ମନ
କେବେ ମାରିଦିଏ ମୋ ସବୁ ଉତ୍ସାହ
ତଥାକଥିତ ସଭ୍ୟ ସମାଜର
ଅପନିନ୍ଦାରେ କଷ୍ଟଦେଇ ନିଜକୁ ।


♥କୋଟପାଡ଼,କୋରାପୁଟ
ମୋ:୯୩୪୮୫୨୯୨୪୭


## ମାଘ ନୟାଉଣୁ ଗଲାଣି ଶୀତ

### ଜୟକୃଷ୍ଣ ସାହୁ



ମାଘ ନୟାଉଣୁ ଗଲାଣି ଶୀତ
କି କରିବା ଏବେ କହରେ ମିତ
ଖରା ମାଡ଼ିମାଡ଼ି ଆସେ,
ମାଘ ମାସ ଜାଡ଼ ଭାଙ୍ଗିନି ହାଡ଼
ଭାବି ଜେଜେମାଆ ହସେ।
ପଙ୍ଖା ନ ବୁଲିଲେ ଆସୁନି ନିଦ
ରେଜେଇ ହେଲାଣି ପେଡ଼ିରେ ମୁଦ
ଅଡୁଆ ଲାଗଇ ଟୋପି,
ବଢ଼ି ବଢ଼ି ଯାଏ ଦିନର ଉତ୍ତାପ
ଅନୁଭବ କରେ ଦେଖି।
ପିନ୍ଧିବାକୁ ଭଲ ଲାଗୁନି ଆଉ
ସ୍ୱେଟର ରଖିଦେଲାଣି ବୋଉ
କେମିତି କେମିତି ଲାଗେ,
ସରସ୍ୱତୀ ପୂଜା ପାଖେଇ ଆସଇ
ମନରେ ପୁଲକ ଜାଗେ।
ଶ୍ରୀପଞ୍ଚମୀ ପରେ ମାଘ ସପ୍ତମୀ
ଚନ୍ଦ୍ରଭାଗା ମେଳା ଆସିବ ଜମି

ବୁଡ଼ ପକାଇବା ବୋଲି,
ସାଥୀହୋଇ ଆମେ କୋଣାରକ ଯିବା
ବୋଉ କହୁଥିଲା କାଲି।
ଫୁଲେଇ ଫଗୁଣ ଆସିବା ପାଇଁ
ଗୋଡ଼ଟେକି ପରା ବସିଛି ସେଇ
ମଳୟ ପବନ ଧରି,
ଫୁଲରେ ଫୁଲରେ ମିଠା ମହକରେ
ମନକୁ କରିବ ଚୋରି।


♥କପିଳ ପ୍ରସାଦ, ଭୁବନେଶ୍ୱର -୨
ମୋ-୯୯୩୭୦୯୨୩୯୭

# ବୀରଲକ୍ଷ୍ମଣପୁର ଗ୍ରାମପଂଚାୟତରେ ଆମ ଓଡ଼ିଶା ନବୀନ ଓଡିଶା ସଚେତନତା ଶିବିର କାର୍ଯ୍ୟକ୍ରମ

ମାଲକାନଗିରି, ୧୨/୨ (ନି.ପ୍ର): ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ଗ୍ରାମ୍ୟ ବିକାଶରେ ନୂଆ ଅଧ୍ୟାୟ ଯୋଡିଛି । ଏହି ଯୋଜନା ଅଧୀନ ବିଭିନ୍ନ ଲୋକାଭିମୁଖୀ ପ୍ରକଳ୍ପ ଜରିଆରେ ପ୍ରତିଟି ଗ୍ରାମାଚଂଳ ଲୋକଙ୍କ ଜୀବନରେ ରୂପାନ୍ତରଣ ଆସିଛି । ପ୍ରତିଟି ବିକଶିତ ଗାଁ ହେବ ସଶକ୍ତ ଓଡ଼ିଶାର ପ୍ରତିଛବି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା କରିଥିବା ବେଳେ ଲକ୍ଷ୍ମୀ ଯୋଜନାରେ ସମସ୍ତ ଗ୍ରାମକୁ ଲକ୍ଷ୍ମୀବସ ଚଳାଚଳ କରିବା ଓ ଆମ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ସମସ୍ତ ପଂଚାୟତକୁ ୫୦ ଲକ୍ଷ ଟଙ୍କା ଅନୁଦାନ ମାଧ୍ୟମରେ ଖେଳ, ରାସ୍ତା ଘାଟ, ବିଦ୍ୟାଳୟର ଉନ୍ନତିକରଣ, ଡିଜିଟାଲ ଭିତିଭୂମିର ଉନ୍ନତିକରଣ, ଜଗନ୍ନାଥ ସଂସ୍କୃତିର ଉନ୍ନତିକରଣ ଓ ପ୍ରଚାର, ପ୍ରସାର ଭଳି ବିଭିନ୍ନ ଉନ୍ନତିକରଣ ଯୋଜନା କରିଛନ୍ତି । ଆଜି ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ବୀରଲକ୍ଷ୍ମଣପୁର ଗ୍ରାମପଂଚାୟତରେ ଆମ ଓଡ଼ିଶା ନବୀନ ଓଡିଶା ପଂଚାୟତ ସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଆମ ଓଡ଼ିଶା ନବୀନ ଓଡିଶା ସଚେତନତା କାର୍ଯ୍ୟକ୍ରମରେ ବୀରଲକ୍ଷ୍ମଣପୁର ଗ୍ରାମପଂଚାୟତ ସରପଂଚ ନୀଳକଣ୍ଠ ଝୋଲାଙ୍କ ଅଧ୍ୟକ୍ଷତାରେ ମଂଚାସିନ ଅତିଥି ମାନଙ୍କ ମଧ୍ୟରେ ଗ୍ରାମପଂଚାୟତ ଉନ୍ନୟନ ଅଧିକାରୀ ନାରାୟଣ ହାସଦା, ବ୍ଲକ ପ୍ରଗତି ସହାୟକ ଶଙ୍କର୍ଷଣ ଖଣ୍ଡୁଆଳ, ବୀରଲକ୍ଷ୍ମଣପୁର ସମିତି ସଭ୍ୟା ଲିଲି ଖରା, ବୀରଲକ୍ଷ୍ମଣପୁର ନାୟବ ସରପଂଚ, ଗଙ୍ଗଲା ସରପଂଚ ସୁଦର୍ଶନ କୋପେ, ବରିଷ୍ଠ ବିଜେଡି ନେତା ହିମାଂଶୁ ସାମଲ, ବିଜେଡି ମିଡିଆ ସଂଯୋଜକ ସଦାନନ୍ଦ ଖରା, ବରିଷ୍ଠ ନେତା ମୋହନ ଲାଲ ଛତ୍ରୀ, ବୀରଲକ୍ଷ୍ମଣପୁର ଗ୍ରାମପଂଚାୟତ ସମସ୍ତ ୱାର୍ଡ ସଭ୍ୟ ସଭ୍ୟା, ବୀରଲକ୍ଷ୍ମଣପୁର ଗ୍ରାମପଂଚାୟତର ବରିଷ୍ଠ ବୁଦ୍ଧିଜୀବୀ, ସମସ୍ତ ବିଦ୍ୟାଳୟର ଛାତ୍ର ଛାତ୍ରୀ, ମାଲକାନଗିରି ବ୍ଲକର ସମସ୍ତ ପଦାଧିକାରୀ ଏବଂ ସମସ୍ତ ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୁଖଙ୍କ ସହ ଏକ ହଜାରରୁ ଉର୍ଦ୍ଧ୍ୱ ଜନ ସାଧାରଣ ଉପସ୍ଥିତ ଥିବାବେଳେ ଆଜିର କାର୍ଯ୍ୟକ୍ରମ ଆମ ଓଡ଼ିଶା ନବୀନ ଓଡିଶା ପଂଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମକୁ ବୀରଲକ୍ଷ୍ମଣପୁର ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଶୁଭ୍ରାଂଶୁ ନାୟକ ଆୟୋଜନ କରିବା ସହ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଥିଲେ ।

# ଓଡିଶାରେ ଡବଲ ଇଂଜିନ ସରକାର ହେବ : ବିଜୟ ପାଲ ସିଂହ ତୋମର

ଭୁବନେଶ୍ୱର, ୧୨/୨ (ନି.ପ୍ର): ଓଡିଶାରେ ଡବଲ ଇଂଜିନ ସରକାର ହେବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି ବିଜେପି ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମର । ସାମ୍ବାଦିକ ମାନଙ୍କ ସହ କଥାବାର୍ତା ବେଳେ ସେ ଏହା କହିଛନ୍ତି । ବିଜେପିର ନିର୍ବାଚନ ପ୍ରଭାରୀ ବିଜୟ ପାଲ ସିଂହ ତୋମର ଓ ସହ ପ୍ରଭାରୀ ଲତା ଉଷେଣ୍ଡି ଦାୟିତ୍ୱ ମିଳିବା ପରେ ପ୍ରଥମ ଥର ଓଡିଶା ଆସିଛନ୍ତି । ଆଜି ରାଜ୍ୟ କାର୍ଯ୍ୟାଳୟରେ ଶୀର୍ଷ ନେତୃତ୍ୱଙ୍କ ସହ ୱାନ ଠୁ ୱାନ ଆଲୋଚନା କରିବା ସହ ଆସନ୍ତା କାଲି ପଦାଧିକାରୀ ବୈଠକରେ ଯୋଗ ଦେବେ । ନିର୍ବାଚନ ରଣନୀତି ନେଇ ବୈଠକରେ ହେବ ବିସ୍ତୃତ ଆଲୋଚନା । ଗସ୍ତ ଅବସରରେ ଉଭୟ ନେତା ଏଥର ବିଜେପିର ସରକାର ସୁନିଶ୍ଚିତ ବୋଲି ଦମ୍ଭୋକ୍ତି ବାଢ଼ିଛନ୍ତି ଦୁଇ ନେତା । ନିର୍ବାଚନ ପ୍ରଭାରୀ ବିଜୟ ପାଲ ସିଂ ତୋମାର କହିଛନ୍ତି ଓଡ଼ିଶାରେ ହେବ ଡବଲ ଇଞ୍ଜିନ ସରକାର । ୮୦ ରୁ ଅଧିକ ବିଧାୟକ ଜିତିକି ଆସିବେ ଏବଂ ଲୋକସଭା ରେ ୧୬ ରୁ ଅଧିକ ସାଂସଦ ଜତିକି ଆସିବେ । ସେହିପରି ସହ ପ୍ରଭାରୀ କହିଛନ୍ତି ଜଗନ୍ନାଥଙ୍କ ଭୂମି କୁ ଆସି ବହୁତ ଖୁସି ଲାଗୁଛି । ଜଗନ୍ନାଥଙ୍କ ଭୂମିରେ ଏଥର ବିଜେପିର ହିଁ ସରକାର ହେବ । ସମଗ୍ର ଦେଶରେ ମୋଦୀ ଜି ଙ୍କ ନେତୃତ୍ୱରେ ମହିଳା ଙ୍କ ବହୁତ ବିକାଶ ମୂଳକ କାର୍ଯ୍ୟ ହୋଇଛି । ମହିଳା ମାନେ ଆମ ସହିତ ଅଛନ୍ତି । ଓଡ଼ିଶାରେ ମଧ୍ୟ ବିଜେପି ସରକାର ଆଣିବାରେ ମହିଳା ମାନଙ୍କର ସବୁଠୁ ବଡ଼ ଅବଦାନ ରହିବ । ସେ କହିଛନ୍ତି ଯେ ଏହା ସତ କଥା ଯେ ସଂସଦ ରେ କିଛି ପ୍ରସଙ୍ଗ ରେ ବିଜେଡି ଆମ କୁ ସମର୍ଥନ କରିଛି । କିନ୍ତୁ ତାହା ମାନେ ନୁହେଁ ଆମେ ତାଙ୍କ ସହ ମିଶିକି ଅଛୁ । ସେମିତି ପୂର୍ବରୁ ଚନ୍ଦ୍ର ଶେଖର ରାଓ ବି କରିଥିଲେ ଏବଂ ଅନ୍ୟ ଦଳ ମାନେ ବି କରିଛନ୍ତି । ପ୍ରସଙ୍ଗ ଭିତ୍ତିରେ ସହମତି କରିଥାନ୍ତି । ତେଣୁ ବିଜେପି ଓଡ଼ିଶାରେ ଏକାକୀ ଲଢ଼ିବ ଏବଂ ସରକାର ଗଢିବା ପାଇଁ ଲଢ଼ିବ । ରାମ ମନ୍ଦିର ପ୍ରଭାବ ଓଡିଶାରେ ମଧ୍ୟ ପଡିବ । ଆମେ ଏଠି ସରକାର ଗଢିବାରେ ସମର୍ଥ ହେବୁ ।

## ସ୍ୱାସ୍ଥ୍ୟକେନ୍ଦ୍ରରୁ ଚୋରି

ଗଞ୍ଜାମ, ୧୨/୨ (ନି.ପ୍ର): ବ୍ରହ୍ମପୁର ଗୁଡସେଡ୍ ରୋଡ଼ ସ୍ଥିତ ସହରାଚଂଳ ସ୍ୱାସ୍ଥ୍ୟକେନ୍ଦ୍ରରୁ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି । ୩ ଜଣ ଦୁର୍ବୃତ ସ୍ୱାସ୍ଥ୍ୟକେନ୍ଦ୍ର ଭିତରକୁ ପଶି ପାଣି ପାଇପ୍ ସଂଯୋଗ ପାଇଁ ଥିବା ସେଟ୍ କୁ ଚୋରି କରି ନେଇଥିବା ନେଇ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. କୁମୁଦ ଚନ୍ଦ୍ର ଦାଶ ଚୋଷାଣୀନୂଆଗାଁ ଥାନାରେ ଅଭିଯୋଗ କରିଛନ୍ତି । ଚୋରି ସମୟର ଦୃଶ୍ୟ ସିସି କ୍ୟାମେରାରେ କଏଦ୍ ହୋଇଥିବା ଯୋଗୁଁ ଏହାକୁ ଆଧାର କରି ପୋଲିସ ତଦନ୍ତ ଆରମ୍ଭ କରିଛି ।

# ୨ୟ ସେମିଫାଇନାଲରେ କଂଟାବାଂଝି କୋଷ୍ଟାଲ ୧୧କୁ ହରାଇ ଫାଇନାଲରେ ସମ୍ବଲପୁର ଭାରତ କ୍ଲବ

ବଲାଙ୍ଗିର, ୧୨/୨ (ନି.ପ୍ର): ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲ ଖେଳ ପଡିଆରେ ବଲାଙ୍ଗିର ଫ୍ରେଣ୍ଡସ କ୍ଲବ ପକ୍ଷରୁ ରାଜ୍ୟ ସ୍ତରୀୟ ଫୁଟବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ରବିବାର ଦ୍ୱିତିୟ ସେମିଫାଇନାଲରେ ପ୍ରତିଯୋଗିତାର ଷଷ୍ଠ ଦିବସରେ କ୍ଲବର ସଭାପତି ଲୋଟସ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ସାଂସଦ ତଥା ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂହଦେଓ, ଜିଲ୍ଲା କ୍ରୀଡାଧିକାରୀ ପରାସର ବାଗ, ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଶିବ ପ୍ରସାଦ ପରିଡ଼ା, ବଲାଙ୍ଗିର ହୋଟେଲ ସଂଘ ସାଧାରଣ ସମ୍ପାଦକ ରବି ନାରାୟଣ ପୂଝାରି, ବଲାଙ୍ଗିର ରାଜ ମିସ୍ତ୍ରୀ ନିର୍ମାଣ ଶ୍ରମିକ ସଂଘ ସଭାପତି ଶମ୍ଭୁ ନାଗ, କ୍ଲବ ସମ୍ପାଦକ ଜଗନ୍ନାଥ ମିଶ୍ର ଏବଂ କୋଷାଧ୍ୟକ୍ଷ ରଂଜିତ ବେହେରା ମଂଚାସିନ ଥିଲେ । ଶଶିକାନ୍ତ ଦାସୀଆ, ସୁଦର୍ଶନ ସେଠ, ଜିତୁ ଦଳେଇ, ବୈକୁଣ୍ଠ ଜେନା ଖେଳକୁ ପରିଚାଳନା କରିଥବା ବେଳେ ମ୍ୟାଚ କମିସନର ଭାବରେ ଶୁନିଲ ଚନ୍ଦ୍ର ବିଶ୍ୱାଳ ରହିଥିଲେ । ଆଜିର ଏହି ଷଷ୍ଠ ଦିନର ଖେଳରେ ଭାରତ କ୍ଲବ ସମ୍ବଲପୁର ଏବଂ କୋଷ୍ଟାଲ ୧୧ କଂଟାବାଞ୍ଜି ମଧ୍ୟରେ ହୋଇଥିଲା । ସଂଘର୍ଷପୂର୍ଣ୍ଣ ଏହି ଖେଳରେ ମ୍ୟାଚଟି ଅମିମାଂଶିତ ରହିଥିଲା । ଟ୍ରାଇବ୍ରେକରରେ ଭାରତ କ୍ଲବ ସମ୍ବଲପୁର ଦଳ ବିଜୟୀ ହୋଇଥିଲା । ଆଜିର ଷଷ୍ଠ ଦିନର ଦ୍ୱିତୀୟ ସେମିଫାଇନାଲରେ ବଲାଙ୍ଗିର ବିଶିଷ୍ଟ କ୍ରିଡାବିତ ଜ୍ୟୋତି ନାଗ, ଶାନ୍ତନୁ ମିଶ୍ର, ସୁନିଲ ବିଶ୍ୱାଳ ଓ ଶତ୍ରୁଘ୍ନ ସିଂହଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ବୁଦ୍ଧିରାଜ ବିଶ୍ୱାଳ, ଖୀତେଶ୍ୱର ବିଶ୍ୱାଳ, ଯତୀନ୍ଦ୍ର ମିଶ୍ର, କୃଷ୍ଣ ଚନ୍ଦ୍ର ମିଶ୍ର, ରାଜକୁମାର ପାଣିଗ୍ରାହୀ, ଜୟ ନାରାୟଣ ବହିଦାର, ପବିତ୍ର ଖୁଂଟିଆ, ଲକ୍ଷ୍ମୀ ସ୍ୱାଇଁ, ପିଂଟୁ ପୁରୋହିତ, କିଶୋର ଦଣ୍ଡସେନା, ସୋମନାଥ ମିଶ୍ର, ଗୋବିନ୍ଦ ଶତପଥୀ, ସଞ୍ଜୀବ ସାହୁ, ମନୋଜ କୁମାର ମିଶ୍ର, ଧର୍ମେନ୍ଦ୍ର କୁମ୍ଭାର, ପୃଥୀରାଜ ବରାଡ, ରାମ ନାଏକ, ସୋନୁ ପଟ୍ଟନାୟକ, ପୂର୍ଣ୍ଣ ତ୍ରିପାଠୀ, ଦେବେନ ପାତ୍ର, ବିଭୁତି ସ୍ୱାଇଁ, ସନତ ତ୍ରିପାଠୀ, ଟିକୁ ପରିଚ୍ଛା, ନିତ୍ୟା ପଧାନ, ବିକାଶ ସା, ବିନୋଦ କାଲସାଏ, ସରୋଜ ସାହୁ, ଇନ୍ଦ୍ରମଣି ନନ୍ଦ, ମଂଟୁ ମିଶ୍ର, ସୂର୍ଯ୍ୟ ମେହେର, ଅରୌ ରଞ୍ଜନ ମହାପାତ୍ର, ବିଜୟ ପଧାନ, ମନୋଜ ଦୀପ, ପ୍ରଶାନ୍ତ ସେଠ, କମ୍ପୁ ତ୍ରିପାଠୀ, ମୁନା ପାଳ, କାଳିଆ ଜେନା ପ୍ରମୁଖ ଉପସ୍ଥିତ ରହି ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ । ଆସନ୍ତା କାଲି ଫାଇନାଲରେ ଭାରତ କ୍ଲବ ସମ୍ବଲପୁର ଏବଂ କଦଳୀପାଲି ବରଗଡ଼ ମଧ୍ୟରେ ଅପରାହ୍ନ ୩ଟା ସମୟରେ ଖେଳ ଅନୁଷ୍ଠିତ ହେବ ବୋଲି କମିଟୀ ପକ୍ଷରୁ ସୂଚନା ଦେଇଛନ୍ତି । ମଧୁ ବଂଚୋର ଖେଳ ପରିଚାଳନା କରିଥିବା ବେଳେ କ୍ଲବର ସଧାରଣସମ୍ପାଦକ ଶ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଇଂଟର ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଂଟ ୨୦୨୪ ଉଦ୍‌ଯାପିତ: କଂଟାବାଂଝି ରେଡ୍ ବିଜେତା

ବଲାଙ୍ଗିର, ୧୨/୨ (ନି.ପ୍ର): ଗାନ୍ଧୀ ଷ୍ଟାଡିୟମ ଠାରେ ଓଡିଶା କ୍ରିକେଟ ଏସୋସିଏସନ ଓ ଜିଲ୍ଲା କ୍ରୀଡ଼ା ସଂସଦ ଆନୁକୁଲ୍ୟରେ ଇଂଟର ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଂଟ ଉଦଯାପିତ ହୋଇଯାଇଛି । ଆଜିର ଏହି ଫାଇନାଲ ମ୍ୟାଚ ଟି ୪୦ ଓଭର ବିଶିଷ୍ଟ ହୋଇଥିଲା ବଲାଙ୍ଗିର ଗ୍ରୀନ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୨୦.୫ ଓଭରରେ ୯୧ ରନ୍ ସଂଗ୍ରହ କରି ଅଲଆଉଟ ହୋଇଯାଇଥିଲେ । ଦଳ ତରଫରୁ ଟି.ଜେ. ରାଓ ସର୍ବାଧିକ ୨୩ ରନ୍ ସଂଗ୍ରହ କରିଥିଲେ । କଂଟାବାଞ୍ଜି ରେଡ ଦଳ ତରଫରୁ ସଫଳ ବୋଲର ଭାବରେ ଜିତ ବେହେରା ସର୍ବାଧିକ ୩ ଗୋଟି ୱିକେଟ, ଅବଦୁଲ ରହମାନ ଓ ଅୟାଜ ଅହମଦ ୨ ଗୋଟି ଲେଖାଏଁ ୱିକେଟ ନେଇଥିଲେ । ୯୨ ରନ୍ ର ବିଜୟ ଲକ୍ଷ୍ୟକୁ ନେଇ ପଡିଆକୁ ଓହ୍ଲାଇଥିବା କଂଟାବାଞ୍ଜି ରେଡ୍ ଦଳ ୨୫.୨ ଓଭରରେ ୬ ୱିକେଟ ବିନିମୟରେ ଆବଶ୍ୟକ ୯୨ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲେ । କଂଟାବାଞ୍ଜି ରେଡ ଦଳ ତରଫରୁ ରବିନ ୨୪ ରନ୍, କ୍ରିସ ଅଗ୍ରୱାଲ ୧୯ ରନ୍ ସଂଗ୍ରହ କରିଥିଲେ । ବଲାଙ୍ଗିର ଗ୍ରୀନ ଦଳ ତରଫରୁ ସଫଳ ବୋଲର ଭାବରେ ଟି.ଜେ. ରାଓ ସର୍ବାଧିକ ୩ ଗୋଟି ୱିକେଟ ନେଇଥିବା ବେଳେ ଫରିଦ ନାଗ ୨ ଗୋଟି ୱିକେଟ ନେଇଥିଲେ । ଆଜିର ଏହି ଫାଇନାଲ ମ୍ୟାଚରେ ଉତମ ପ୍ରଦର୍ଶନ କରିଥିବା ଜିତ ବେହେରା ଙ୍କୁ ମ୍ୟାନ ଅଫ୍ ଦ ଫାଇନାଲ ପୁରସ୍କାର ପ୍ରଦାନ କରାଯାଇଥିଲା । ଆଜିର ଏହି ଫାଇନାଲ ମ୍ୟାଚକୁ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପାୟାର ପୃଥ୍ୱୀରାଜ ମିଶ୍ର ଓ ସମୀର ପାଣିଗ୍ରାହୀ ପରିଚାଳନା କରିଥିବା ବେଳେ ଜଗପତି ନାଏକ ଓ ସ୍ୱାଗତ ଶୁଭଙ୍କର ସ୍କୋରର ଦାୟିତ୍ୱ ତୁଲାଇଥିଲେ । ଆଜିର ଏହି ଉଦ୍‌ଯାପନି ଉତ୍ସବରେ କ୍ରୀଡ଼ା ସଂସଦର ସାଧାରଣ ସଂପାଦକ ହରି ନାରାୟଣ ପୁଜାରୀ ବିଜେତା ଓ ଉପ-ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଏଥି ସହିତ ଧର୍ମେନ୍ଦ୍ର ମିଶ୍ର, ରାହୁଲ ସାହୁ ଓ ବାବୁଲୁ ଦାଶ,ସୁଦର୍ଶନ ବାଗ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।

## ଆଦର୍ଶ ଜଳାଶୟ ନିମନ୍ତେ ଶିଳାନ୍ୟାସ

ଭୁବନ, ୧୨/୨ (ନି.ପ୍ର): କାମାକ୍ଷା ନଗର ବିଧାୟକ ତଥା ରାଜ୍ୟ ଖଣି ଇସ୍ପାତ ଓ ପୂର୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଆଜି ଏକ ଦିନିକିଆ ଗସ୍ତରେ ଭୁବନ ଆସି ୨ କୋଟି ୫୯ ଲକ୍ଷ ୬୪ ହଜାର ଟଙ୍କା ବ୍ୟୟରେ ୬ ଟି ଜଳାଶୟକୁ ଆଦର୍ଶ ଜଳାଶୟରେ ପରିଣତ କରିବା ପାଇଁ ଶିଳାନ୍ୟାସ କରିଥିଲେ । ଶିଳାନ୍ୟାସ ହୋଇଥିବା ଜଳାଶୟ ଗୁଡ଼ିକ ହେଲା ଚିନରା ପୋଖରୀ (୬୮.୩୧ ଲକ୍ଷ), ପୃଷ୍ଟି ପୋଖରୀ (୫୫.୨୭ ଲକ୍ଷ), ନୂଆ ପୋଖରୀ ଦୁର୍ଗା ପୋଖରୀ ( ୨୪.୩୩ ଲକ୍ଷ), ଗୋଡ଼ି ପୋଖରୀ ( ୩୭.୧୮ ଲକ୍ଷ) ଟଙ୍କାରେ ସମ୍ପୂର୍ଣ ନବୀକରଣ କରାଯିବ ବୋଲି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ମତବ୍ୟକ୍ତ କରିଥିଲେ । ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ନଗରପାଳ ଶୁଭେନ୍ଦୁ ସାହୁଙ୍କ ସମେତ ଉପାଧ୍ୟକ୍ଷ ମାନିନୀ ସାହୁ, ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ବେହେରା, କାଉନସିଲର ନରେନ୍ଦ୍ର କୁମାର ବେହେରା, ସୁଶାନ୍ତ କୁମାର ନାୟକ, ପପୁ କୁମାର ସାହୁ, କବିତା ସେନାପତି, କଳ୍ପନା ବେହେରା, ମନମୋହନ ସାହୁ, କନିଷ୍ଠ ଯନ୍ତ୍ରୀ ସୁରେନ୍ଦ୍ର ନାଥ ସାହୁ, ଶକ୍ତି ପ୍ରକାଶ ସାହୁ, ମୁକ୍ତା ସଂଯୋଜକ ଅଶୋକ କୁମାର ରାଉଳ, ପୂର୍ବତନ ନଗରପାଳ ଶ୍ରୀମତୀ କବିତା ବାରିକ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ ।

# ସହରାଂଚଳ ସ୍ୱାସ୍ଥ୍ୟ କେନ୍ଦ୍ର ଶାସ୍ତ୍ରୀନଗରଠାରେ ଫାଇଲେରିଆ ନିରାକରଣ ଅଭିଯାନର ଶୁଭାରମ୍ଭ

ବଲାଙ୍ଗିର, ୧୨/୨ (ନି.ପ୍ର): ସ୍ଥାନୀୟ ସହରାଂଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଶାସ୍ତ୍ରୀ ନଗର ପରିସରରେ ମଧ୍ୟରେ ଚଳିତ ବର୍ଷ ର ଫେଲେରିଆ ନିରାକରଣ ଅଭିଯାନ ର ଶୁଭାରମ୍ଭ କରାଯାଇଛି । ଉକ୍ତ ଅଭିଯାନ ରେ ନେସନାଲ ପିସ ୟୁନିସନ ଦ୍ୱାରା ପରିଚାଳିତ ସହରାଂଚଳ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ନିର୍ଦ୍ଦେଶକ ସତ୍ୟ ରଞ୍ଜନ ମିଶ୍ର ଫେଲେରିଆ ରୋଗ ର ଭୟାଭୟତା ଓ ଏହାର ନିରାକରଣ ସମ୍ବନ୍ଧୀୟ ସବିଶେଷ ଧାରଣା ଯଥା, ଫାଇଲେରିଆ ଓ ବାତଜ୍ୱର କ''ଣ ଓ ଏହା କିପରି ମଶା କାମୁଡିବା ଦ୍ୱାରା ଏହାର ପରଜୀବି ଆମ ଦେହରେ ପ୍ରବେଶ କରିଥାଏ ଏବଂ ଏହା କିଭଳି ଏକ ବର୍ଷ ପରେ ଆମ ଲସିକା ଗ୍ରନ୍ଥି କୁ ନଷ୍ଟ କରିଦିଏ କ୍ରମଶଃ ଏହା କିପରି ଶରୀରର ପ୍ରତିରୋଧକ ଶକ୍ତି କୁ କମାଇ ଦେଇଥାଏ ଏହା ବର୍ଣନା କରି କହିଲେ ଯେ, ଏହି କୀଟାଣୁ ର ପ୍ରଭାବ ରେ ୧୦ ରୁ ୧୫ ବର୍ଷ ମଧ୍ୟରେ ଶରୀରରେ ଗୋଦର ର ଲକ୍ଷଣ ଦେଖାଦେଇ ଚର୍ମ ରେ କ୍ଷତ ଓ ଜ୍ୱର ହେବା ଆରମ୍ଭ ହୋଇ ଯାଏ । ଏହା ଉଚେରିଆ ବ୍ରାଙ୍କଫଟି ଓ ବୃଜିଆ ମାଲାଇ କୀଟାଣୁ ଦ୍ୱାରା ମଣିଷ ଶରୀର କୁ କିପରି ପ୍ରବେଶ କରେ, ରୋଗ ପୁରୁଣା ହେଲେ ହାତ ପାଦ ଗୋଦର ହୁଏ, ପରୁଷ ମାନଙ୍କ ଅଣ୍ଡକୋଷ ଫୁଲି ଯାଏ, ମହିଳା ଙ୍କ ସ୍ତନ ଫୁଲି ଦରଜ ହେବା, ଧଳା ପରିସ୍ରା ହେବା, ଗୋଦର ଉପରେ ଆବୁ ବାହାରିବା, ଛତୁ ଫୁଟିବା ପରି ଦେଖାଦେବା ଇତ୍ୟାଦି ଲକ୍ଷଣ ଦେଖାଯାଏ । ଏଣୁ ଏହି ବାତଜ୍ୱର ନିରାକରଣ ପାଇଁ ଭାରତ ସରକାର ଏହାକୁ ଜାତୀୟ କୃମି ଅଭିଯାନ ମାଧ୍ୟମରେ ସମାଜ ର ସମସ୍ତଙ୍କ ଦେହରୁ ବାତଜ୍ୱର କୀଟାଣୁ ନଷ୍ଟ କରିବା ପାଇଁ ଏହି ସାର୍ବଜନୀନ ବାତଜ୍ୱର ଔଷଧ ସେବନ୍ଦ୍ଧି ପ୍ରାରମ୍ଭ କରାଇଛନ୍ତି ଯାହା ଗତକାଲି ୧୦ ତାରିଖ ଠୁଁ ୧୯ ତାରିଖ ପର୍ଯ୍ୟନ୍ତ ଅଭିଯାନ ରେ କାର୍ଯ୍ୟରତ ଆଶା ମାଁ, ସ୍ୱାସ୍ଥ୍ୟ କର୍ମ, ସ୍ୱେଚ୍ଛାସେବୀ, ଅଙ୍ଗନାୱାଡି କର୍ମ ମାନ ଘରକୁ ଘର ବୁଲି ଉଚ୍ଚତା ଓ ମାପବିଧି ଅନୁସାରେ ଫାଇଲେରିଆ ଔଷଧ ସେବନ କରାଇବେ ତେଣୁ ଏହି ଅଭିଯାନ ରେ ଆମେ ସଭିଁଙ୍କୁ ଔଷଧ ସେବନ ପାଇଁ ପରାମର୍ଶ ଦେବା । ଉପରୋକ୍ତ ପାଇଲେରିଆ ଶୁଭ ଉଦଘାଟନ ସମାରୋହ ରେ ସ୍ୱାସ୍ଥ୍ୟ ଆରୋଗ୍ୟ ସହରାଂଚଳ କେନ୍ଦ୍ର ର ମେଡିକାଲ ଅଫିସର ଡ଼ା ରାକେଶ ମୁଣ୍ଡ,ସ୍ୱାସ୍ଥ୍ୟ କେନ୍ଦ୍ର ଚେୟାରମ୍ୟାନ ଶ୍ରୀ ରବି ରଞ୍ଜନ ପୂଜାରୀ ଅଭିଯାନ ସମ୍ପର୍କିତ ସଭିଙ୍କୁ ସବିଶେଷ ପରାମର୍ଶ ପରାମର୍ଶ ଦେଇଥିବା ବେଳେ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ୱାସ୍ଥ୍ୟ ଯୋଗାଣକାରି ଶ୍ରୀମତୀ ମାମି ସିଂଦେଓ, ରୋଜାଲିନା ହୋତା,ରୋନି ବଗର୍ତି,ସୂର୍ଯ୍ୟଶ୍ମି ହୋତା, ନିକୁଞ୍ଜବିହାରୀ, ମଣି ଭଦ୍ର ପ୍ରଧାନ, ବିପିନ ବିହାରୀ,ଆଶିଷ ଚନ୍ଦ୍ର ବିଶି,ଜଗଦୀଶ ନାୟକ,ସୌରଭ ପଧାନ, ଖୁସିରାମ ସୁନା,ସସ୍ମିତା ସିଂ, ଆଶା ପାଣ୍ଡିଆ, ଲିଜା ପ୍ରଧାନ,ଲିଲିମା, ଅଞ୍ଜଳି ନାଗ ଇତ୍ୟାଦି ସ୍ୱାସ୍ଥ୍ୟ ସେବା ଯୋଗାଣକାରୀ ସଭ୍ୟସଭ୍ୟା ଉକ୍ତ ଅଭିଯାନ ରେ ସାମିଲ ହୋଇ ଅଭିଯାନ ରେ ଉପସ୍ଥିତ ଜନସାଧାରଣ ଙ୍କୁ ଫେଲେରିଆ ଔଷଧ ଖୁଆଇ ସଭିଙ୍କୁ ଏହି ଔଷଧ ଖାଇବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ ।

# ୧୯ତମ ପାତାଳୀ ମହୋତ୍ସବ ଉଦ୍‌ଘାଟିତ

ସୁବର୍ଣ୍ଣପୁର , ୧୨/୨ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ପ୍ରସିଦ୍ଧ ପୀଠ ଶ୍ରୀ ପାତାଳୀ କ୍ଷେତ୍ର କୋଟସମଲାଇ ଠାରେ ୧୯ତମ ପାତାଳୀ ମହୋତ୍ସବ ଉଦଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାଶ ଯୋଗ ଦେଇ ଉଦଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବରେ ବୀରମହାରାଜପୁର ଉପଜିଲ୍ଲାପାଳ ଲଳାଟେନ୍ଦୁ ସିଂ, ଡେପୁଟି କଲେକ୍ଟର ଉପେନ୍ଦ୍ର କୁମାର ଦାଶ ଓ ଉଲୁଣ୍ଡା ବିଡ଼ିଓ କରିସ୍ମା ବେସ୍ରା ଯୋଗ ଦେଇଥିଲେ ।ଆଜି ପ୍ରଥମ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ବିଦ୍ୟାଳୟ ଓ ଆଂଚଳିକ କଳାକାର ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ମହୋତ୍ସବ ୧୦ ତାରିଖ ଠାରୁ ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ମହୋତ୍ସବ ଅବସରରେ ଭାଗବତ ସପ୍ତାହ ପାରାୟଣ, ୫୬ପ୍ରହରୀ ନାମଯଜ୍ଞ, ଘୃତଯଜ୍ଞ ଆରମ୍ଭ ହୋଇଥିବା ବେଳେ ଶ୍ରୀ ଜଗନ୍ନାଥ ଙ୍କ ପଦ୍ମମୁଖ ବେଶ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ପାତାଳୀ ଶ୍ରୀକ୍ଷେତ୍ର ର ଏକ ଲୋଗୋ ଜିଲ୍ଲାପାଳ ଅନ୍ୟା ଦାଶ ଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ଶ୍ରୀ ଅରବିନ୍ଦ ଇଂଟିଗ୍ରାଂଟ ଖୁଂଟୁଲାପାଲି, ବାଘପାଲି ୟୁପି ସ୍କୁଲ, ହରିଣାପାଲି ୟୁପି ସ୍କୁଲ୍, ଖୁଂଟୁଲାପାଲି ୟୁପି ସ୍କୁଲ୍, କୋଟସମଲାଇ ୟୁପି ସ୍କୁଲ,ଶ୍ରୀ ଜଗନ୍ନାଥ ଏକାଡେମୀ କୋଟସମଲାଇ ହାଇସ୍କୁଲ ଆଦି ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉଦଘାଟନୀ ସଭାରେ ପୂର୍ଣ୍ଣଚନ୍ଦ୍ର ପାଢୀ ସଭା ପରିଚାଳନା କରିଥିବା ବେଳେ କମିଟି ର ସମ୍ପାଦକ ଉତ୍ତର ପାତ୍ର ତଥା ଅନ୍ୟାନ୍ୟସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଉଦଘାଟନୀ ଦିବସରେ ହଜାର ହଜାର ଭକ୍ତ ଙ୍କ ସମାଗମ ହୋଇଥିଲା ।

# ସମ୍ବଲପୁରୀ ଖାଦ୍ୟ ସର୍ସତିଆ ତିଆରି କଲେ କେନ୍ଦ୍ରମନ୍ତ୍ରୀଙ୍କ ପତ୍ନୀ

ସମ୍ବଲପୁର , ୧୨/୨ (ନି.ପ୍ର): ସମ୍ବଲପୁରୀ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା ର ଖ୍ୟାତି ଓ ଚର୍ଚ୍ଚା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ସମ୍ବଲପୁରୀ ଗୀତ, ସଙ୍ଗୀତ, ନୃତ୍ୟ, ବନ୍ଧକଳା, ବସ୍ତ୍ର ଆଜି ସମଗ୍ର ବିଶ୍ୱ ଦରବାର ରେ ନିଜର ସ୍ୱତନ୍ତ୍ର ସ୍ଥାନ ନେଇ ସାରିଛି । ଏଥିରୁ ବାଦ ପଡିନି ସମ୍ବଲପୁରୀ ଖାଦ୍ୟ ପେୟ । ସମ୍ବଲପୁରୀ ଖାଦ୍ୟ ପେୟ ରେ ବିଭିନ୍ନ ଓ ବିବିଧ ପ୍ରକାର ର ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ ହୋଇଥାଏ । ସେଥି ମଧ୍ୟରୁ ସର୍ସତିଆ ର ପ୍ରସ୍ତୁତି ପ୍ରଣାଳୀ ଓ ସ୍ୱାଦ ଭିନ୍ନ ଓ ସ୍ୱତନ୍ତ୍ର ଧରଣ ର ହୋଇଥାଏ । ସମ୍ବଲପୁର ସହର କୁଞ୍ଜେଲପଡ଼ା ଛକ ଠାରେ କେବଳ ଏକ ମାତ୍ର ଦୋକାନ ରହିଛି ଯେଉଁଠି ଆଜି ବି ସର୍ସତିଆ ତିଆରି ଓ ବିକ୍ରି ହୁଏ । ପ୍ରଭୁଲାଲ ଗୁପ୍ତା ଓ ରେଖା ଗୁପ୍ତା ନାମକ ଏହି ଦମ୍ପତ୍ତି ଆଜି ଯାଏଁ ତାଙ୍କର ପୂର୍ବ ପୁରୁଷ ଙ୍କ ର ଦ୍ୱାରା ସ୍ୱୀକୃତ ଏହି ପାରମ୍ପରିକ ବ୍ୟଞ୍ଜନ କୁ ତିଆରି କରିବାର ପରମ୍ପରା ବଜାୟ ରଖିଛନ୍ତି । ବିଭିନ୍ନ ପ୍ରକାର ପ୍ରସଙ୍ଗ ରେ ଏହି ଦୋକାନ ଓ ମାଲିକ ଦମ୍ପତ୍ତି ଙ୍କ ନାମ ଚର୍ଚ୍ଚା କୁ ଆସିଥାଏ । ଆଜି ସକାଳେ ତାଙ୍କ ଦୋକାନ କୁ ପହଂଚି ଥିଲେ କେନ୍ଦ୍ରମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ ଙ୍କ ଧର୍ମପତ୍ନୀ ତଥା ବିକାଶ ଫାଉଣ୍ଡେସନ ର ଅଧ୍ୟକ୍ଷା ଶ୍ରୀମତୀ ମୃଦୁଲା ଠାକୁର । ଦୋକାନ ରେ ଉପସ୍ଥିତ ଥିବା ଗୁପ୍ତା ସମ୍ପତ୍ତି ଙ୍କୁ ତାଙ୍କର ପାରିବାରିକ ଓ ବ୍ୟବସାୟୀକ ସ୍ଥିତି ଅବସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ । ପୁଣି ସର୍ସତିଆ ତିଆରି କରିବାର ଶୈଳୀ ଓ ପ୍ରସ୍ତୁତି ବିଷୟ ରେ ବୁଝିଥିଲେ ଓ ନିଜେ କିଛି ସର୍ସତିଆ ତିଆରି କରିଥିଲେ । ଏଭଳି ଏକ ନିଆରା ଓ ଐତିହ୍ୟ ପୂର୍ଣ୍ଣ ପରମ୍ପରାକୁ ବଜାୟ ରଖିଥିବାରୁ ଅତି ଆତ୍ମୀୟତା ଓ ସରଳତା ର ସହିତ ଗୁପ୍ତା ପରିବାର କୁ ଧନ୍ୟବାଦ, ସାଧୁବାଦ ଓ କୃତଜ୍ଞତା ଜ୍ଞାପନ କରିଥିଲେ । ଗୁପ୍ତା ଦମ୍ପତ୍ତି ଙ୍କ ଏକ ମାତ୍ର ପୁତ୍ର ରାହୁଲ୍ ଗୁପ୍ତା ଙ୍କୁ ଏହି ପାରମ୍ପାରିକ ବ୍ୟବସାୟ କୁ ଆହୁରି ଶାଣିତ ଓ ବ୍ୟାପକ କରିବା ପାଇଁ ଶ୍ରୀମତୀ ଠାକୁର୍ ପରାମର୍ଶ ଓ ଅନୁରୋଧ କରିଥିଲେ ।

# ଦର୍ଲାବେଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଥମ ବାର୍ଷିକ ଉତ୍ସବ

ମାଲକାନଗିରି , ୧୨/୨ (ନି.ପ୍ର): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଯୋଡାମ୍ବ ପଂଚାୟତ ଅନ୍ତର୍ଗତ ଦର୍ଲାବେଡା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ପ୍ରଥମ ବାର୍ଷିକ ଉତ୍ସବ ଗତକାଲି ମହାସମାରୋହ ପାଳିତ ହୋଇଯାଇଛି । ଚିତ୍ରକୋଣ୍ଡା ବ୍ଲକ ଶିକ୍ଷା ଅଧିକାରୀ ସୁଶ୍ରୀ ଗାୟତ୍ରୀ ଦେବୀ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିକ୍ଷା ଏକ୍ସପୋର୍ଟ ଅଙ୍ଗଦ ଖୋସଲା, ଓ ସମ୍ମାନୀତ ଅତିଥିଭାବେ ଯୋଡାମ୍ବ ସରପଂଚ ପିଙ୍କି ହନ୍ତାଳ, ଅଧ୍ୟାପକ ଦିଲ୍ଲୀପ କୁମାର ଓଝା ଚିତ୍ରକୋଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ଜାନକୀ ହନ୍ତାଳ, ଜିଲ୍ଲା ଶୈକ୍ଷିକ ସଂଯୋଜକ ଆଶୁତୋଷ ଖଟେଇ, ସମାଜସେବୀ ଚୈତନ୍ୟ ଖିଲ, ସବ-ଇନ୍ସପେକ୍ଟର ଅନନ୍ତ ନାୟକ, ବରିଷ୍ଠ ନାଗରିକ ଡମ୍ବରୁଧର ଖିଲ ତଥା ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ଯୋଗ ଦେଇଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ଅରୁଣ କୁମାର ସାହୁ ସମସ୍ତକାର୍ଯ୍ୟର ଆୟୋଜନ କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ ବାବୁଲି ଦିଶାରୀ, ଜୟଶଙ୍କର ମାଝୀ, ବିଶ୍ୱଜିତ ସେଠି, ଅମର କୁମାର ମଲ୍ଲିକ, ଶଶିକାନ୍ତ ଦାସ, ଅଧ୍ୟାପକ- ଅମରଜ୍ୟୋତି ଝଟକସିଙ୍ଗ, ଭୁଜ ହନ୍ତାଳ ଦେବ ସୁନାବସିଆ ଅଧ୍ୟାପିକା -ରୁବି ମାଡି ସହଯୋଗ କରିଥିଲେ !ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପିଲାମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ! ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ! ସ୍ୱାଭିମାନ ଅଂଚଳରେ ପ୍ରଥମଥର ପାଇଁ ଏଭଳି ଏକ ଭବ୍ୟ କାର୍ଯ୍ୟକ୍ରମ କରାଯାଇଥିବାରୁ ଏହା ଗ୍ରାମବାସୀ ତଥା ଅଭିଭାବକ ମହଲରେ ଉଚ୍ଚ ପ୍ରଶଂସିତ ହୋଇଥିଲା ।

# ଲକ୍ଷ୍ମୀଜୋର ପୋଲରେ ଜେସିବିରେ ଧସି ଗର୍ତ୍ତ ସୃଷ୍ଟି: ମରାମତି ଆବଶ୍ୟକ

ବଲାଙ୍ଗିର, ୧୨/୨ (ନି.ପ୍ର): ଗତ ଦୁଇଦିନ ତଳେ ଠିକାଦାର ପଡା ଯିବା ରାସ୍ତାରେ ଲକ୍ଷ୍ମୀଜୋର ପୋଲ କଡ ସିମେଂଟ ରାସ୍ତା କାମ ଜେସିବିରେ ଧସି ଗର୍ତ୍ତ ସୃଷ୍ଟି ହୋଇଛି । ଏହି ରାସ୍ତାଟି ଦିନରାତି ବ୍ୟସ୍ତ ବହୁଳ ରହୁଥିବା ବେଳେ ଗଡ଼ାଣିଆ ଥିବା ଯୋଗୁଁ ଆନେକ ଦୁର୍ଘଟଣା ଘଟି ଆନେକ ଲୋକ ଖଣ୍ଡିଆ ଖବରା ହେଉଥିବା ଦେଖିବାକୁ ମିଳୁଛି । ମୁନିସିପାଲଟି ର ଜେସିବି ଧସି ଥିବା ବେଳେ ଖବର ନିଶ୍ଚୟ ମୁନିସିପାଲଟି ପାଖରେ ରହିଛି । ଜନ ସାଧାରଣ ଏହି ଖବର ଦୃଷ୍ଟି ଆକର୍ଷଣ କରି ଅଭିଯୋଗ କରିଥିବା ବେଳେ ମରାମତି କେବେ ହେଉଛି ଦେଖିବାକୁ ବାକି ରହିଲା । ଲୋକଙ୍କ ଏହି ଗର୍ତରେ ଦୁର୍ଘଟଣା ଘଟି ମୃତ୍ୟୁ ମୁଖରେ ପଡ଼ିବା ଆଗରୁ ମରାମତି କରାଯିବାକୁ ଦାବି ହେଉଛି ।

# ସମ୍ବଲପୁରରେ ବିକାଶର ସମୀକ୍ଷା କଲେ ୫ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ

ସମ୍ବଲପୁର, ୧୨/୨ (ନି.ପ୍ର): ୫ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସମ୍ବଲପୁରରେ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ସମଲେଇ ପ୍ରକଳ୍ପ ବୁଲିବା ସହିତ କିଭଳି ସମଲେଇ ପ୍ରକଳ୍ପ ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିପାରିବ ସେନେଇ ବ୍ୟବସ୍ଥା କରାଯାଉଛି ବୋଲି ସେ କହିଛନ୍ତି । ଏଥିପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ମନ୍ଦିର ଟ୍ରଷ୍ଟବୋର୍ଡ ସହ ଆଲୋଚନା କରିଛନ୍ତି । ସମଲେଇ ପ୍ରକଳ୍ପ ବୁଲିବା ପରେ ମା' ସମଲେଶ୍ୱରୀଙ୍କ ମନ୍ଦିର ଯାଇ ମା'ଙ୍କ ଦର୍ଶନ କରିଥିଲେ ଫାଇଭ-ଟି ଅଧ୍ୟକ୍ଷ । ମନ୍ଦିର ପରିସରରେ ଟ୍ରଷ୍ଟବୋର୍ଡ ଓ ମନ୍ଦିର ପୂଜକଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ସମଲେଇ ପ୍ରକଳ୍ପ ବୁଲି ସାରିବା ପରେ ସେ ଏହାପରେ ବିଭିନ୍ନ ବର୍ଗର ଲୋକଙ୍କୁ ଭେଟି ତାଙ୍କ ନିକଟରୁ ଦାବି ପତ୍ର ଗ୍ରହଣ କରିଥିଲେ । ଏହାପରେ ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ପହଂଚି ଆଥଲେଟିକ ଏସୋସିଏସନ କର୍ମକର୍ତ୍ତା ଓ ଖେଳାଳିଙ୍କ ସହ ସେ ଆଲୋଚନା କରିଥିଲେ । ସମ୍ବଲପୁର ଆଥଲେଟିକ ଆସୋସିଏସନ ପକ୍ଷରୁ ୫ଟି ଅଧ୍ୟକ୍ଷଙ୍କୁ ସ୍ୱାଗତ କରାଯାଇଥିଲା । ଷ୍ଟାଡିୟମରେ କ୍ରିକେଟ ଖେଳାଳିଙ୍କ ସହ ୫ଟି ଅଧ୍ୟକ୍ଷ କ୍ରିକେଟ ଖେଳିଥିଲେ । ରାଜ୍ୟ ସରକାରଙ୍କ ପକ୍ଷରୁ ସମ୍ବଲପୁରରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ କରାଯିବା ସହ ସମ୍ବଲପୁରରେ ବହୁତ ବଡ କ୍ରିକେଟ ଷ୍ଟାଡିୟମ ଓ ଫୁଟବଲ ଷ୍ଟାଡିୟମ କରିବା ପାଇଁ ଜାଗା ଚିହ୍ନଟ କରାଯାଇଥିବାରୁ ଖୁସି ପ୍ରକାଶ କରିଛନ୍ତି ଖେଳାଳି । ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଛନ୍ତି ଆସୋସିଏସନ କର୍ମକର୍ତ୍ତା ଓ ଖେଳାଳି । ଫୁଟବଲ ଓ କ୍ରିକେଟ ଷ୍ଟାଡିୟମ ନିର୍ମାଣ ପାଇଁ ୩୫୦ କୋଟି ଟଙ୍କା ମଞ୍ଜୁର ହୋଇଛି ।

# ଶ୍ରୀନିବାସ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏଚ.ଆଇ.ଭି/ଏଡ୍ସ ସଚେତନତା ଶିବିର ଅନୁଷ୍ଠିତ

ମଙ୍ଗଳପୁର/ସୋରୋ, ୧୨/୨ (ନି.ପ୍ର): ସ୍ଥାନୀୟ ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୟୁଥ୍ ରେଡ୍ କ୍ରସ୍ ଓ ରେଡ୍ ରିବନ୍ କ୍ଲବ୍ ଆନୁକୂଲ୍ୟରେ ଏଚ୍.ଆଇ.ଭି/ଏଡ୍ସ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିପାଇଁ ଆୟୋଜିତ ଏକ ସ୍ୱତନ୍ତ୍ର ସଭାରେ ସଭାପତିତ୍ୱ କରିଥିଲେ ଅଧ୍ୟକ୍ଷ ଶ୍ରୀଯୁକ୍ତ ଜଗଦୀଶ ଚନ୍ଦ୍ର ବିଶ୍ୱାଳ । ଉପସ୍ଥିତ ସମସ୍ତ ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳିତ ଜୀବନଯାପନ କରିବା ପାଇଁ ସେ ପରାମର୍ଶ ଦେଉଥିଲେ । ୟୁଥ୍ ରେଡକ୍ରସ୍‌ର କାଉନ୍‌ସିଲର ଡକ୍ଟର ପୁଣ୍ୟବ୍ରତ ମହାନ୍ତି । ଏଡ୍ସ ରୋଗର କାରଣ, ନିରାକରଣ ଓ ଭୟାବହତା ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ଶ୍ରୀଯୁକ୍ତ ପିତାମ୍ବର ସେଠୀ, ସମ୍ମାନିତ ଅତିଥି ଅଧ୍ୟାପିକା ପୁଷ୍ପଲତା ପାଢ଼ୀ ଏବଂ ମୁଖ୍ୟବକ୍ତା ଅଧ୍ୟାପକ ଡକ୍ଟର ସମ୍ବିତ କୁମାର ପରିଡ଼ା ଏଡ୍ସ ରୋଗକୁ ମୂଳପୋଛ କରିବା ପାଇଁ ବ୍ୟାପକ ପରିମାଣରେ ସଚେତନତା ସୃଷ୍ଟି କରିବା ଏବଂ ସୁଚରିତ ଗଠନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ପରିଶେଷରେ ଶ୍ରୀମତୀ ପାଢ଼ୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଶିବିରର ସଫଳତା ପାଇଁ ପ୍ରାଧ୍ୟାପକ ପୂର୍ଣ୍ଣଚନ୍ଦ୍ର ବେହେରା, ଅଧ୍ୟାପକ ଅଜୟ କୁମାର ବାରିକ୍, ବିଜୟ କୁମାର ମହାଳିକ, ଡି.ଇ.ଓ ଭରତ ଚନ୍ଦ୍ର ମାହାନା ଏବଂ କର୍ମଚାରୀ ପ୍ରଦ୍ୟୁମ୍ନ କୁମାର ସାହୁ ସକ୍ରିୟ ସହଯୋଗ କରିଥିଲେ ।




# ଭାଗବତ କଥାମୃତ ପ୍ରବଚନ ସଭା ଉଦ୍‌ଘାଟିତ



ରୂପସା, ୧୨/୨ (ନି.ପ୍ର): ରୂପସା ଥାନା ଅନ୍ତର୍ଗତ ପାଟପୁର ବଜାର ଗୋଛାୟତ କମ୍ପ୍ଲେକ୍ସରେ ଆୟୋଜିତ ୭ ଦିନିଆ ଭାଗବତ କଥାମୃତ ପ୍ରବଚନ ସଭା ଉଦଘାଟିତ ହୋଇଯାଇଛି । ସକାଳେ ସଂକୀର୍ତ୍ତନ ମଣ୍ଡଳୀ ଏକ ବିଶାଳ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ । ହୀରାପୁର ଗ୍ରାମ ପୋଖରୀରୁ ଘଟୋତ୍ତାଳନ କରାଯାଇ ମଣ୍ଡପରେ ଘଟରୋପଣ ହୋଇଥିଲା । ସନ୍ଧ୍ୟାରେ ଆଧ୍ୟାତ୍ମିକ ଭଜନ ପରିବେଷଣ ପରେ ପ୍ରବଚନ ସଭା ଅନୁଷ୍ଠିତ ହୋଇଥିଲା । ଓଡିଶାର ବିଶିଷ୍ଟ ପ୍ରବଚକ ତଥା ସାଧୁ ଶ୍ରୀଶ୍ରୀଶ୍ରୀ ବିଜୟ ରାଘବେନ୍ଦ୍ର ଦାସ ମହାରାଜ ଯୋଗ ଦେଇ ଗୀତା, ଭାଗବତ ଓ ରାମାୟଣ ସମ୍ବନ୍ଧୀୟ ଆଧ୍ୟାତ୍ମିକବାଣୀ ଶ୍ରବଣ କରାଇଥିଲେ । ଭକ୍ତି ଭାବ ଓ ଆଧ୍ୟାତ୍ମିକ ଚେତନା ବଳରେ ମଣିଷ ଭଗବାନଙ୍କର ନିକଟତର ହୋଇଥାଏ ବୋଲି ସେ କହିଥିଲେ । ଆଖପାଖ ଅଞ୍ଚଳରୁ ଶତାଧିକ ଭଗବତପ୍ରେମୀ ଏହି ଆଧ୍ୟାତ୍ମିକ ସଭାରେ ଯୋଗ ଦେଇ ପ୍ରବଚନ ଶୁଣିଥିଲେ ।

# ନୂଆ ଭତ୍ତା ବୃଦ୍ଧି ଘୋଷଣା : ୨୨୪୬ ନୂଆହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନା

ଜଳେଶ୍ୱର , ୧୨/୨ (ନି.ପ୍ର): ଯୋଗ୍ୟ ହିତାଧିକାରୀ ମାନଙ୍କୁ ପୂର୍ବରୁ ୫ଶହ ୭ଶହ ଭତ୍ତା ପ୍ରଦାନ କରାଯାଉଥିବା ବେଳେ ଏବେ ଆଉ ୨୨୪୬ଜଣ ଯୋଗ୍ୟ ହିତାଧିକାରୀଙ୍କୁ ମଧୁବାବୁ ପେନ୍‌ସନ ଯୋଜନା ଦିଆଯିବା ସଂପର୍କରେ ଘୋଷଣା କରାଯାଇଛି । ବରିଷ୍ଠ ନାଗରିକ, ବିଧବା, ଭିନ୍ନକ୍ଷମ, ଅବିବାହିତ ମହିଳା, ସୁସ୍ଥ କୋଷ୍ଠରୋଗୀ, ଚିହ୍ନଟ ଏଡସ୍‌ରୋଗୀ, ଛାଡପତ୍ର ମହିଳା, କିନ୍ନର, କୋଭିଡ୍ ଆକ୍ରାନ୍ତ ବିଧବା, ଅନାଥ ବ୍ୟକ୍ତିଙ୍କୁ ସାମିଲ କରାଯାଇଛି । ଜଳେଶ୍ୱର ବ୍ଲକର ପୂର୍ବରୁ ୧୫୩୨୧ ହିତାଧିକାରୀଙ୍କୁ ମଧୁବାବୁ ପେନ୍‌ସନ ଯୋଜନାରେ ଭତ୍ତା ପାଉଥିବା ବେଳେ ଏଣିକି ଅଧିକ ୨୨୪୬ଜଣ ନୂଆ ହିତାଧିକାରୀ ସାମିଲ ହୋଇଥିବା ଜଣାଯାଇଛି । କିନ୍ତୁ ୫ଶହ ଟଙ୍କା ପାଉଥିବା ଭତ୍ତାଧାରୀ ଏଣିକି ୧ହଜାର ଟଙ୍କା ପାଇବାକୁ ସ୍ଥିର କରାଯାଇଛି । ପୁରୁଣା ଓ ନୂଆ ସମସ୍ତ ହିତାଧିକାରୀ ଚଳିତ ଫେବୃଆରୀ ମାସରେ ଏହି ବର୍ଦ୍ଧିତ ଭତ୍ତା ପାଇବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ୨୬ ପ୍ରସ୍ତାବକୁ କ୍ୟାବିନେଟ...

ପରିବାରକୁ ଦୈନନ୍ଦିନ ଜୀବନରେ ବ୍ୟବହୃତ ହେଉଥିବା ସାମଗ୍ରୀକୁ ନେବାଆଣିବା, ବଜାରରେ ଦରଦାମ ବୃଦ୍ଧି ସମୟରେ ଅତ୍ୟାବଶ୍ୟକୀୟ ସାମଗ୍ରୀ କ୍ରୟ କରିବାରେ ସାହାଯ୍ୟ କରିବ। ୯୫.୯୦ଲକ୍ଷ ହିତାଧିକାରୀ ପରିବାରଙ୍କ ପାଇଁ ବଂଟନ ହେବାକୁ ଥିବା ମୋଟ ୧କୋଟି ୯୧ଲକ୍ଷ ୮୧ହଜାର ୫୨ଟି ଝୋଟ ତିଆରି ବ୍ୟାଗର ଖର୍ଚ୍ଚ ବାବଦକୁ ୨୭୮.୬୯କୋଟି ଟଙ୍କା ଓ ହଜାରେ ଟଙ୍କା ସହାୟତା ରାଶି ପ୍ରଦାନ କରିବା ଖର୍ଚ୍ଚବାବଦକୁ ୯୫୯.୦୫କୋଟି ଟଙ୍କା ଏଭଳି ମୋଟ ୧୨୩୭.୭୪କୋଟି ଟଙ୍କା ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ବହନ କରିବେ ବୋଲି ସୂଚନା ଦିଆଯାଇଛି।

## ଭାରତର ବିରାଟ କୂଟନୈତିକ ବିଜୟ...

ସ୍ୱାଗତ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଆଠ ଜଣଙ୍କ ମଧ୍ୟରୁ ସାତ ଜଣ ଭାରତ ଫେରିଛନ୍ତି । କତାର ରାଜା ଆମୀରଙ୍କ ନିଷ୍ପତ୍ତିକୁ ଆମେ ପ୍ରଶଂସା କରୁଛୁ । ଗତ ବର୍ଷ ଡିସେମ୍ବରରେ ଅଲ ଡାହରା ଗ୍ଲୋବାଲ ମାମଲାରେ ଗିରଫ ହୋଇଥିବା ଆଠ ଜଣ ଭାରତୀୟ ନାବିକଙ୍କ ମୃତ୍ୟୁ ଦଣ୍ଡକୁ କତାର କୋର୍ଟ ଖାରଜ କରିଦେଇଥିଲେ । ମୃତ୍ୟୁଦଣ୍ଡକୁ ଜେଲଦଣ୍ଡକୁ ହ୍ରାସ କରାଯାଇଥିଲା । ଏହି ଘଟଣା ସେତେବେଳେ ଘଟିଥିଲା ଯେତେବେଳେ କତାର କୋର୍ଟ ପୂର୍ବ ନୌସେନା କର୍ମଚାରୀମାନଙ୍କୁ ଦିଆଯାଇଥିବା ମୃତ୍ୟୁଦଣ୍ଡ ବିରୋଧରେ ଭାରତ ସରକାର ଦେଇଥିବା ଆବେଦନକୁ ଗ୍ରହଣ କରିଥିଲେ । କତାରରେ ବନ୍ଦୀ ହୋଇଥିବା ଭାରତୀୟ ନୌସେନା ଅଧିକାରୀମାନେ ହେଉଛନ୍ତି କ୍ୟାପଟେନ ନବତେଜ ସିଂ ଗିଲ, କ୍ୟାପଟେନ ବିରେନ୍ଦ୍ର କୁମାର ବର୍ମା, କ୍ୟାପଟେନ ସୌରଭ ବୈଷ୍ଣବ, କମାଣ୍ଡର ଅମିତ ନାଗପାଲ, କମାଣ୍ଡର ପୂର୍ଣ୍ଣେନ୍ଦ୍ର ତିୱାରୀ, କମାଣ୍ଡର ସୁଗୁନାକର ପାକାଲା, କମାଣ୍ଡର ସଞ୍ଜୀବ ଗୁପ୍ତା ଏବଂ ନାବିକ ରାଗେଶ ।

## ଆନ୍ଦୋଳନ ପୂର୍ବରୁ ...

୧୩ ଫେବ୍ରୁଆରୀରେ ପଞ୍ଜାବର ଚାଷୀ ୧୦ ହଜାରରୁ ଅଧିକ ଟ୍ରାକ୍ଟର, ଟ୍ରକ୍ ଧରି ହରିୟାଣା ଦେଇ ଦିଲ୍ଲୀରେ ପ୍ରବେଶ ହେବେ । ସେଥିପାଇଁ ସମ୍ଭୁ, ଡବୱାଲି ଏବଂ ଖନୌରୀ ସୀମାକୁ ବଛାଯାଇଛି । ଏହି ସବୁ ସୀମା ଉପରେ ହରିୟାଣା ପୋଲିସ କଡା ନଜର ରଖିଛି । ପୂର୍ବରୁ କୃଷି ଆଇନ୍ ବିରୋଧରେ ଦିଲ୍ଲୀ ସୀମାନେ ମାସ ମାସ ଧରି ଧାରଣାରେ ବସିଥିଲେ ଚାଷୀ । ଏବେ ବି ଚାଷୀ ନିଜର କିଛି ପ୍ରମୁଖ ଦାବିକୁ ନେଇ ଦିଲ୍ଲୀ ଚାଲ ଡାକରା ଦେଇଛନ୍ତି । ଚାଷୀଙ୍କ କହିବା କଥା ସେମାନେ ଶାନ୍ତିପୂର୍ଣ୍ଣ ଭାବେ କେନ୍ଦ୍ର ସରକାରଙ୍କୁ ନିଜର ସମସ୍ୟା ଜଣାଇବାକୁ ଚାହୁଁଛନ୍ତି । ସେପଟେ ବିଜେପି କହିଛି କୃଷକ ଆନ୍ଦୋଳନ ପଛରେ କଂଗ୍ରେସର ହାତ ରହିଛି । କୃଷକଙ୍କୁ ଆନ୍ଦୋଳନ ପାଇଁ ଉତ୍ତେଜିତ କରାଯାଉଥିବା ବିଜେପି କହିଛି । ତେବେ ଦିଲ୍ଲୀ ପୋଲିସ ପ୍ରଶାସନର ୧୪୪ ଧାରା ଲାଗୁ କରିବା ଏବଂ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ପରେ ଚାଷୀଙ୍କ ଆନ୍ଦୋଳନ ସମ୍ଭବ ହୋଇ ପାରୁଛି କି ନାହିଁ, ତାହା ଦେଖିବାକୁ ବାକି ରହିଲା ।

## ମୋହର ମାରିଲା...

ଉପରେ ବିସ୍ତୃତ ଗଣନା କରି ଏପ୍ରିଲ ୧୪ରେ ହିଁ ପଣା ସଂକ୍ରାନ୍ତି ପାଳନ ହେବ ବୋଲି ସ୍ପଷ୍ଟ କରିଛନ୍ତି। ତା'ସହ ଚଳିତବର୍ଷ ଠାକୁରଙ୍କ ୧୩ ଦିନିଆ ଅଣସର ସହ ପଞ୍ଜୁକ ୫ଦିନ ବଦଳରେ ୪ ଦିନ ମଧ ପଡୁଛି। ଏଥିଯୋଗୁ ଆସନ୍ତା କାର୍ତ୍ତିକ ପଞ୍ଚୁକରେ ଲକ୍ଷ୍ମୀ ନୃସିଂହ ବେଶ ହେବ ନାହିଁ ବୋଲି ଦଇତାପତି ସେବକ କହିଛନ୍ତି। ଏହାବାଦ ଜୁଲାଇ ୭ରେ ଶ୍ରୀଗୁଣ୍ଡିଚା, ନେତ୍ରୋତ୍ସବ, ନବଯୌବନ ବେଶ ବୋଲି ମୁକ୍ତି ମଣ୍ଡପ ପଣ୍ଡିତ ସଭା ବୈଠକରେ ସ୍ପଷ୍ଟ ହୋଇଛି।

## ମେଡିକାଲ କଲେଜରୁ ଆସିଲା...

ଏମବିବିଏସ ୪ର୍ଥ ବର୍ଷରେ ପଢୁଥିବା ୨ ଜଣ ସିନିୟର ଛାତ୍ର ତାଙ୍କୁ ମାଡ ମାରିଥିଲେ। ଏଥିରେ ସମ୍ପୃକ୍ତ ଛାତ୍ରଙ୍କ ବେକ ଓ ଆଖିରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଛାତ୍ରଙ୍କ ବାପା ଟୁଇଟ୍ ଯୋଗେ ଏମକେସିଜି କର୍ତ୍ତୃପକ୍ଷ, ବ୍ରହ୍ମପୁର ଏସପି ଓ ଗଞ୍ଜାମ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଆଣ୍ଟି ରାଗିଂ ସେଲ୍ ତଦନ୍ତ କରୁଥିବା ଏମକେସିଜି ପ୍ରିନ୍ସିପାଲ୍ କହିଛନ୍ତି। ଛାତ୍ରଜଣକ ସିନିୟରଙ୍କ ଦ୍ୱାରା ଆକ୍ରମଣର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ଏହାର ତଦନ୍ତ ଚାଲିଛି। ସତ ସାମନାକୁ ଆସିଲେ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏମକେସିଜି ପ୍ରିନସିପାଲ୍ କହିଛନ୍ତି। ରାଗିଂର ଶିକାର ହୋଇ ଅକାଳରେ ବହୁ ଛାତ୍ରଛାତ୍ରୀଙ୍କ ଜୀବନ ଚାଲି ଯାଉଥିବା ବେଳେ ଏହାକୁ ରୋକିବାକୁ ଖୁବ୍ ତତ୍ପରତା ପ୍ରକାଶ କରିଛନ୍ତି ରାଜ୍ୟ ସରକାର। ଏହାସତ୍ତ୍ୱେ ଏମକେସିଜି ପରି ଆଗ ଧାଡ଼ିର ମେଡିକାଲ କଲେଜରୁ ଏପରି ଅଭିଯୋଗ ଆସିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

## ଦେବାଶିଷ ଓ ଶୁଭାଶିଷ ....

ଦୁଇ ନାଁ ରାଜ୍ୟସଭା ପ୍ରାର୍ଥୀ ରେସ୍‌ରେ ନ ଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହି ଘୋଷଣା ରାଜନୈତିକ ବିଶେଷଜ୍ଞଙ୍କୁ ଚକିତ କରିଛି। ତେବେ ଆଉ ଗୋଟିଏ ଆସନରେ ଦଳ ପ୍ରାର୍ଥୀ ଘୋଷଣା କରିନି। ଫେବୃଆରୀ ୨ ତାରିଖରୁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ନାମାଙ୍କନ ଶେଷ ତାରିଖ ରହିଛି ଫେବ୍ରୁଆରୀ ୧୫ ତାରିଖ । ୧୬ ତାରିଖରେ ନାମାଙ୍କନ ପତ୍ର ଯାଞ୍ଚ ଏବଂ ୨୦ ତାରିଖରେ ନାମାଙ୍କନ ପ୍ରତ୍ୟାହାର ଶେଷ ତାରିଖ ରହିଛି । ଯଦି ପ୍ରତିଦ୍ୱନ୍ଦ୍ୱିତା ହୁଏ ତାହେଲେ ଫେବ୍ରୁଆରୀ ୨୭ ତାରିଖ ସକାଳ ୯ଟାରୁ ଅପରାହ୍ନ ୪ଟା ଭିତରେ ମତଦାନ ହେବ । ସେହିଦିନ ସଂଧ୍ୟା ୫ଟା ରେ ରେଜଲ୍ଟ ପ୍ରକାଶ ପାଇବ ।

# ବାସୁଦେବପୁର ମହୋତ୍ସବ ମହାଆଡ଼ମ୍ବରରେ ଉଦ୍‌ଯାପିତ

ବାସୁଦେବପୁର, ୧୨/୨ (ନି.ପ୍ର): ବାସୁଦେବପୁର ବାଲି ନଗର ଯାଦବ ପଡ଼ିଆରେ ଅନୁଷ୍ଠିତ ହୋଇଥିବା ବାସୁଦେବପୁର ମହୋତ୍ସବ ଇତି ମଧ୍ୟରେ ଉଦଯାପିତ ହୋଇଯାଇଛି। ମହୋତ୍ସବର ତୃତୀୟ ଦିବସରେ ଅତିଥି ଭାବେ ଯୋଗଦେଇ ଥିଲେ ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ, ଭଦ୍ରକ ଜିଲ୍ଲା ପାଳ ସିଦ୍ଧେଶ୍ୱର ବଳି ରାମ ବନ୍ଦୋର୍, ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଡପାଲି, ଏସ ଡି ପି ଓ ସୌରଭ ଓତା, ବାସୁଦେବପୁର ଥାନା ଅଧିକାରୀ ଲୋପାମୁଦ୍ରା ନାୟକ । ସମସ୍ତ ଅତିଥି ଏହି ଆକର୍ଷଣୀୟ ମହୋତ୍ସବକୁ ପ୍ରଶଂସା କରିଥିଲେ । ପୌର ପାଳିକା ଅଧ୍ୟକ୍ଷା ନିବେଦିତା ବେହେରା ସଭାପତିତ୍ୱ କରିଥିଲେ । କାର୍ଯ୍ୟ ନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଧନ୍ୟବାଦ ଅର୍ପଣ କରିଥିଲେ । ସଭାପତି ଶୁଭେନ୍ଦୁ ଭୂଷଣ ବେହେରା ଓ ସମ୍ପାଦକ ଅସିତ୍ କୁମାର ଦାଶ ସଂକ୍ଷିପ୍ତ ବକ୍ତବ୍ୟ ରଖିଥିଲେ । ବିଭିନ୍ନ ବ୍ୟକ୍ତି ମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ନୃତ୍ୟ ସଙ୍ଗୀତ ପରିବେଷଣ ହୋଇଥିଲା । ମହୋତ୍ସବର ଉଦଯାପନ ଦିବସ ରେ ସଭାପତିତ୍ୱ କରିଥିଲେ ପୌର ଅଧ୍ୟକ୍ଷା ନିବେଦିତା ବେହେରା । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ମନ୍ତ୍ରୀ ସୁଦାମ ମାରାଣ୍ଡି । ମାନ୍ୟବର ମନ୍ତ୍ରୀ ଉତ୍ସବକୁ ଉଦଘାଟନ କରିଥିଲେ ଓ ତାଙ୍କର ବକ୍ତବ୍ୟରେ କହିଲେ ଏହି ସ୍ୱାଧୀନତା ସଂଗ୍ରାମର ପବିତ୍ର ମାଟି ବାସୁଦେବପୁର କୁ ମୁଁ ଭୁଲି ପାରିବି ନାହିଁ । ରକ୍ତତୀର୍ଥ ଇରମ ର ଗୁଳିକାଣ୍ଡ ଘଟଣା ଭାରତର ଇତିହାସ ସୃଷ୍ଟି କରିଛି । ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ବାସୁଦେବପୁର ମାନ୍ୟବର ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ଶିଳ୍ପପତି ଶୁଭେନ୍ଦୁ ଭୂଷଣ ବେହେରା, ପୌର ଉପାଧ୍ୟକ୍ଷ ଉତ୍ତମ ବାରିକ, ବିଧାୟକ ପ୍ରତିନିଧି ଅସିତ୍ କୁମାର ଦାଶ । କାର୍ଯ୍ୟ ନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାସ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ । ବିଶିଷ୍ଟ ସାହିତ୍ୟିକ ଓ ଗୀତିକାର ପୀତାମ୍ବର ମିଶ୍ର, ଏସ୍ ଡି ପି ଓ ସୌରଭ ଓତା, ବ୍ଲକ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ,ମେଧାବି ଛାତ୍ର ବିନମ୍ର ଶତପଥୀ ଓ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିତ୍ୱ ମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ବାସୁଦେବପୁର ପ୍ରେସ କ୍ଲବର ସାମ୍ବାଦିକ ବୈଲୋଚନ ସାହୁ, ଆମ ସାମ୍ବାଦିକ ସଂଘର ସାମ୍ବାଦିକ ରମାକାନ୍ତ ଡାଙ୍ଗୁଆ ଓ ବାସୁଦେବପୁର ସାମ୍ବାଦିକ ସଂଘର ସାମ୍ବାଦିକ ନାରାୟଣ ପ୍ରସାଦ ବାରିକ ଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ବାସୁଦେବପୁର ପୌର ପା ଳି କା ପକ୍ଷରୁ ଆୟୋଜିତ ହୋଇଥିବା ଏହି ଉତ୍ସବରେ ଉପସ୍ଥାପନା କରିଥିଲେ ଶୋଭନା । ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ ଓ ତାଙ୍କ ଧର୍ମ ପତ୍ନୀ ଋତୁପର୍ଣ୍ଣା ରାଉତରାୟ ବାସୁଦେବପୁର ମହୋତ୍ସବ ର ଐତିହ୍ୟ ସଂସ୍କୃତି ସମ୍ପନ୍ନ ସଙ୍ଗୀତ ପରିବେଷଣ କରିଥିଲେ । ସମସ୍ତ ହଜାର ହଜାର ଶ୍ରୋତା ଓ ଦର୍ଶକ ଏଥିରେ ମନ୍ତ୍ର ମୁଗ୍ଧ ହୋଇଥିଲେ । ବାସୁଦେବପୁର ମ୍ୟୁନିସିପାଲିଟିର ସମସ୍ତ କର୍ମଚାରୀ ଏହି ଉତ୍ସବରେ ସହଯୋଗ କରିଥିଲେ ଓ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ରଙ୍ଗୀ ରଙ୍ଗ ମେଲୋଡି କାର୍ଯ୍ୟ କ୍ରମ ଓ ନାଚ ଗୀତ ରେ ସମସ୍ତେ ଝୁମିଥିଲେ ।

# ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ବସ୍ତା , ୧୨/୨ (ନି.ପ୍ର): ବାଲେଶ୍ୱର ଜିଲା ର ପୋଡଶି ମୟୁରଭଞ୍ଜଜିଲା ଖୁଣ୍ଟି କମାର ଡିହା ଗ୍ରାମର ଓମ୍ ଭଲିବଲ ଟୁର୍ଣ୍ଣାମେଣ୍ଟ ରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପୋଲିସ ବିଭାଗର ଅଧିକାରୀ ରିରଞ୍ଜନ ବେହେରା ଫିତା କାଟି ଉଦଘାଟନ କରିଥିଲେ 'ଉକ୍ତ ଟୁର୍ଣ୍ଣାମେଣ୍ଟ ଦିଘ୍ର ଦଶ ବର୍ଷଧରି ଚାଲୁଅଛି ଚଳିତବର୍ଷ ମଧ୍ୟ ଆୟୋଜିତ ହୋଇଥିଲା । ଏହା ଦିବାରାତ୍ରି ଖେଳ ହୋଇଥିଲା ମୋଟଛଅଗୋଟି ଦଳ ଅଶଂଗ୍ରହଣ କରିଥିଲେ ଜାମୁକୁଣ୍ଡ୍‌ତା, ମାଣିକପୁର, ମାରାଥନବାଲେଶ୍ୱ, ମୁଣତୁଣିଆଁ, ବସ୍ତା, ମା କିଚେକଶ୍ୱରୀ ବାରିପଦା ତନ୍ମଧ୍ୟରୁ ମାଣିକପୁର ଚମ୍ପିୟନ ହୋଇ ପାଞ୍ଚହଜାର ଟଙ୍କା ସହିତ ଟ୍ରଫି ନେଇଥିବାବେଳେ ରନରର୍ସ ଜାମୁକୁଣ୍ଡ୍‌ତାଦଳ ତିନିହଜାର ଟଙ୍କା ସହିତଟ୍ରଫି ହାତେଇଥିଲେ ଖେଳକୁସୁଚାରୁପେ ପରିଚାଳନା କରିଥିଲେ ଓଡିଶା ଭଲିବଲ ଏସୋଶନ ରେଫ୍ରି ଧନଞ୍ଜୟ ତ୍ରିପାଠି, ମାନସ ରଞ୍ଜନ ମିଶ୍ର, ଚିରୁ ଚନ୍ଦ୍ର ନାୟକ,ରଞ୍ଜନ ସାହୁ,ଦେବାଶିଷଧର ମହା ମହାପାତ୍ର ଉକ୍ତଖେଳ କୁ ଗ୍ରାମର ଯୁବକ ମାନେ ସହଯୋଗ କରିଥିଲେ।

ନାମଲେଖା ଆରମ୍ଭ
Admissions Open
VSK
Estd.- 2003

## ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ବସ୍ତା, ବାଲେଶ୍ୱର

"ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଓ ଉତ୍କଳ ଶିକ୍ଷା ପରିଷଦ ଭୁବନେଶ୍ୱରରେ ଅନ୍ତର୍ଭୁକ୍ତ" ।

Recognised by Govt. of Odisha & affiliated to U.S.P. Bhubaneswar, Odisha

Govt. COR No. VSKBBB / 182 / 2022

ଭାରତୀୟ ସଂସ୍କୃତି ଓ ପରମ୍ପରା ଉପରେ ଆଧାରିତ ଆଦର୍ଶ ବିଦ୍ୟାଳୟରେ ଶିଶୁବାଟିକା ଠାରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୨୦୨୪-୨୫ ପାଇଁ **ନାମଲେଖା** ଆରମ୍ଭ ହୋଇଅଛି।

**ଆମେ ପ୍ରତିଶ୍ରୁତିବଦ୍ଧ :** – ଇଂରାଜୀ ବିଷୟ ଉପରେ ଅଧିକ ଧ୍ୟାନ ଦେବା ସହିତ ଓଡ଼ିଶା ସରକାରଙ୍କ ଉତ୍କଳ ଶିକ୍ଷା ପରିଷଦ, ଭୁବନେଶ୍ୱରଙ୍କ ପାଠ୍ୟଖସଡା ସହ ମାତୃଭାଷା ବୌଦ୍ଧିକ ଗୁରୁତ୍ୱ, ନୈତିକ ଶିକ୍ଷା, ଚିତ୍ରାଙ୍କନ, ସଂଗୀତ, ନୃତ୍ୟ, କମ୍ପ୍ୟୁଟର, ଯୋଗାସନ ଶିକ୍ଷାଦାନ ଅଭିଜ୍ଞ ଶିକ୍ଷୟିତ୍ରୀ/ଶିକ୍ଷକଙ୍କ ଦ୍ୱାରା ଦିଆଯାଏ। ସମସ୍ତ ପ୍ରକାର ବୃତି ପରୀକ୍ଷାରେ ଆମ ଅନୁଷ୍ଠାନ ପାରଦର୍ଶିତା ଲାଭ କରିଥାଏ। ସରକାରଙ୍କର **RTE Act 2009** ଅନୁଯାୟୀ ନିଶୁଳ୍କ **STD-1** ଶ୍ରେଣୀରେ **25%** ସଂରକ୍ଷିତ ସ୍ଥାନ ପରିଚାଳନା ସମିତିଙ୍କ ଦ୍ୱାରା ସ୍ଥିରୀକୃତ ହୋଇ ଆର୍ଥିକ ଅନଗ୍ରସର, ଜନଜାତି, ଅନୁସୂଚିତ ଜାତିର ପିଲାଙ୍କ ପାଇଁ ସଂରକ୍ଷିତ ରହିଛି। **RTE Paradarshi Web Portal** ରେ ଯାଇ ନାମ **Registration** କରିପାରିବେ।

## ବିବେକାନନ୍ଦ ଶିକ୍ଷା କେନ୍ଦ୍ର

ବାରମାଢ଼ିଆ, ବସ୍ତା, ବାଲେଶ୍ୱର

Mob.: 9937255990, 9938442084, 7205160144

# ସ୍ୱର୍ଗତ ଭଗବାନ ଚନ୍ଦ୍ର ପାଢ଼ୀଙ୍କର ଏକାଦଶାହ କ୍ରିୟା ଓ ସ୍ମୃତିଚାରଣ

ଭଦ୍ରକ , ୧୨/୨ (ନି.ପ୍ର): ଭଦ୍ରକ ଜିଲ୍ଲା ବାସୁଦେବପୁରସ୍ଥ, ବେତଡ଼ା, ମଖଲପୁର ଗ୍ରାମର ଜଣାଶୁଣା ଶିକ୍ଷାବିତ ତଥା ଅବସର ପ୍ରାପ୍ତ ଶିକ୍ଷକ "ସ୍ୱର୍ଗତ ଭଗବାନ ଚନ୍ଦ୍ର ପାଢ଼ୀଙ୍କର ୯୧ ବର୍ଷ ବୟସରେ ଦେହାନ୍ତ ହୋଇଥିବାରୁ ଏକ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ନିଜ ଗ୍ରାମ ମଖଲପୁରରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଗୟାଧର ମହାପାତ୍ରଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାକାର୍ଯ୍ୟରେ ବାସୁଦେବପୁ ନିର୍ବାଚନ ମଣ୍ଡଳୀର ବିଧାୟକ ମାନ୍ୟବର ବିଷ୍ଣୁବ୍ରତ ରାଉତରାୟ ଯୋଗଦାନ କରିବା ସଙ୍ଗେ ସଙ୍ଗେ ଦିବଂଗତଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଉକ୍ତ ସଭାରେ ସମ୍ମାନୀତ ଅତିଥି ଭାବରେ ପୂର୍ବତନ ଶିକ୍ଷକ ମହେଶ୍ୱର ପାଣିଗ୍ରାହୀ, ପୂର୍ବତନ ସରପଞ୍ଚ ଇଞ୍ଜିନିୟର ଭାଗିରଥି ମହାପାତ୍ର, ନାବାର୍ଡ଼ର ପୂର୍ବତନ ମୁଖ୍ୟ ଜେନେରାଲ ମ୍ୟାନେଜର ଅକ୍ଷୟ କୁମାର ପାଢ଼ୀ, ଡାକ୍ତର ନରେନ୍ଦ୍ର ପ୍ରସାର ସାହୁ କ୍ୱାଇଁ ଯିଏକି ଅବସର ଗ୍ରହଣ କରିଥିବା ଶିକ୍ଷକ ରମାକାନ୍ତ ପଣ୍ଡା ଓ ମହେଶ୍ୱର ଦାସ ଯୋଗଦାନ କରିଥିଲେ। ସେହି ପରିବାରର ଜଣେ ପୁତ ଡ. ଶୈଳେନ୍ଦ୍ର ନାରାୟଣ ପାଢ଼ୀ ଅତିଥି ପରିଚୟ ସହିତ ସଂଯୋଜନା ଓ ତାଙ୍କ ବିଷୟରେ ଲେଖାପାଠ କରିଥିଲେ। ମୁଖ୍ୟ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜ୍ୱଳନ କରାହେବା ସଙ୍ଗେ ସାଇ ବିସ୍ମୟ, କୌସ୍ତୁଭ, ସାନୁ ଶୁନୁମା, ଓମ, ନିକି ଓ ଭୁବନେଶ ପିଲାମାନେ ବେଦପାଠ କରିଥିଲେ। କାର୍ଯ୍ୟକ୍ରମ ଅନୁଯାୟୀ ସାଇ ବିସ୍ମୟ ପ୍ରାରମ୍ଭିକ ସଂଗୀତ ବୋଲିବା ସଙ୍ଗେ ସଙ୍ଗେ ତାଙ୍କର ନାତି "ବବୁଲ" ତବଲା ବାଦନ କରିଥିଲେ। ଅତିଥିମାନେ ୰ ଭଗବାନ ଜଣେ ସୁଶିକ୍ଷକ, ସାହିତ୍ୟିକ, କଳାପ୍ରେମୀ, ସୁଗୃହୀ, ମିଷ୍ଟଭାଷୀ ଓ ସମାଜସେବୀ ଥିଲେ ବୋଲି ମତ ରଖିଥିଲେ।

# ନିହାର ରଞ୍ଜନ ମହାନନ୍ଦ କଂଗ୍ରେସରୁ ନିଲମ୍ବିତ

ଭୁବନେଶ୍ୱର, ୧୨/୨ (ନି.ପ୍ର): ଦଳବିରୋଧି କାର୍ଯ୍ୟପାଇଁ ବରଗଡ଼ ଜିଲ୍ଲାର ପୂର୍ବତନ ଜିଲ୍ଲା କଂଗ୍ରେସ କମିଟି ସଭାପତି ଓ ପୂର୍ବତନ ବିଧାୟକ ନିହାର ରଞ୍ଜନ ମହାନନ୍ଦଙ୍କୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ କଂଗ୍ରେସ ଦଳରୁ ନିଲମ୍ବନ କରିଛନ୍ତି ବୋଲି ପ୍ରଦେଶ କଂଗ୍ରେସ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କମିଟି ଅଧ୍ୟକ୍ଷ ସନ୍ତୋଷ ସିଂ ସାଲୁଜା ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

# ଜାହାଜ ଏମଭି ଦେବୀରୁ କୋକେନ୍ ଜବତ ଘଟଣା

## ଜାହାଜ ରିଲିଜ ପାଇଁ ୧୧୦ କୋଟିର ସର୍ତ୍ତ ରଖିଛନ୍ତି କୁଜଙ୍ଗ କୋର୍ଟ

ପାରାଦ୍ୱୀପ, ୧୨/୨ (ନି.ପ୍ର): ଜାହାଜ ଏମଭି ଦେବୀ ରୁ ୨୨୦ କୋଟି ଟଙ୍କାର କୋକେନ ଜବତ ଘଟଣା ରେ ଅଟକ ଥିବା ଜାହାଜ ରିଲିଜ ପାଇଁ ୧୧୦ କୋଟିର ସର୍ତ୍ତ ରଖିଛନ୍ତି କୁଜଙ୍ଗ ଏନଡିପିଏସ କୋର୍ଟ। ଏଥିରେ ୧୦୦ କୋଟିର ବଣ୍ଡ ଓ ୧୦ କୋଟିର ବ୍ୟାଙ୍କ ଗ୍ୟାରେଣ୍ଟି ର ସର୍ତ୍ତ ରଖିଛନ୍ତି ମାନ୍ୟବର କୋର୍ଟ । ନଭେମ୍ବର ୩୦ ତାରିଖରେ ପାରାଦ୍ୱୀପ ବନ୍ଦର ର ପିଆଇସିଟି ବର୍ଥ ରେ ଲାଗିଥିବା ଜାହାଜ ଏମଭି ଦେବୀ ଜାହାଜରୁ ୨୦ ଟି ପ୍ୟାକେଟ କୋକେନ ଜବତ କରିଥିଲା ଓଡିଶା ପୋଲିସ। ଏହାର ତଦନ୍ତ ଦାୟିତ୍ୱ କଷ୍ଟମ୍ସ ବିଭାଗ କୁ ହସ୍ତାନ୍ତର କରିଥିଲା ଓଡିଶା ପୋଲିସ। ଦିର୍ଘ ୧୦୫ ଦିନ ହେଲା ଜାହାଜ ର ସମସ୍ତ ୨୧ ଜଣ ସଦସ୍ୟ ଙ୍କ ସମେତ ଜାହାଜ ଏମଭି ଦେବୀ ପାରାଦ୍ୱୀପ ବନ୍ଦର ଆଙ୍କରେଜ ରେ ଅଟକ ରହିଛି। ଜାହାଜ ର ମାଲିକଙ୍କ ପକ୍ଷରୁ ଜାହାଜ କୁ ରିଲିଜ କରିବା ପାଇଁ କୁଜଙ୍ଗ ର ଏନଡିପିଏସ କୋର୍ଟ ରେ ଅପିଲ କରାଯାଇଥିଲା। ଆଜି ମାନ୍ୟବର କୋର୍ଟ ଜାହାଜ ରିଲିଜ ପାଇଁ ୧୧୦ କୋଟି ଟଙ୍କାର ସର୍ତ୍ତ ରଖିଛନ୍ତି। ଜାହାଜ ଏଜେନ୍ସୀ ପକ୍ଷରୁ ଉକ୍ତ ସର୍ତ୍ତ ପୂରଣ କରିବା ପରେ ଜାହାଜ ରିଲିଜ୍ ହେବ। ଉକ୍ତ ଜାହାଜ ଟି ଭିଏତନାମ ର ହୋଇଥିବା ବେଳେ ଇଣ୍ଡୋନେସିଆ ରୁ ପାରାଦ୍ୱୀପ ବନ୍ଦର କୁ ଆସିଥିଲା ଷ୍ଟିଲ ପ୍ଲେଟ ନେବାପାଇଁ।

# ୮ ଦଫା ଦାବିରେ ୫କୁଷ୍ଠ କଲୋନୀ ଅନ୍ତେବାସୀଙ୍କ ବିକ୍ଷୋଭ

ଖୋର୍ଦ୍ଧା, ୧୨/୨ (ନି.ପ୍ର): ୫ଟି କୁଷ୍ଠାଶ୍ରମର (କୁଷ୍ଠ କଲୋନୀ) ଅନ୍ତେବାସୀମାନଙ୍କର ଦୀର୍ଘଦିନର ୮ ଦଫା ଦାବୀ ପୂରଣ ଦାବିରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଦାବି ପୂରଣ କରାନଗଲେ ସେମାନେ ଆସନ୍ତା ନିର୍ବାଚନକୁ ବର୍ଜନ କରିବେ ବୋଲି ଏ ସମ୍ପର୍କରେ ଜିଲ୍ଲାପାଳଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି । ପ୍ରକାଶଯୋଗ୍ୟ, ଜିଲ୍ଲାରେ ଥିବା ୫ଟି କୁଷ୍ଠ କଲୋନୀ ଯଥା- ଶାନ୍ତିଦାନ, ବାପୁଜୀ, ଧରାବତୀ, ଯାଆଁଳା ଏବଂ ଭାଗବତ ରେ ବସବାସ କରୁଥିବା ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ ବ୍ୟକ୍ତି ସେମାନଙ୍କର ମୌଳିକ ଦାବୀ ଉପସ୍ଥାପନ କରିଛନ୍ତି । ଦାବୀଗୁଡିକ ମଧ୍ୟରେ ଏହି ଅନ୍ତେବାସୀମାନଙ୍କୁ ଓ କୁଷ୍ଠ ପୀଡିତମାନଙ୍କୁ ସ୍ଥାୟୀ ଜମି ପଟା ପ୍ରଦାନ କରାଯିବା, କଲୋନୀରେ ପ୍ଲାନିଂ ଏବଂ କିସମ ପରିର୍ତନ, ପଂଚାୟତରାଜ ଏବଂ ଅର୍ବାନ ହାଉସିଂ ଡେଭଲମେଟଂ ବିଭାଗଦ୍ୱାରା ମାଗଣା ଘର, ପାନୀୟ ଜଳ ଓ ବିଜୁଳି, ଅର୍ନ୍ତୋଦ୍ୟ ଏବଂ ରାଜ୍ୟ ଖାଦ୍ୟସୁରକ୍ଷା ଯୋଜନାରେ ପ୍ରତ୍ୟେକ ପରିବାରକୁ ୩୫କେଜି ଚାଉଳ ପ୍ରଦାନ କରାଯିବା, ଏହି କଲୋନୀମାନଙ୍କ ପାଇଁ ଭାରତ ସରକାରଙ୍କ ଦ୍ୱାରା ମଞ୍ଜୁର ପ୍ରାପ୍ତ କୁଷ୍ଠ କର୍ମୀ ଏବଂ ଡ୍ରେସର ପଦବୀ ନିଯୁକ୍ତି କରାଯିବା, କୁଷ୍ଠ ପୀଡିତାଙ୍କ ଚଳିବା ପାଇଁ ମାସିକ ସହାୟତା ରାଶି ୫ ହଜାର ଟଙ୍କା ପ୍ରଦାନ କରି ଭିକ୍ଷା ବୃତି ବନ୍ଦ କରାଯିବା, ଝିଅ ବିଭାଘର ପାଇଁ ସମସ୍ତ ଖର୍ଚ୍ଚ ସହାୟତା ରାଶି ୫ଲକ୍ଷକୁ ବୃଦ୍ଧି କରିବା, ସୁପ୍ରିମ କୋର୍ଟଙ୍କ ଆଦେଶ ଅନୁସାରେ ପ୍ରତ୍ୟେକଙ୍କୁ ୪୦ପ୍ରତିଶତ ବିକଳାଙ୍ଗ ପ୍ରମାଣପତ୍ର ଆରଏଫଟି ଏବଂ କୁଷ୍ଠମୁକ୍ତ ପ୍ରମାଣପତ୍ର ଦେବା, ପେନସନ ଘରେ ପହଁଚାଇବା, ମାଗଣା ଶିକ୍ଷା, ନିଯୁକ୍ତି, ଆତ୍ମନିର୍ଭରଶୀଳ, ତାଲିମ, କଲୋନୀ ପିଲାମାନଙ୍କୁ ପ୍ରଥମରୁ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ଆବାସିକ ଶିକ୍ଷା ବିନା ସୁଧରେ ପ୍ରତ୍ୟେକ ପରିବାରକୁ ବ୍ୟବସାୟ ପାଇଁ ୫ଲକ୍ଷ ଟଙ୍କା ଋଣ ବ୍ୟବସ୍ଥା କରାଯିବା ପ୍ରମୁଖ ଦାବୀ ରହିଛି । କଲୋନୀବାସୀଙ୍କ ଅଭିଯୋଗ ମୁତାବକ ବାରମ୍ବାର ଅଭିଯୋଗ କରାଯିବା ପରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ । ବାରମ୍ବାର ପ୍ରତିଶୃତି ଦିଆଯାଉଛି । ସରକାରଙ୍କ ତରଫରୁ ଏସଏସଇପିଡି ମାଧ୍ୟମରେ ଏକ ଚିଠି ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ସେଥିରେ ସେମାନଙ୍କ ଘର ମରାମତି କରିବା, ପାନୀୟ ଜଳ ସୁବିଧା କରିବା, କଲୋନୀ ମଧ୍ୟରେ ଥିବା ରାସ୍ତା, କଲୋନୀ ଶୌଚାଳୟ , ବୈଦ୍ୟୁତିକ ଉପକରଣ ମରାମତି କରିବା, ଇତ୍ୟାଦି କାର୍ଯ୍ୟ କରିବା ପାଇଁ ନିଦ୍ଦେ୍ରଶ ରହିଛି । ତେଣୁ ଯଦି ମାସେ ଭିତରେ ଏମାନଙ୍କ ଦାବୀ ପୂରଣ କରାନ ଯାଏ ତେବେ ଆସନ୍ତା ନିର୍ବାଚନରେ ସେମାନେ ଭୋଟ କୁ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି । ଏ ସମ୍ପର୍କରେ ଆଜି ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ବାଲିଆପାଳରେ ନବୀନ ଓଡିଶାର ବିକାଶ ସଂକଳ୍ପ ଯାତ୍ରା

ବାଲିଆପାଳ ୧୨/୦୨(ନି ପ୍ର): ବସ୍ତା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲିଆପାଳ ବ୍ଲକର ଜଗତିପୁର ପଞ୍ଚାୟତରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନ୍ତର୍ଗତ ବସ୍ତା-ବାଲିଆପାଳ ବିକାଶ ସଙ୍କଳ୍ପ ଯାତ୍ରାର ଶୁଭାରମ୍ଭ ହୋଇଯାଇଛି । ଏହି ଅବସରରେ ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ସୁବାସିନୀ ଜେନାଙ୍କ ତତ୍ତ୍ୱାବଧାନରେ ବିଜୁ ଜନତା ଦଳର ବରିଷ୍ଠ ନେତା ମାନେ ତୃଣମୂଳସ୍ତରରେ ଲୋକଙ୍କ ପାଖକୁ ଯାଇ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମସ୍ତ ଲୋକାଭିମୁଖୀ ଓ ଜନମଙ୍ଗଳକାରୀ ଯୋଜନା ସମ୍ପର୍କରେ ବୁଝାଇଥିଲେ । ସୁବାସିନୀ ଜେନା କହିଥିଲେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ସବୁବେଳେ ସାଢେ ଚାରିକୋଟି ଓଡିଆଙ୍କ କଥା ବୁଝିଛନ୍ତି ଏବଂ ଓଡିଶାର ବିକାଶଧାରାକୁ ଆଗେଇ ନେଇଛନ୍ତି, ଯାହାର ଫଳସ୍ୱରୁପ ଓଡ଼ିଶା ପ୍ରଗତିପଥରେ ଆଗେଇଚାଲିଛି । ନିଜ ଅଞ୍ଚଳକୁ ପ୍ରଗତି ପଥରେ ଆଗେଇ ନେବା ପାଇଁ ଆମେ ସମସ୍ତେ ମିଳିମିଶି କାମ କରିବାକୁ ସେ ଆହ୍ୱାନ ଦେଇଥିଲେ। ଜଗତିପୁର ମହାଦେବ ମନ୍ଦିର ଠାରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ମେଣ୍ଢାପଡା, ଅଣଦେଉଳା ଓ ଗୋଟାମୂଳି, ଅଦଭୁତିଆ ମାର୍କେଟ, ଭିକାଗଡିଆ, ରାଣୀଖୁଡି, ବ୍ରାହ୍ମଣ ବାଇଶିଡା, ପାଇକ ବାଇଶିଡା, ହରନବାବିପାଟଣା, କରଞ୍ଜ ଠାରେ ସମାପ୍ତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ବସ୍ତା ନିର୍ବାଚନ ମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ରଞ୍ଜିତ ମହାପାତ୍ର, ବାଲିଆପାଳ ବ୍ଲକ ବିଜେଡ଼ି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ଜିଲ୍ଲା ପରିଷଦ ସଦସ୍ୟ ସଦସ୍ୟା, ବ୍ଲକ ମହିଳା, ଯୁବ ଓ ଛାତ୍ର ବିଜେଡି ସଭାପତିଙ୍କ ସମେତ ନିର୍ବାଚନ ମଣ୍ଡଳୀ ଏବଂ ପଞ୍ଚାୟତ ସ୍ତରୀୟ ବହୁ ମହିଳା,ଯୁବ ଓ ଛାତ୍ର ନେତୃବୃନ୍ଦ ସାମିଲ ହୋଇଥିଲେ।

# ଆମ୍ବପୁଞ୍ଜା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ଜଳେଶ୍ୱର , ୧୨/୨ (ନି.ପ୍ର): ଆଜି ଅପରାହ୍ନରେ ଜଳେଶ୍ୱର ବ୍ଲକର ନାମ୍ପୋ ପଂଚାୟତର ଆମ୍ବପୁଞ୍ଜାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୭ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଶିକ୍ଷାବିତ୍ ତଥା ସମାଜସେବୀ ସୀତାକାନ୍ତ ଜେନା ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଡା. ଦେବବ୍ରତ ମିଶ୍ର ଓ ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚନ୍ଦ୍ରସେଖର ଚନ୍ଦ ଯୋଗ ଦେଇ ଦେଶରେ ଏକ ରାଷ୍ଟ୍ରୀୟ ଶିକ୍ଷା ପ୍ରଣାଳୀ ବ୍ୟବସ୍ଥା ଆବଶ୍ୟକ । ଫଳରେ ସଂସ୍କୃତି, ନିଷ୍ଠା, ରାଷ୍ଟ୍ରୀୟ ଭାବକୁ ଯୁବପିଢିଙ୍କ ହୃଦୟରେ ଉଦ୍ରେକ କରାଯାଇପାରିବ । ସାମାଜିକ, ସମାନତା, ନ୍ୟାୟ, ସତ୍ୟ, ଶାନ୍ତିର ବାର୍ତ୍ତାବହ ଯୋଇ ସୁସମୃଦ୍ଧ ରାଷ୍ଟ୍ର ଗଠନ ସମ୍ଭବ ହୋଇପାରିବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନାରାୟଣ ପ୍ରମାଣିକ, ସରପଂଚ ଲୋପାମୁଦ୍ର ରାଉଳ, ଅରୁଣ ରାଉଳ, ଅବନୀ ଚାନ୍ଦ ଓ ରବିନାରାୟଣ ପାତ୍ର ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । ପ୍ରତିଷ୍ଠାତା ସଂପାଦକ ପ୍ରଫୁଲ୍ଲ ଗିରି ଗୁରୁକୂଳର ଆବଶ୍ୟକତା ଓ ବାର୍ଷିକ ଉତ୍ସବ ଦ୍ୱାରା ଛାତ୍ରଛାତ୍ରୀଙ୍କ ଉପରେ ପ୍ରଭାବ ପଡିଥାଏ ବୋଲି କହିଥିଲେ । ଅନିତା ପରିଡା ମଂଚ ଆହ୍ୱାନ, ଜ୍ୟୋତ୍ସ୍ନା ସାହୁ ବାର୍ଷିକ ବିବରଣୀ, ମାଧୁରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ରଂଗା ରଂଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ବହୁ ଅଭିଭାବକ , ଅଭିଭାବିକା ଯୋଗ ଦେଇଥିଲେ ।

# କାଜୁ ଚାଷ ପ୍ରକଳ୍ପ ନାମରେ ହରି ଲୁଟ

ବେତନଟୀ, ୧୨/୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅଧୀନ ଖଡିଶୋଳ ପଂଚାୟତରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଦୁଇଟି ପ୍ରକଳ୍ପରେ ଯଥାକ୍ରମେ ୨ଲକ୍ଷ ୩୪ ହଜାର ଟଙ୍କା ଓ ଅନ୍ୟଟିରେ ୧ ଲକ୍ଷ ୭୫ ହଜାର ୫ ଶହ ଟଙ୍କା ପ୍ରକଳ୍ପରେ କର୍ମନିଯୁକ୍ତି ଯୋଜନାରେ ଦୁର୍ନୀତି ପଦାକୁ ଆସିଛି । ୨୦୨୩-୨୪ ଆର୍ଥିକ ବର୍ଷରେ ଗ୍ରାମରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରୁ ଗୋଟିଏ ପ୍ରକଳ୍ପ୨ ଲକ୍ଷ ୩୪ ହହାର ଟଙ୍କା ଅଟକଳ ବ୍ୟୟରେ ୧.୯ ହେକ୍ଟର ଜମିରେ ଓ ଅନ୍ୟ ପ୍ରକଳ୍ପଟିରେ ୧ ଲକ୍ଷ ୭୫ ହଜାର ୫ ଶହ ଟଙ୍କା ଅଟକଳ ବ୍ୟୟରେ ୩ ହେକ୍ଟର ଜମିରେ କାଜୁ ଚାରା ରୋପଣ କରାଯାଇଥିବା ସୂଚନା ଫଳକରେ ଦର୍ଶାଯାଇଥିବା ବେଳେ ଉକ୍ତ ସ୍ଥାନରେ କିଛି ମାତ୍ର କାଜୁ ଗଛ ଲଗାଯାଇଥିବା ଦେଖିବାକୁ ମିଳିଛି । ପରିତାପର ବିଷୟ ଯେଉଁ ସ୍ଥାନରେ କାଜୁ ଗଛ ଲଗାଯାଇଥିବା କୁହାଯାଉଛି ସେହି ସ୍ଥାନରେ ବ ମାନ ଅନାବନା ଗଛରେ ପରିପୂର୍ଣ୍ଣ ହୋଇ ପଡିରହିଛି । ସୂଚନା ମୁତାବକ ମୟୁରଭଞ୍ଜ ଜିଲ୍ଲା ଉଦ୍ୟାନ ବିଭାଗ ପକ୍ଷରୁ ୨୦୨୩-୨୪ ଆର୍ଥିକ ବର୍ଷରେ ଖଡିଶୋଳ ଠାରେ କାର୍ଯ୍ୟ ନମ୍ବର ୧୧୦୪୧୬୨୨ ରେ ଦାକ୍ଷିଣ ମୁର୍ମୁ ଓ ଦୁଇଜଣ ସାଥୀ ହିତାଧିକାରୀଙ୍କ ନାମ ରହିଛି । ଅନ୍ୟ ଏକ କାର୍ଯ୍ୟର କାର୍ଯ୍ୟ ନମ୍ବର ୧୧୦୪୧୬୮୫ ଟି ଉଦ୍ୟାନ କୃଷି ନିର୍ଦ୍ଦେଶକ କାର୍ଯ୍ୟାଳୟ ବାରିପଦା ନାମରେ ରହିଥିବା ବେଳେ ୨.୩୪ ହେକ୍ଟର ଓ ୩ ହେକ୍ଟର ଜମିରେ କାଜୁ ରୋପଣ ନିମନ୍ତେ ପ୍ରସ୍ତାବ କରାଯାୟୀ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୨ ଲକ୍ଷ ୩୪ ହଜାର ଓ ୧ ଲକ୍ଷ ୭୫ ହଜାର ୫ ଶହ ଟଙ୍କା ବ୍ୟୟ ଅଟକଳ ହୋଇଥିବା ସୂଚନା ଫଳକରେ ଲେଖା ରହିଛି । ମନରେଗାରୁ ଶ୍ରମିକ ମାନଙ୍କୁ ଦୈନିକ ୨୩୭ ଟଙ୍କା ମଜୁରୀ ପ୍ରଦାନ ନିମନ୍ତେ ଧାର୍ଯ୍ୟ ହୋଇଥିଲା । ସେହି ଅନୁସାରେ ଉକ୍ତ ଜମିରେ ସୂଚନା ଫଳକ ଲଗାଇ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ବର୍ତ୍ତମାନ ଏହି ଦୁଇଟି ପ୍ରକଳ୍ପର ବାସ୍ତବିକତା ସମ୍ପୂର୍ଣ୍ଣ ଭିନ୍ନ ରହିଛି । ଯେଉଁ ଉଦ୍ଦେଶ୍ୟ ରଖି ଅର୍ଥ ମଞ୍ଜୁର କରାଯାଇଥିଲା , ତାହା ସଫଳ ହୋଇନଥିବାବେଳେ କାଗଜ କଲମରେ କାର୍ଯ୍ୟ ଦର୍ଶାଇ ହରିଲୁଟ ହୋଇଥିବା ଜଣାଯାଇଛି । ଏହି ଦୁଇଟି ପ୍ରକଳ୍ପରେ ଟଙ୍କା ହଡପ ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜିଲ୍ଲା ଉଦ୍ୟାନ ବିଭାଗ ଅଧିକାରୀ ଟଙ୍କଧର କାଲୋ ଙ୍କୁ ପଚାରିବାରୁ ଏ ସମ୍ପର୍କରେ ବୁଝି ଜଣାଇବେ ବୋଲି କହିଛନ୍ତି ।

# ଆଜିଠୁ ସଚିବାଳୟ ସେବା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

ଭୁବନେଶ୍ୱର, ୧୨/୨ (ନି.ପ୍ର): ଆସନ୍ତାକାଲି (ମଙ୍ଗଳବାର) ଠାରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ସମ୍ପୂର୍ଣ କାର୍ଯ୍ୟବନ୍ଦକରି ପଂଚାୟତିରାଜ ବିଭାଗ ପଡିଆରେ ସମ୍ମିଳିତ ହୋଇ ଧାରଣାରେ ବସିବାପାଇଁ ନିଷ୍ପତି ନେଇଛି ଓଡ଼ିଶା ସଚିବାଳୟ ସେବା ସଂଘ। ସୋମବାର ଓଡ଼ିଶା ସଚିବାଳୟ ସେବା ସଂଘର ସାଧାରଣ ସଭ୍ୟ ମାନଙ୍କର ଏକ ଜରୁରୀ କାଳୀନ ସାଧାରଣ ବୈଠକ ଲୋକସେବା ଭବନର ପଂଚାୟତିରାଜ ବିଭାଗ ପଡିଆରେ ଅନୁଷ୍ଠିତ ହୋଇଥିଲା। ସଂଘର ସଦସ୍ୟ ମାନେ ଏକତ୍ରିତ ହୋଇ ସରକାରଙ୍କର ସଂଘର ଦାବିପ୍ରତି ଥିବା ବୈମାତୃକ ଭାବ ବିରୁଦ୍ଧରେ ସ୍ୱର ଉତୋଳନ କରିଥିଲେ । ସଂଘ ତରଫରୁ ଦୀର୍ଘ ଦିନ ହେବ ସରକାରଙ୍କୁ ଦିଆ ଯାଇଥିବା ନ୍ୟାଯ୍ୟ ଦାବି ଉପରେ ବାରମ୍ବାର ପ୍ରଶାସନିକ ଓ ରାଜନୈତିକ ସ୍ତରରେ ଆଲୋଚନା ସତ୍ୱେ ପ୍ରଶାସନର ଉଦାସୀନତା ହେତୁ କୌଣସି ସୁଫଳ ମିଳୁନାହିଁ । ପ୍ରଶାସନର ଏହି ଉଦାସୀନତା ମନୋଭାବକୁ ଆଉ ବରଦାସ୍ତ କରାଯିବ ନାହିଁ ବୋଲି ସଂଘର ସାଧାରଣ ସମ୍ପାଦକ ପ୍ରଯତ୍ନ ବରାଳ ସ୍ପଷ୍ଟୋକ୍ତି କରିଛନ୍ତି।

# ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କରୁ ଅବସରକାଳୀନ ପ୍ରାପ୍ୟ ପାଇ ନଥିବା କର୍ମଚାରୀଙ୍କର ପ୍ରତୀକ ଧାରଣା




ବାଲେଶ୍ୱର, ୧୨/୨ (ନି.ପ୍ର): ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀ ସଂଘର ବିଶେଷ ଅଧିବେଶନ ରାଜାବଗିଚା ସ୍ଥିତ ରାଧାକୃଷ୍ଣ ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ବୈଠକରେ ସଭାପତି ସାଥୀ ହରିଶ୍ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ସଂଘର ସାଧାରଣ ସମ୍ପାଦକ ସାଥୀ ବାଳକୃଷ୍ଣ ନନ୍ଦ, ଅବସରପ୍ରାପ୍ତ ୬୫ଜଣ କର୍ମଚାରୀଙ୍କର ଅବସରକାଳୀନ ପ୍ରାପ୍ୟ ବ୍ୟାଙ୍କ୍ ଦୀର୍ଘଦିନ ଧରି ଦେଉନଥିବା ବିଷୟ ଉପସ୍ଥାପନ କରିଥିଲେ। ଅବସରକାଳୀନ ପ୍ରାପ୍ୟ ଦେବାପାଇଁ ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କୁ ମାନ୍ୟବର ବିଧାୟକ ବାଲେଶ୍ୱର, ବସ୍ତା, ସୋର, ସିମୁଳିଆ, ରେମୁଣା, ଭଦ୍ରକ, ଚାନ୍ଦବାଲି, ବାସୁଦେବପୁର, ଧାମନଗର ଅନୁରୋଧ କରିଥିଲେ ମଧ ତା' ଉପରେ ବ୍ୟାଙ୍କ୍ କର୍ତ୍ତୃପକ୍ଷ ଆଜିପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ସେହିପରି ସମବାୟ ନିବନ୍ଧକ ଅବସରକାଳୀନ ପ୍ରାପ୍ୟ ଦେବାପାଇଁ ବାରମ୍ବାର ନିର୍ଦ୍ଦେଶ ଦେଉଥିଲେ ମଧ ବ୍ୟାଙ୍କ୍ କର୍ତ୍ତୃପକ୍ଷ ତାହାକୁ କାର୍ଯ୍ୟକାରୀ କରୁନାହାନ୍ତି। ଆଇନ୍‌ଗତ ଭାବରେ କର୍ମଚାରୀ ଅବସର ଏକମାସ ମଧ୍ୟରେ ବ୍ୟାଙ୍କ୍ କର୍ତ୍ତୃପକ୍ଷ ତାଙ୍କର ଅବସରକାଳୀନ ପ୍ରାପ୍ୟ ଦେବାପାଇଁ ଆଇନ୍‌ରେ ଲିପିବଦ୍ଧ ଥିଲେ ମଧ ଜାଣିଶୁଣି ବ୍ୟାଙ୍କ୍ କାର୍ଯ୍ୟକାରୀ କରୁନାହିଁ। ସଂଘ ବାରମ୍ବାର ଆଲୋଚନା କରି ପ୍ରତିଶ୍ରୁତି ପାଇବା ପରେ ମଧ ୬୫ଜଣ ଗରୀବ କର୍ମଚାରୀ ଯେଉଁମାନେ କି ୧୦୦୦ ରୁ ୨୦୦୦ ମଧ୍ୟରେ ପେନ୍‌ସନ୍ ପାଉଛନ୍ତି ସେମାନଙ୍କର ଅବସରକାଳୀନ ପ୍ରାପ୍ୟ ଦିଆଯାଉନାହିଁ। ଏ ବିଷୟରେ ସବିଶେଷ ଆଲୋଚନା କରାଯାଇ ବ୍ୟାଙ୍କ୍‌ର ଆସନ୍ତା ସାଧାରଣ ପରିଷଦ ବୈଠକ ଦିନ ୬୫ଜଣ ଅବସରକାଳୀନ କର୍ମଚାରୀ ଓ ତାଙ୍କର ପରିବାର ବର୍ଗ ଏକ ଦିନିକିଆ ଧାରଣା କରିବା ପାଇଁ ନିଷ୍ପତ୍ତି ନିଆଗଲା। ଏହାପରେ ମଧ ଯଦି ସେମାନଙ୍କ ଦାବି ପୂରଣ ନକରାଯାଏ, ସମଗ୍ର ବ୍ୟାଙ୍କ୍‌କୁ ଅଚଳ କରିଦିଆଯିବ। ଏହି ସଭାରେ ସାଥୀ ଜଳଧର ପଣ୍ଡା, ଅଜିତ୍ ହୋତା, ବିଷ୍ଣୁ ମହାନ୍ତି, ଏଓସିସିବିଇଏଫ ସାଧାରଣ ସଂପାଦକ ଏବଂ ରବୀନ୍ଦ୍ର ବେହେରା, ପୂର୍ବତନ ସଂଘ ସଭାପତି ଆଲୋଚନାରେ ଭାଗ ନେଇଥିଲେ।

# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଶିବିର ଅନୁଷ୍ଠିତ




ଭଦ୍ରକ , ୧୨/୨ (ନି.ପ୍ର): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଭଦ୍ରକଙ୍କ ତରଫରୁ ରାମ ନବମୀ ବେତଡ଼ା ପଞ୍ଚାୟତରେ ମୂଳଗାଁ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଅଛି। ଏହି ସଚେତନତା ଶିବିରରେ ନେହା ଅଗ୍ରୱାଲ, ସଚିବ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକ ନାରାୟଣ ପ୍ରସାଦ ବେହେରା, ଆଇନ୍ ଜୀବି, କାହ୍ନୁ ଚରଣ ବାରିକ, ରାଜୀବ କୁମାର ବାରିକ, କୈଳାସ ଚନ୍ଦ୍ର ବେହୁରିଆ, ସଞ୍ଜୟ କୁମାର ନାୟକ ପେନାଲ ଓକିଲ ପ୍ରମୁଖ ମାନ ଯୋଗଦେଇ କାର୍ଯ୍ୟକ୍ରମ ମାଧ୍ୟମରେ ସାଧାରଣ ଲୋକମାନଙ୍କୁ ସ୍ଥାୟୀତ ନିରନ୍ତର ଲୋକ ଅଦାଲତର କାର୍ଯ୍ୟ ତଥା ଏହାର ଗଠନ ଆଭିମୁଖ୍ୟ ଉପରେ ବିଷଦ ଭାବେ ଆଲୋଚନା କରିଥିଲେ। ସେଠାରେ ଉପସ୍ଥିତ ଥିବା ସାଧାରଣ ଲୋକଙ୍କ ଠାରୁ ମଧ କିଛି ଦରଖାସ୍ତ ନିଆଯାଇଛି ଯାହାକି ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର କାର୍ଯ୍ୟାଳୟ ମାଧ୍ୟମରେ ସେମାନଙ୍କର ସମସ୍ୟାର ସମାଧାନ ହୋଇ ପାରିବ।

# ରେମୁଣାରେ ଶକ୍ତି ସମ୍ବାଦ ଓ ସମ୍ପର୍କ ଅଭିଯାନ କର୍ମଶାଳା



ବାଲେଶ୍ୱର, ୧୨/୨ (ନି.ପ୍ର): ରୟାଲକ୍ୱିନ୍ କଲ୍ୟାଣ ମଣ୍ଡପରେ ରେମୁଣା ନିର୍ବାଚନ ମଣ୍ଡଳୀ ସ୍ତରୀୟ ଶକ୍ତି ସମ୍ବାଦ ଓ ସମ୍ପର୍କ ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରରେ ଶକ୍ତି ବନ୍ଦନ ରାଜ୍ୟ ସହ ସଂଯୋଜିକା ସିମନ୍ତିନୀ ଜେନା,ଶକ୍ତି ବନ୍ଦନ କାର୍ଯ୍ୟକ୍ରମର ରାଜ୍ୟ ସଂଚାଳନ କମିଟି ମେମ୍ବର ଶୋଭନା ମହାନ୍ତି,ବାଲେଶ୍ୱର ଜିଲ୍ଲା ସଂଯୋଜକ କାର୍ତ୍ତିକ ଚନ୍ଦ୍ର ଗିରି, ରେମୁଣା ସଂଯୋଜକ ପର୍ଶୁରାମ ପରିଡ଼ା ,ରେମୁଣା ନିର୍ବାଚନ ମଣ୍ଡଳୀ ନେତା ତଥା ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ରେମୁଣା ନିର୍ବାଚନ ମଣ୍ଡଳୀ ଶକ୍ତି ବନ୍ଦନ ସାଥି କମଳା ବିନ୍ଧାଣି, ମିନତୀ ସାହୁ, ଚନ୍ଦ୍ରକାନ୍ତି ବେହେରା, ବାସନ୍ତୀ ବେହେରା, ମିନାକ୍ଷୀ ମହାପାତ୍ର, ସରିତା ଗିରି ତଥା ବରିଷ୍ଠ ନେତ୍ରୀ ସୁଷମା ବିଶ୍ୱାଳ, ମମତା ମହାପାତ୍ର, ପିଙ୍କି ପ୍ରଧାନ, ସସ୍ମିତା ଚାନ୍ଦ, ମଣ୍ଡଳ ସଭାପତି ଗିରିଧାରୀ ଦାସ, କୃଷ୍ଣ ଚନ୍ଦ୍ର ସାହା, ବିଭୁତି ସେନାପତି ଇତ୍ୟାଦି ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରେମୁଣା ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତ ଓ ଘଇଉ ର ୱାର୍ଡ ମାନଙ୍କରୁ ଗଇକ, ଉଜଚ, ଠଜଚ, ବ୍ୟାଙ୍କ ମିତ୍ର, କୃଷି ମିତ୍ର, ପାଣି ମିତ୍ର ଇତ୍ୟାଦିରୁ ୫୦୦ ରୁ ଊର୍ଦ୍ଧ ମହିଳା ଗୋଷ୍ଠୀକୁ ତାଙ୍କର ପ୍ରଶଂସନୀୟ କାର୍ଯ୍ୟ ପାଇଁ ପୁଷ୍ପଗୁଚ୍ଛ ଓ ଉତ୍ତୋରୀୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ଏବଂ ପଞ୍ଚାୟତ ସ୍ତରରେ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଶକ୍ତି ସଖା, ଶକ୍ତି ସଖି ମାନଙ୍କୁ ପ୍ରେରଣା ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ନାରାୟଣ ମହାନ୍ତ, ନିତୁନ କୁମାର ସାହା, ଅମର କୁମାର ରଣା, ସୁକୁମାର ଦେ, ଅଜୟ କୁମାର ଦେ ଇତ୍ୟାଦି ପରିଚାଳନା କରିଥିଲେ।

# ଡ୍ୟାମରେ ବୁଡି ଛାତ୍ର ନିଖୋଜ

ଭୁବନେଶ୍ୱର, ୧୨/୨ (ନି.ପ୍ର): ସିଲଟିଗୁଡା ଡ୍ୟାମରେ ବୁଡି ଛାତ୍ର ନିଖୋଜ। ଛାତ୍ର ଜଣକ ହେଲେ ରାୟଗଡ ସହର ସାଇପ୍ରିୟା ନଗର ବାସିନ୍ଦା ଏବଂ ୟୁଜିଏମଆଇଟିରେ ପଢୁଥିଲେ । ଛାତ୍ର ଜଣକ ହେଲେ ଚୈତନ୍ୟ ବୟସ ୧୯ ବର୍ଷ । ଗତକାଲି ସାଙ୍ଗ ମାନଙ୍କ ସହ ଡ୍ୟାମକୁ ଯାଇ ପହଁରିବା ବେଳେ ମଝିରେ ବୁଡି ଯାଇଥିବା ସୂଚନା ମିଳିଛି । ଅଗ୍ନିଶମ ବାହିନୀ ପୋଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ ଜାରି ରଖିଛି।

# ପଞ୍ଚୁପାଲି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଲଙ୍ଗଳେଶ୍ୱର , ୧୨/୨ (ନି.ପ୍ର): ଅତୀତ ହିଁ ଗୌରବମୟ , ଅତୀତକୁ ଛାଡ଼ି ଆମେ କେବେ ଆଗକୁ ଯାଇ ପାରିବା ନାହିଁ। ଅତୀତକୁ ମନେ ପକାଇବାର ଏବେ ସମୟ ଆସିଛି ବୋଲି ସୋମବାର ବାଲିଆପାଳ ବ୍ଲକ ପଞ୍ଚୁପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଅତିଥି ମାନେ ଯୋଗ ଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ପ୍ରଧାନଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ଏହି ଉତ୍ସବରେ ଜାମଶୁଳୀ କଲେଜର ବରିଷ୍ଠ ଅଧ୍ୟାପକ ଡଃ ସୁକାନ୍ତ କୁମାର ଗିରି ମୁଖ୍ୟ ଅତିଥି, ଲତାଯୋଡ଼ି ସଂସ୍କୃତ କଲେଜ ଅଧକ୍ଷ ପ୍ରିୟବ୍ରତ ପଣ୍ଡା ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଭାବରେ ଅଧକ୍ଷ ରାଜକିଶୋର ବାରିକ, ପ୍ରାକ୍ତନ ବି ଆର ସି ସି ପଞ୍ଚାନନ ପ୍ରଧାନ, ଦୁଃଖିଶ୍ୟାମ ଦାସ,ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ମହାନ୍ତି,ସି ଆର ସି ସି ସୁକୁମାର ପଣ୍ଡା, ସରପଞ୍ଚ ଦିଲ୍ଲୀପ କୁମାର ଗିରି, ଗୋପାଳ ଚନ୍ଦ୍ର ଦାସ, ସମିତି ସଭ୍ୟ ଦୀପଙ୍କର ପ୍ରଧାନ, ସମାଜ ସେବୀ ସୁବଳ ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ରାମ ରଞ୍ଜନ ରାଉତ ମଞ୍ଚ ଆହ୍ୱାନ, ବାବୁଧର ପଡ଼ିଆରୀ ବିବରଣୀ, କବିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ତ୍ତିକ ଜେନା, ମିନତୀ ଗିରି, କବିତା ଗିରି, ଅଜୟ ଗିରି, ରାମେଶ୍ୱର ଦାସ, ହେମନ୍ତ ସାହୁ ସୁଲୋଚନା ପ୍ରଧାନ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

# ଶିବମୁନିଜୀଙ୍କର ୬୩ ତମ ଶ୍ରଦ୍ଧାଞ୍ଜଳୀ ଦିବସ ପାଳିତ




ରୂପସା , ୧୨/୨ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମରେ, ଶିବମୁନି ଜୀ ଙ୍କର ୬୩ ତମ ଶ୍ରଦ୍ଧାଞ୍ଜଳୀ ଦିବସ,ଆଶ୍ରମର କୋଷାଧ୍ୟକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନି ଜୀ ଙ୍କ ଅଧକ୍ଷତାରେ ମହା ସମାରୋହରେ ପାଳିତ ହୋଇଯାଇଛି । ପ୍ରଥମେ ସତ୍ୟ ପତାକା ଉତ୍ତୋଳନ କରିଥିଲେ, ଆଶ୍ରମର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନି ଜୀ ମହୋଦୟ। ଆଶ୍ରମର କଣ୍ଠଶିଳ୍ପୀ ଯୋଗଶିକ୍ଷୟତ୍ରୀ ଆତ୍ମଜ୍ଞାନୀ ମଞ୍ଜୁଲତା ବେହେରା ଗୁରୁ ବନ୍ଦନା ସଙ୍ଗୀତ ଗାନ କରିଥିଲେ ଏବଂ ମୁନି ସଙ୍ଗୀତ ଗାନ କରିଥିଲେ । ଆତ୍ମଜ୍ଞାନୀ ଯୋଗଶିକ୍ଷୟତ୍ରୀ କଳ୍ପନା ମିଶ୍ରୀ ମହୋଦୟା, ଶିବମୁନିଜୀ ଙ୍କ ଦର୍ଶନ ଏବଂ ସିଦ୍ଧାନ୍ତ ଉପରେ ନାତି ଦୀର୍ଘ ଆଲୋକପାତ କରିଥିଲେ। ମୁନି ସମାଜର ଯମ ନିୟମ ପାଳନ ପୂର୍ବକ ପ୍ରତିଦିନ ଯୋଗ ସାଧନ କରି କରି ଚାଲିଲେ,ତାର ପ୍ରତ୍ୟେକ ସଂକଳ୍ପ ନିଶ୍ଚୟ ଫଳବତୀ ହବା ସହିତ ଆତ୍ମ ସାକ୍ଷାତ୍ କାର ନିଶ୍ଚୟ ହେବ ଏହା ବକ୍ତାମାନେ ଦୃଢ଼ତାର ସହିତ ପ୍ରକାଶ କରିଥିଲେ । ସମୂହ ପ୍ରଣବ କରାଯାଇଥିଲା । ଶିବମୁନିଜୀ ଙ୍କ ତୈଳ ଚିତ୍ରରେ ସମସ୍ତେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ।ଉପସ୍ଥିତ ଥିଲେ ,ମୁନିମତୀ ଯମୁନା ପାତ୍ର, ମୁନିମତୀ ଶକୁନ୍ତଳା ପରିଡ଼ା, ମୁନିମତୀ ସୁମତୀ ବେହେରା, ମୁନିମତୀ ଯମୁନା ବର, ମୁନିମତୀ ପ୍ରମିଳା ବର , ମୁନି କୁମାରୀ ମିନତୀ ଦଳାଇ,ମୁନି ସତ୍ୟ ସେନାପତି, ମୁନି କୁମାର ତାପସ ପ୍ରମୁଖ। ଶେଷରେ ଆଶ୍ରମର ସମ୍ପାଦକ ଆତ୍ମଜ୍ଞାନୀ ଯୋଗୀ ରାମଚନ୍ଦ୍ର ବେହେରା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଡିହିରାକୁଳରେ ଗୁରୁଜନ ପୂଜନ ଉତ୍ସବ ଅନୁଷ୍ଠିତ



ଉଦଳା , ୧୨/୨ (ନି.ପ୍ର): ଉଦଳା ପଂଚାୟତ ସମିତିର ରାଢ଼ୋ ପଂଚାୟତ ଅନ୍ତର୍ଗତ ଗ୍ରାମ ଡ଼ିହିରାକୁଳରେ ପ୍ରତିବର୍ଷ ପରି ଚଳିତ ବର୍ଷ ଫେବୃଆରୀ ୧୧ ତାରିଖ ରବିବାର ଦିନ ଆନନ୍ଦ ଉଲ୍ଲାସ ମଧ୍ୟରେ ଗୁରୁଜନ ପୂଜନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ସଂସ୍କୃତି ସମ୍ପନ୍ନ ଗ୍ରାମ ଡ଼ିହିରାକୁଳରେ ଏହି ଭଳି ନିଆରା ପରମ୍ପରା, ପର୍ବ ପର୍ବାଣି ଓ ଉତ୍ସବ ମାନ ଅନୁଷ୍ଠିତ ହେଉଥିବାରୁ ଆଜି ସମଗ୍ର ଓଡ଼ିଶାରେ ଏହି ଗ୍ରାମ ଏକ ଆଦର୍ଶ ଗ୍ରାମ ଭାବରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି କାର୍ଯ୍ୟକ୍ରମ ସଂଯୋଜକ ରମେଶ ଚନ୍ଦ୍ର ପୃଷ୍ଟି ବ୍ୟକ୍ତ କରିଥିଲେ । ଚଳିତ ବର୍ଷ ଏହି କାର୍ଯ୍ୟକ୍ରମରେ ମୟୂରଭଂଜ ମହାରାଜା ପ୍ରବିଣ ଚନ୍ଦ୍ର ଭଂଜଦେଓ ଓ ମହାରାଣୀ ଲକ୍ଷ୍ମୀ ରାଜ୍ୟ ଲକ୍ଷ୍ମୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମ ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପଂଶଂସା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ, କପ୍ତିପଦା ଉପଜିଲ୍ଲାପାଳ ଶୁଶାନ୍ତ କୁମାର ବାରିକ, ଭଦ୍ରକ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ବିଶ୍ୱଜିତ ନାୟକ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ଏହି ପରମ୍ପରା ଆଜିର ନୁହେଁ ଅତିତରେ ରାଜା ଶାସନ ଚାଲିଥିବା ସମୟରେ ରାଜା ନିଜେ କିପରି ନିଜର ପିତା, ମାତା ଓ ଗୁରୁଙ୍କର ଆର୍ଶିବାଦ ଭିକ୍ଷା କରୁଥିଲେ । ଏହା ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ । ଆଜିର ପଥ ଭ୍ରଷ୍ଟ ଯୁବକ ମାନଙ୍କୁ ଏହି କାର୍ଯ୍ୟକ୍ରମ ଉପଯୁକ୍ତ ଶିକ୍ଷା ଦେବ ବୋଲି ବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହିତ ମଂଚ ପରିଚାଳନା ଦାୟିତ୍ୱ ପାୟଲ ନାୟକ ତୁଲାଇ ଥିବା ବେଳେ ସର୍ବେଶ୍ୱର ହାତୀ, ମଧୁସୁଦନ ହାତୀ, ଗଣେଶ୍ୱର ବେହେରା, ଜୟନ୍ତ କୁମାର ବେହେରା ସହଯୋଗ କରିଥିଲେ ।

# ପଂଚଭୂତରେ ବିଲୀନ ହେଲେ ସାତକଡି ହୋତା

ଭୁବନେଶ୍ୱର, ୧୨/୨ (ନି.ପ୍ର): ପଂଚଭୂତରେ ବିଲୀନ ହେଲା ସାତକଡି ହୋତାଙ୍କ ପାର୍ଥିବ ଶରୀର । ସ୍ୱର୍ଗଦ୍ୱାରରେ ବରିଷ୍ଠ ସାହିତ୍ୟିକ ସାତକଡି ହୋତାଙ୍କ ଅନ୍ତିମ ସଂସ୍କାର କରାଯାଇଛି । ଜିଲ୍ଲାପାଳ ବିଜୟ କୁମାର ଦାସଙ୍କ ସହ ବରିଷ୍ଠ ପ୍ରଶାସନିକ ଅଧିକାରୀ ମାନଙ୍କ ଉପସ୍ଥିତିରେ ଶେଷକୃତ୍ୟ ସଂପନ୍ନ ହୋଇଛି । ତୋପ ସଲାମି ପରେ ବଡ଼ପୁଅ ସଂଜୀବ ହୋତା ମୁଖାଗ୍ନି ଦେଇଥିଲେ। ଗତକାଲି ବରିଷ୍ଠ ସାହିତ୍ୟିକ ସାତକଡି ହୋତାଙ୍କ ପରଲୋକ ହୋଇଥିଲା । ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ଥିଲେ ସାତକଡି ହୋତା।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo